# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୦/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, April 10/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 135 | ମୂଲ୍ୟ ₹୭/-



DSPL-22



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
ଓଡ଼ିଶା ସରକାର



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ

## ଆସନ୍ତାକାଲି ଠାରୁ ଲାଗୁ ହେବାକୁ ଯାଉଛି

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା

- ହିତାଧିକାରୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏ.ବି.ପିଏମ୍.ଜେଏ.ୱାଇ - ଜି.ଜେଏ.ୱାଇ କାର୍ଡ଼
- ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ରାଜ୍ୟର ୧.୦୩ କୋଟିରୁ ଉର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସେବା
- ଦେଶର ୨୯,000 ରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0045/2425

# ୨ ମହାଶକ୍ତି ମୁହାଁମୁହିଁ





ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜରେ କମ୍ପାନୀଗୁଡ଼ିକର ଶେୟାର ତଳକୁ ଖସୁଥିବା ଦେଖି ଚିନ୍ତାରେ ଜଣେ ଟ୍ରେଡର।

## ତେଜିଲା ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ

**ଆମେରିକା ଓ ଚାଇନା ପରସ୍ପର ଉପରେ ଉଚ୍ଚ ଟାରିଫ୍ ଘୋଷଣା କରିବା ପରେ ବାଣିଜ୍ୟ ଯୁଦ୍ଧ ତେଜିଛି। ବାଣିଜ୍ୟିକ କାରବାର କ୍ଷେତ୍ରରେ ଦୁଇ ମହାଶକ୍ତି ମୁହାଁମୁହିଁ ହୋଇଥିବାରୁ ଏହାର ପ୍ରଭାବ କେବଳ ଏହି ୨ ଦେଶ ମଧ୍ୟରେ ସୀମିତ ନ ରହି ବୈଶ୍ୱିକ ବଜାର ଉପରେ ପଡ଼ିବ ବୋଲି ଅର୍ଥନୀତି ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି।**

ୱାଶିଂଟନ୍/ବେଜିଂ,୯।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଜାନୁଆରୀରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠାରୁ ଜାତୀୟ ସ୍ୱାର୍ଥର ଦ୍ୱାହି ଦେଇ ନେଇଚାଲିଥିବା ପଦକ୍ଷେପଗୁଡ଼ିକ ମଧ୍ୟରୁ ରେସିପ୍ରୋକାଲ୍ ଟାରିଫ୍ ଅନ୍ୟତମ। ଆମେରିକା ଅନ୍ୟ ଦେଶଗୁଡ଼ିକ ଉପରେ ସ୍ୱଳ୍ପ ଆମଦାନୀ ଶୁଳ୍କ ଲଗାଉଥିବାବେଳେ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକ ଅତ୍ୟଧିକ ଟିକସ କଷୁଥିବାରୁ ଆମେରିକାର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବା ଟ୍ରମ୍ପ ଯୁକ୍ତି ବାଢ଼ିଛନ୍ତି। ଟ୍ରମ୍ପ ଅନେକ ଦେଶ ଉପରେ ପାଲଟା ଶୁଳ୍କ ଲଗାଇ ନିଜ ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି କ୍ରମେ ସେ ଚାଇନାରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ୧୦୪% ଟିକସ ଲଗାଇଛନ୍ତି। ଚାଇନା ଏହାର ଜବାବରେ ସବୁ ପ୍ରକାର ଆମେରିକୀୟ ସାମଗ୍ରୀ ଉପରେ ୮୪% ଟାରିଫ୍ ଘୋଷଣା କରିଛି, ଯାହାକି ଏପ୍ରିଲ ୧୦ ଗୁରୁବାରଠାରୁ ଲାଗୁହେବ। ଚାଇନା ଅଧିକାରୀମାନେ ଏହି ଲଢ଼େଇ ଶେଷ ପର୍ଯ୍ୟନ୍ତ ଲଢ଼ିବା ପାଇଁ ପଣ କରିଛନ୍ତି। ଏତିକି ନୁହେଁ, ଆବଶ୍ୟକ ହେଲେ ଆମେରିକା ବିରୋଧରେ ଆହୁରି କଠୋର ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ଉଭୟ ଦେଶ ପକ୍ଷରୁ ପରସ୍ପର ଉପରେ ଏପରି କାର୍ଯ୍ୟାନୁଷ୍ଠାନ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏଥିଲାଗି ବିଶ୍ୱର ପୁଞ୍ଜିବଜାର ମଧ୍ୟ ଦୋହଲିଯାଇଛି। ଜର୍ମାନୀର ଡିଏକ୍ସ ୩.୮% ଖସିଥିବାବେଳେ ଆମେରିକାର ଡୋ ଜୋନ୍ସ ଇଣ୍ଡଷ୍ଟ୍ରିଆଲ ଏଭାରେଜ୍ ୦.୭% ନିମ୍ନଗାମୀ ହୋଇଛି। ଘରୋଇ ହସ୍ତକ୍ଷେପ ଯୋଗୁ ଚାଇନା ବଜାରରେ କିଛିଟା ସ୍ଥିରତା ଦେଖିବାକୁ ମିଳିଥିବା ସତ୍ତ୍ୱେ ଏସିଆ ମାର୍କେଟ ତଳମୁହାଁ ହୋଇ ରହିଛି। ଏଭଳି ସ୍ଥଳେ ପେଟ୍ରୋଲ, ଡିଜେଲର ବୈଶ୍ୱିକ ଚାହିଦା ହ୍ରାସ ପାଇବା ଆଶଙ୍କାରେ ଅଏଲ୍ ପ୍ରାଇସ୍ ୨୦୨୧ ଫେବୃଆରୀ ସ୍ତରକୁ କମିଯାଇଛି। ଏହି ବାଣିଜ୍ୟିକ ଯୁଦ୍ଧ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକରେ ମାନ୍ଦାବସ୍ଥା ଆସିବା ନେଇ ଭୟ ସୃଷ୍ଟି କରିଛି। ବିଶେଷଜ୍ଞମାନେ ଯୁକ୍ତି ବାଢ଼ିଛନ୍ତି, ଗଭୀର ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ। ଚାଇନାକୁ ସାମଗ୍ରୀ ବ୍ୟବହାର ବୃଦ୍ଧି କରିବାକୁ ପଡ଼ିବ। ସେହିପରି ଆମେରିକାକୁ ମଧ୍ୟ ବର୍ତ୍ତମାନର ବାଣିଜ୍ୟିକ ଅସନ୍ତୁଳନକୁ ଦୂର କରିବାକୁ ପଡ଼ିବ। ତେବେ ଏଭଳି ଢାଞ୍ଚାଗତ ପରିବର୍ତ୍ତନର ସୁଫଳ ମିଳିବା ପାଇଁ ସମୟ ଓ ସମନ୍ୱିତ ସଂସ୍କାର ଲୋଡ଼ା।

## ବିଶ୍ୱ ବଜାର ପ୍ରଭାବିତ

**ଟ୍ରେଡ୍ ୱାର୍‌ରେ କେହି ବିଜୟୀ ହୁଅନ୍ତି ନାହିଁ**

ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ୨୦୧୮ ଜୁଲାଇରେ ଆରମ୍ଭ ହୋଇଥିଲା। ସେତେବେଳେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିଲେ। ଚାଇନା ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ୫୫୦ ବିଲିୟନ୍ ଡଲାର ଟାରିଫ୍ କଷିଥିବାବେଳେ ବେଜିଂ ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ୧୮୫ ବିଲିୟନ୍ ଡଲାର ଶୁଳ୍କ ଲଗାଇଥିଲା। ୨୦୨୦ରେ ଟ୍ରେଡ୍ ଡିଲ୍ ସମ୍ପନ୍ନ ହୋଇଥିଲା। ଜୋ ବାଇଡେନ୍ ପ୍ରଶାସନ ବେଳେ ଦୁଇଦେଶର ସମ୍ପର୍କରେ କିଛିଟା ଉନ୍ନତି ଆସିଥିଲା। ତେବେ ରିପବ୍ଲିକାନ୍ ଟ୍ରମ୍ପ ପୁନଃ ନିର୍ବାଚିତ ହୋଇ ୨୦୨୫ ଜାନୁଆରୀ ୨୦ରେ ଦ୍ୱିତୀୟ ଥର କ୍ଷମତାକୁ ଅସିବା ପରେ ଚାଇନା ସାମଗ୍ରୀ ଉପରେ ୩୪% ଟାରିଫ୍ ଘୋଷଣା କରିଥିଲେ। ଏହାର ଜବାବରେ ଚାଇନା ପ୍ରଥମେ ଆମେରିକା ଉପରେ ୫୦% ଟାରିଫ୍ ଲଗାଇଥିଲା। ଟ୍ରମ୍ପ ଚାଇନା ଉପରେ ଆହୁରି ୫୦% ଟାରିଫ୍ ଲଗାଇବା ପରେ ବେଜିଂ ମଧ୍ୟ ଅନୁରୂପ ପଦକ୍ଷେପ ନେବାକୁ ଯାଇ ଅତିରିକ୍ତ ୫୦% ଟାରିଫ୍ ଘୋଷଣା କରିଛି। ୨ ମହାଶକ୍ତିଙ୍କ ଏହି ଯେସାକୁ ତେସା ନୀତିର ଦୁଷ୍ପରିଣାମ ଏବେ ବୈଶ୍ୱିକ ଅର୍ଥନୀତିକୁ ପ୍ରଭାବିତ କରିବା ସହ ଅସ୍ଥିରତା ସୃଷ୍ଟି କରିଛି। ଆମେରିକା ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ଚାଇନା ଅଚଳାବସ୍ଥା ଦୂର ପାଇଁ ଆଲୋଚନାର ଟେବୁଲକୁ ଆସିବା ଉଚିତ। ବେଜିଂର ପଦକ୍ଷେପ ଦୁର୍ଭାଗ୍ୟଜନକ। ଟ୍ରେଡ୍ ୱାର୍‌ରେ କେହି ବିଜୟୀ ହୁଅନ୍ତି ନାହିଁ।

## ଭାରତକୁ ମାଡ଼ିଆସୁଛି ଆର୍ଥିକ ଝଡ଼: ରାହୁଲ

ଅହମଦାବାଦ,୯।୪

ଭାରତକୁ ଏକ ଆର୍ଥିକ ଝଡ଼ ମାଡ଼ିଆସୁଛି ବୋଲି ଅହମଦାବାଦରେ ଚାଲିଥିବା ଏଆଇସିସି ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସତର୍କ କରାଇଛନ୍ତି। ଆମେରିକା ପକ୍ଷରୁ ଭାରତ ଉପରେ ଲଗାଯାଇଥିବା ଉଚ୍ଚ ଟାରିଫ୍ ପ୍ରସଙ୍ଗରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୋଦି ବନ୍ଧୁ ବୋଲି କହୁଛନ୍ତି। ମୋଦିଙ୍କ ଆମେରିକା ଗସ୍ତବେଳେ ଟ୍ରମ୍ପଙ୍କୁ ସେ ଆଲିଙ୍ଗନ କରିବା ସମୟରେ ଫଟୋ କେହି ଦେଖିଛନ୍ତି? ଟ୍ରମ୍ପ ମୋଦିଙ୍କୁ କହିଥିଲେ, ଏଥର ଆଲିଙ୍ଗନ ନୁହେଁ, ନୂଆ ଟାରିଫ୍ ଜାରି କରିବି। କିନ୍ତୁ ମୋଦିଙ୍କ ପାଟିରୁ ଗୋଟିଏ ବି ଶବ୍ଦ ବାହାରି ନ ଥିଲା।

## ନାଇଟ୍ କ୍ଲବ୍‌ର ଛାତ ଭୁଶୁଡ଼ି ୧୧୩ ମୃତ

ସାଣ୍ଟୋ ଡୋମିଙ୍ଗୋ, ୯।୪

କାରିବିଆନ୍ ଦେଶ ଡୋମିନିକନ୍ ରିପବ୍ଲିକର ରାଜଧାନୀ ସାଣ୍ଟୋ ଡୋମିଙ୍ଗୋସ୍ଥିତ ଜେଟ୍ ସେଟ୍ ନାଇଟ୍ କ୍ଲବ୍‌ର ଛାତ ମଙ୍ଗଳବାର ଅଚାନକ ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ଜେଟ୍ ସେଟ୍ ନାଇଟ୍ କ୍ଲବ୍‌ରେ ଲାଇଭ୍ ମ୍ୟୁଜିକ ପର୍ଫମାନ୍ସ ଚାଲିଥିଲା, ଫଳରେ ସେଠାରେ ବିରାଟ ଜନସମାଗମ ରହିଥିଲା। ବୁଧବାର ସୁଦ୍ଧା ଏହି ଦୁର୍ଘଟଣାରେ ୧୧୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୫୫ ଜଣ ଅଧିକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ସାଣ୍ଟୋ ଡୋମିଙ୍ଗୋସ୍ଥିତ ଜରୁରିକାଳୀନ ଅପରେଶନ ସେଣ୍ଟରର ନିର୍ଦ୍ଦେଶକ ଜୁଆନ୍ ମାନୁଏଲ ମେଣ୍ଡେଜ୍ କହିଛନ୍ତି। ବର୍ତ୍ତମାନ ସୁଦ୍ଧା କେବଳ ୩୨ ମୃତକଙ୍କ ପରିଚୟ ମିଳିପାରିଥିବା ସେ କହିଛନ୍ତି।

## ନର୍ସିଂହୋମ୍‌ରେ ନିଆଁ, ୨୦ ମୃତ

ବେଜିଂ, ୯।୪

ଉତ୍ତର ଚାଇନାର ହାବେଇ ପ୍ରଦେଶ ଅନ୍ତର୍ଗତ ଚେଙ୍ଗଦେ ସହରର ଲୋଙ୍ଗହୁଆ କାଉଣ୍ଟିସ୍ଥିତ ଏକ ନର୍ସିଂହୋମ୍‌ରେ ନିଆଁ ଲାଗିବାରୁ ୨୦ ଜଣଙ୍କର ମୃତ୍ୟୁ ହୋଇଛି। ଏନେଇ ବେଜିଂସ୍ଥିତ ସରକାରୀ ସମାଚାର ଏଜେନ୍ସି ସିନ୍‌ହୁଆ ସୂଚନା ଦେଇଛି। ରାଜଧାନୀ ବେଜିଂଠାରୁ ୧୮୦ କି.ମି. ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ ଏହି ନର୍ସିଂହୋମରେ ଘଟିଥିବା ଅଗ୍ନିକାଣ୍ଡରେ କେତେଜଣ ଆହତ ହୋଇଛନ୍ତି, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ସ୍ଥାନୀୟ ଅଗ୍ନିଶମ ବାହିନୀର ଅନେକ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଏହି ନର୍ସିଂହୋମ୍‌ରେ ନିଆଁ କିପରି ଲାଗିଲା, ସେନେଇ ତଦନ୍ତ ଜାରି ରହିଛି ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି।

## ମେ' ୯ରେ ରୁଷିଆ ବିଜୟ ଦିବସ ପରେଡ୍: ଯୋଗଦେବା ପାଇଁ ମୋଦିଙ୍କୁ ନିମନ୍ତ୍ରଣ

ମସ୍କୋ,୯।୪

ରୁଷିଆରେ ମେ' ୯ରେ ପାଳିତ ହେବାକୁ ଥିବା ୮୦ତମ ବିଜୟ ଦିବସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମସ୍କୋ ନିମନ୍ତ୍ରଣ କରିଛି। ଏନେଇ ରୁଷିଆର ବହିର୍ବ୍ୟାପାର ଉପମନ୍ତ୍ରୀ ଆଣ୍ଡ୍ରୁ ରୁଡେଙ୍କୋ ବୁଧବାର ସୂଚନା ଦେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ୧୯୪୫ ଜାନୁଆରୀରେ ସୋଭିଏତ୍ ଆର୍ମି ଜର୍ମାନୀ ଉପରେ ଆକ୍ରମଣ କରିଥିଲା। ମେ' ୯ରେ ସୋଭିଏତ୍ ସଂଘ ବିଜୟ ହାସଲ କରିଥିଲା। ଜର୍ମାନୀ ସୋଭିଏତ୍ ୟୁନିୟନ୍ ନିକଟରେ ନିଃସର୍ତ୍ତ ଆତ୍ମସମର୍ପଣ ସକାଶେ ଏକ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ଯୁଦ୍ଧାବସାନ ହୋଇଥିଲା। ଏହାର ୮୦ତମ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଥିବାରୁ ମସ୍କୋ ମୋଦିଙ୍କୁ ଏଥିରେ ଅତିଥି ରୂପେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛି।

## କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୯।୪

**ଦୁର୍ଘଟଣା ପୀଡ଼ିତଙ୍କୁ ନଗଦବିହୀନ ଚିକିତ୍ସାରେ ବିଳମ୍ବ**

ମୋଟର ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ନଗଦବିହୀନ ଚିକିତ୍ସାରେ ବିଳମ୍ବକୁ ନେଇ ବୁଧବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହାସହ ଆସନ୍ତା ଏପ୍ରିଲ ୨୮ ମଧ୍ୟରେ ଏନେଇ ସ୍ପଷ୍ଟୀକରଣ ରଖିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ସଚିବଙ୍କୁ ସମନ ଜାରି କରିଛନ୍ତି। ଗତ ଜାନୁଆରୀ ୮ରେ ମୋଟର ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ନଗଦବିହୀନ ଚିକିତ୍ସା ନେଇ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ କେନ୍ଦ୍ର ସରକାର ଅନୁପାଳନ କରି ନ ଥିବା କହି ଶୁଣାଣି ସମୟରେ ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୁୟାନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆପତ୍ତି ପ୍ରକାଶ କରିଛନ୍ତି।

## ପଥଚାରୀଙ୍କୁ କାର୍‌ରେ ମଡ଼ାଇଲେ କଂଗ୍ରେସ ନେତା, ୩ ମୃତ

ଜୟପୁର, ୯।୪

ରାଜସ୍ଥାନର ରାଜଧାନୀ ଜୟପୁରରେ ଏକ ହିଟ୍ ଆଣ୍ଡ ରନ୍ ମାମଲା ସାମ୍ନାକୁ ଆସିଛି। ଜୟପୁର ଜିଲା କଂଗ୍ରେସ କମିଟିର ଉପାଧ୍ୟକ୍ଷ ଉସ୍‌ମାନ ଖାନ୍ ନିଜ ଏସ୍‌ୟୁଭି କାର୍‌ରେ ଏମ୍‌ଆଇ ରୋଡ୍‌ରୁ ନାହରଗଡ଼ ରୋଡ୍ ମଧ୍ୟରେ ତୀବ୍ର ବେଗରେ ଗାଡ଼ି ଚଳାଇ ୧୦ ପଥଚାରୀଙ୍କୁ ମଡ଼ାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଘଟଣା ସମ୍ପର୍କରେ ଖବର ପାଇ ଉସ୍‌ମାନଙ୍କୁ ଗିରଫ କରିଛି। ସେ ମଦ୍ୟପାନ କରି କାର୍ ଚଳାଉଥିଲେ ବୋଲି ପୋଲିସ କହିଛି। ସମସ୍ତ ଆହତଙ୍କୁ ଜୟପୁରର ସୱାଇ ମାନସିଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ୩ ମୃତକଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦିଆଯିବ ବୋଲି ରାଜସ୍ଥାନ ସରକାର ଘୋଷଣା କରିଛନ୍ତି। ତେବେ ଏହି ଘଟଣା ପରେ କଂଗ୍ରେସ ଦଳ ଉସ୍‌ମାନଙ୍କୁ ଜୟପୁର ଜିଲା କଂଗ୍ରେସ କମିଟିର ଉପାଧ୍ୟକ୍ଷ ପଦରୁ ହଟାଇବା ସହ ତାଙ୍କୁ ଦଳରୁ ବହିଷ୍କୃତ ମଧ୍ୟ କରିଛି।



ଉସ୍‌ମାନ ଖାନ୍

## ୧୨ ହଜାର ବର୍ଷ ପରେ ଫେରିଲା ଡାୟାର ୱୁଲ୍ଫ

ୱାଶିଂଟନ, ୯।୪

ଆମେରିକାର ବୈଜ୍ଞାନିକମାନେ ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ୧୨ ହଜାର ବର୍ଷ ତଳେ ବିଲୁପ୍ତ ହୋଇଯାଇଥିବା ଡାୟାର ୱୁଲ୍ଫ (ଆମେରିକାରେ ଦେଖାଯାଉଥିବା ଏକ ପ୍ରଜାତିର ଗଧିଆ) ପରି ୩ଟି ଗଧିଆ ଶାବକ ସୃଷ୍ଟି କରିଛନ୍ତି। ଏହି ଶାବକମାନେ ଏବେ ୬ ମାସର ହୋଇଥିବାବେଳେ ସେମାନଙ୍କୁ ଏକ ଗୁପ୍ତ ଏବଂ ନିରାପଦ ସ୍ଥାନରେ ରଖାଯାଇଛି। ବିଲୁପ୍ତ ପ୍ରଜାତିଙ୍କୁ ପୁନଃ ପ୍ରବର୍ତ୍ତନ କରିବା ପାଇଁ କାର୍ଯ୍ୟ କରୁଥିବା ଆମେରିକାର ଟେକ୍ସାସ୍ସ୍ଥିତ ବାୟୋ ଟେକ୍ନୋଲୋଜି କମ୍ପାନୀ କୋଲୋସଲ୍ ବାୟୋ ସାଇନ୍ସେସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।



ଡାୟାର ୱୁଲ୍ଫ ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ କହିଛନ୍ତି, ଏହି ୩ ଗଧିଆ ଶାବକଙ୍କ ନାମ ରୋମୁଲସ, ରେମସ ଏବଂ ଖଲିସି ରଖାଯାଇଛି। ସେମାନଙ୍କର କେଶ ଲମ୍ବା ଏବଂ ଧଳା ରହିଛି। କୋଲୋସଲର ମୁଖ୍ୟ ବୈଜ୍ଞାନିକ ବେଥ୍ ସାପିରୋ କହିଛନ୍ତି, ବୈଜ୍ଞାନିକମାନେ ପ୍ରାଚୀନ ଜୀବାଶ୍ମରୁ ଡାୟାର ୱୁଲ୍ଫର ଡିଏନ୍ଏ ବାହାର କରିଥିଲେ। ଆମେରିକାର ଓହିୟୋରୁ ମିଳିଥିବା ଡାୟାର ୱୁଲ୍ଫର ୧୨ ହଜାର ବର୍ଷର ପୁରୁଣା ଦାନ୍ତ ଏବଂ ଇଦାହୋରୁ ମିଳିଥିବା ୭୨ ହଜାର ବର୍ଷର ପୁରୁଣା ଖପୁରି ଖଣ୍ଡରୁ ଗଧିଆଙ୍କ ଏହି ବିଲୁପ୍ତ ପ୍ରଜାତିର ବିଶେଷ ଗୁଣ ସମ୍ପର୍କରେ ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ।

**ଫୁରସତ୍**

## ଇଣ୍ଡୋନେସିଆର ରାଜଧାନୀ ପରିକଳ୍ପନାକୁ ମୂଷା ବିପଦ





ନୁସ୍‌ନ୍ତାରା

ବୋର୍ନିଓ ଦ୍ୱୀପର ପୂର୍ବ ଉପକୂଳରେ ଥିବା ନୁସ୍‌ନ୍ତାରା ସହରକୁ ଇଣ୍ଡୋନେସିଆ ନିଜ ଭବିଷ୍ୟତର ରାଜଧାନୀ ଭାବେ ଗଢ଼ି ତୋଳିବାକୁ ପ୍ରୟାସ କରୁଛି। ତେବେ ସମ୍ପ୍ରତି ନୁସ୍‌ନ୍ତାରା ସହରକୁ ମୂଷା ବିପଦ ଘାରିଥିବାର ରିପୋର୍ଟ ପ୍ରକାଶ ପାଇଛି।

ନୁସ୍‌ନ୍ତାରା ରାଜଧାନୀ ପରିକଳ୍ପନା ପ୍ରାଧିକରଣର ଡେପୁଟି ମ୍ୟାନେଜର ଥୋମସ ଉମ୍ବୁ ପତି ତେନା କହିଛନ୍ତି, ନୁସ୍‌ନ୍ତାରାରେ ମୂଷାଙ୍କ ପ୍ରକୋପ ବଢୁଥିବା ନେଇ ଅଧିକାରୀମାନେ ସଚେତନ ଅଛନ୍ତି ଏବଂ ସେମାନେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଭବିଷ୍ୟତର ଇଣ୍ଡୋନେସିଆ ରାଜଧାନୀକୁ ମୂଷାଙ୍କ ଦାଉରୁ ରକ୍ଷା କରିବା ପାଇଁ ସ୍ଥାନୀୟ ଅଧିକାରୀମାନେ ନୁସ୍‌ନ୍ତାରା ସହରର ମୁଖ୍ୟ ସରକାରୀ ଅଞ୍ଚଳରେ ଶତାଧିକ ଯନ୍ତା ବସାଇଛନ୍ତି।

କିଛିଦିନ ତଳେ ଇଦ୍ ଛୁଟିରେ ଇଣ୍ଡୋନେସିଆର ବିଭିନ୍ନ ସ୍ଥାନ ସମେତ ବାହାର ଦେଶର ପର୍ଯ୍ୟଟକମାନେ ନୁସ୍‌ନ୍ତାରାକୁ ଭ୍ରମଣ ପାଇଁ ଆସିଥିବା ବେଳେ ସହରରେ ମୂଷାଙ୍କ ପ୍ରକୋପ ସାମାନ୍ୟଠାରୁ ଅଧିକ ଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଥୋମସ କହିଛନ୍ତି, ନୁସ୍‌ନ୍ତାରା ରାଜଧାନୀ ପ୍ରକଳ୍ପର ଅଧିକାଂଶ ଅଞ୍ଚଳ ପୂର୍ବରୁ ଜଙ୍ଗଲ ସହ ପାହାଡ଼ିଆ ଅଞ୍ଚଳ ଥିଲା। ସେତେବେଳେ ଏହି ଜଙ୍ଗଲ ଭୂମିରେ ମୂଷାଙ୍କ ଅନେକ ବସା ରହିଥିଲା। ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ବିଷ ଏବଂ ଯନ୍ତା ପକାଇ ସାରିଛନ୍ତି। ସେହିପରି ଖୁବ୍‌ଶୀଘ୍ର ସ୍ଥାନୀୟ ସ୍ୱାସ୍ଥ୍ୟ ଟିମ୍ ସହରରେ ଅଧିକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ। ସହରରେ ବଢୁଥିବା ମୂଷା ସମସ୍ୟା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ପର୍ଯ୍ୟଟକଙ୍କ ଦ୍ୱାରା ବର୍ଜ୍ୟବସ୍ତୁ ନିଷ୍କାସନକୁ ଥୋମସ ଦାୟୀ କରିଛନ୍ତି।

ନୁସ୍‌ନ୍ତାରାକୁ ଭ୍ରମଣରେ ଆସିଥିବା ପର୍ଯ୍ୟଟକ ଭିଆ ଏବଂ ସାରା କହିଛନ୍ତି, ପ୍ରାରମ୍ଭରେ ଜଙ୍ଗଲ ମଧ୍ୟରେ ଅବସ୍ଥିତ ନୁସ୍‌ନ୍ତାରାର ଆକର୍ଷଣୀୟ ସ୍ଥାପତ୍ୟ ଦ୍ୱାରା ସେମାନେ ପ୍ରଭାବିତ ହୋଇଥିଲେ, କିନ୍ତୁ ପରେ ପ୍ଲାଷ୍ଟିକ୍ ବୋତଲ ପରି ଆବର୍ଜନା ଏହି ସହରର ଅନେକ ସ୍ଥାନରେ ଏଣେତେଣେ ପଡ଼ିଥିବାର ଦେଖି ସେମାନେ ନିରାଶ ହୋଇଥିଲେ।

## ଆଇଏସ୍ଏସ୍‌ରେ ୩ ମହାକାଶଚାରୀ

ମସ୍କୋ

ଆମେରିକୀୟ ମହାକାଶ ସଂସ୍ଥା (ନାସା) ମହାକାଶଚାରୀ ଜନି କିମ୍‌ଙ୍କ ସହ ରୁଷୀୟ ମହାକାଶ ସଂସ୍ଥା (ରୋସ୍କୋସ୍‌ମୋସ୍)ର ୨ ମହାକାଶଚାରୀ ସର୍ଗି ରିଜିକୋଭ ଓ ଆଲେକ୍ସି ଜୁବ୍ରିଟସ୍କି ମଙ୍ଗଳବାର ଏକ ରୁଷୀୟ ମହାକାଶ ଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ପହଞ୍ଚିଛନ୍ତି। ରୁଷିଆର 'ସୋୟୁଜ୍ ଏମ୍ଏସ୍-୨୭' ମିଶନ ଅନ୍ତର୍ଗତ କାଜଖସ୍ତାନସ୍ଥିତ ବୈକୋନୁର ପ୍ରକ୍ଷେପଣ କେନ୍ଦ୍ରରୁ ଏହି ୩ ଆଷ୍ଟ୍ରୋନଟ୍‌ଙ୍କୁ ଧରି ସୋୟୁଜ୍ ବୁଷ୍ଟର ରକେଟ ଉଡ଼ାଣ ଭରିଥିଲା। ଆଇଏସ୍ଏସ୍‌ରେ ଏହି ୩ ମହାକାଶଚାରୀ ପ୍ରାୟ ୮ ମାସ ବିତାଇବେ। ରୋସ୍କୋସ୍‌ମୋସ୍ ପକ୍ଷରୁ କୁହାଯାଇଛି, ଭବିଷ୍ୟତର ମହାକାଶ ମିଶନ ପାଇଁ କ୍ରିଉ ସଦସ୍ୟଙ୍କୁ ପ୍ରସ୍ତୁତ ହେବା ପାଇଁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ୩ ଆଷ୍ଟ୍ରୋନଟ ଆଇଏସ୍ଏସ୍‌ରେ ବିଭିନ୍ନ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ପରୀକ୍ଷଣ କରିବେ।

**ରୁଷିଆର ମିଶନ 'ସୋୟୁଜ୍ ଏମ୍ଏସ୍-୨୭'**



ନାସା ମହାକାଶଚାରୀ ଜନି କିମ୍ (ବାମ)ଙ୍କ ସହ ରୋସ୍କୋସ୍‌ମୋସ୍'ର ୨ ମହାକାଶଚାରୀ ସର୍ଗି ରିଜିକୋଭ ଓ ଆଲେକ୍ସି ଜୁବ୍ରିଟସ୍କି।

ଯଦି ସବୁ କିଛି ଯୋଜନା ଅନୁସାରେ ରୁହେ, ତେବେ ଏହି ୩ ଆଷ୍ଟ୍ରୋନଟ୍ ଆସନ୍ତା ଡିସେମ୍ବରରେ ପୃଥିବୀ ଫେରିବେ ବୋଲି ରୋସ୍କୋସ୍‌ମୋସ୍ କହିଛି।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୦/୨୦୨୫ | Bhubaneswar, Thursday, April 10/2025 | ପୃଷ୍ଠା-୧




**'ଫୁଲେ' ଫିଲ୍ମକୁ ନେଇ ବିବାଦ**

ଅଭିନେତା ପ୍ରତୀକ ଗାନ୍ଧୀ ଓ ଅଭିନେତ୍ରୀ ପତ୍ରଲେଖାଙ୍କର ଫିଲ୍ମ 'ଫୁଲେ'କୁ ନେଇ ବିବାଦ ଦେଖାଦେବାରୁ ଏହାର ରିଲିଜ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

୦୨

୧୪

**ଅପରାଜିତା ମହିଳା ଫେୟାର ପ୍ଲେ ଏକ୍ସପର୍ଟ**

ଫିଡେ ପକ୍ଷରୁ ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଚ୍ଛିକାରଙ୍କୁ ସମ୍ମାନଜନକ ଫେୟାର ପ୍ଲେ ଏକ୍ସପର୍ଟ ଉପାଧିରେ ସମ୍ମାନିତ କରାଯାଇଛି।





ଦିଲ୍ଲୀରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିବାବେଳେ ତାତିରୁ ବର୍ତ୍ତିବା ପାଇଁ ଜଣେ ବାଳକ ଯମୁନା ନଦୀ କୂଳରେ ନିଜ ଦେହରେ କାଦୁଅ ବୋଳି ହୋଇଛନ୍ତି। **(ଫଟୋ-ଗାର୍ଡିଆନ୍)**

# ମନୋଜ ପରିଡ଼ା ମୁଖ୍ୟ ସୂଚନା ଆୟୁକ୍ତ

## ପ୍ରଣବିନ୍ଦୁ, କଳ୍ପନା, ପବିତ୍ର ସୂଚନା ଆୟୁକ୍ତ ନିଯୁକ୍ତ

ଭୁବନେଶ୍ୱର, ୯।୪
(ରବିନାରାୟଣ ଜେନା)

ରାଜ୍ୟ ସୂଚନା ଆୟୋଗରେ ଖାଲିଥିବା ପଦକୁ ନେଇ ଦୀର୍ଘ ୬ ମାସ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ମୁଖ୍ୟ ସୂଚନା ଆୟୁକ୍ତଙ୍କ ସହ ୩ ନୂତନ ସୂଚନା ଆୟୁକ୍ତ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ଅବସରପ୍ରାପ୍ତ ପ୍ରଶାସକ(ଏଜିଏମ୍‌ୟୁଟି) ମନୋଜ କୁମାର ପରିଡ଼ାଙ୍କୁ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ହାଇକୋର୍ଟ ଆଇନଜୀବୀ କଳ୍ପନା ପଟ୍ଟନାୟକ ଓ ପୂର୍ବତନ ଆଇଏଏସ୍ ପବିତ୍ର ମଣ୍ଡଳଙ୍କୁ ସୂଚନା ଆୟୁକ୍ତ ସଦସ୍ୟ ଭାବେ ନିଯୁକ୍ତି ମିଳିଛି।

ସୂଚନାଯୋଗ୍ୟ, ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ



ମନୋଜ ପରିଡ଼ା

୨୦୨୪ ଅକ୍ଟୋବର ୪ରେ ଅବସର ଗ୍ରହଣ କରିଥିଲେ। ଏହାପରେ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତିଙ୍କୁ ସୂଚନା ଆୟୋଗର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା। ସମ୍ପ୍ରତି ସୂଚନା ଆୟୋଗରେ ସୁଶାନ୍ତ କୁମାର ମହାନ୍ତି ଓ ଜଗନ୍ନାଥ ରଥ ଦୁଇଜଣ ସଭ୍ୟ(ସୂଚନା ଆୟୁକ୍ତ) ରହିଛନ୍ତି। ଏହାପୂର୍ବରୁ ପର୍ଯ୍ୟାୟକ୍ରମେ ବାଳକୃଷ୍ଣ ମହାପାତ୍ର, ଦିଲୀପ ବିଶୋଇ, ବିକ୍ରମ ସେନାପତି ☞ପୃଷ୍ଠା-୨

# ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ

ଭୁବନେଶ୍ୱର,୯।୪
(ଅନୁରାଧା ମହାରଣା)

ପାଞ୍ଚ ବର୍ଷ ମଧ୍ୟରେ ଚଳିତ ବର୍ଷ କ୍ରମାଗତ ଦ୍ୱିତୀୟଥର ପାଇଁ ରେପୋ ରେଟ୍ ଖସିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ସର୍ବସମ୍ମତିକ୍ରମେ ବୁଧବାର ରେପୋ ରେଟ୍ ୦.୨୫% ହ୍ରାସ କରାଯାଇଛି। ଆରବିଆଇର ଏହି ଘୋଷଣା ପରେ ରେପୋ ରେଟ୍ ୬% ରହିଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଆର୍‌ବିଆଇର ମୁଦ୍ରା ନୀତି କମିଟି(ଏମ୍‌ପିସି) ବୈଠକ ଶେଷ ହେବା ପରେ ଆରବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏମ୍‌ପିସି ବୈଠକରେ ରେପୋ ରେଟ୍ ସଂକ୍ରାନ୍ତରେ ଆଲୋଚନା କରାଯାଇ ସଦସ୍ୟଙ୍କ ମତ ଲୋଡାଯାଇଥିଲା। ଏହି ଆଧାରରେ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସତୀତ୍ୱର ବହ୍ନି**

# ପାଣ୍ଡିଆନଙ୍କ ପାଇଁ ବାହାରିଲେ ନବୀନ

ଭୁବନେଶ୍ୱର, ୯।୪ (ରବିନାରାୟଣ ଜେନା)

ୱାକ୍‌ଫ ବିଲ୍‌କୁ ନେଇ ବିଜେଡିରେ ସୃଷ୍ଟି ହୋଇଥିବା ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ଦଳର ସଭାପତି ନବୀନ ପଟ୍ଟନାୟକ ବୁଧବାର ଭି.କେ. ପାଣ୍ଡିଆନଙ୍କ ସପକ୍ଷରେ ପୁଣି ବାହାରିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ମତ ରଖି ନବୀନ କହିଛନ୍ତି, ପାଣ୍ଡିଆନ୍ ରାଜ୍ୟ ଓ ବିଜେଡି ପାଇଁ ବହୁତ ଭଲ କାମ

**ପ୍ରଭାତ ବିଜେଡିର କେହି ନୁହନ୍ତି**

କରିଛନ୍ତି। ସେ ୧୦ ମାସ ତଳୁ ଦଳ ପରିତ୍ୟାଗ କରିସାରିଛନ୍ତି। ବର୍ତ୍ତମାନ ସେ ବିଜେଡିର କୌଣସି କାର୍ଯ୍ୟରେ ଲିପ୍ତ ନାହାନ୍ତି କିମ୍ବା ଦଳୀୟ ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନାହିଁ। ତାଙ୍କୁ କୌଣସି ପ୍ରକାର ବଦ୍‌ନାମ କରିବା ଉଚିତ୍ ନୁହେଁ। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଦଳରୁ କେବେଠାରୁ ବହିଷ୍କୃତ ହୋଇସାରିଛନ୍ତି। ସେ ବିଜେଡିରେ ଏବେ ଆଉ ନାହାନ୍ତି, ଚିଟ୍‌ଫଣ୍ଡ ଠକେଇ ମାମଲାରେ ସେ ଜେଲ୍ ଯାଇଥିଲେ। ବିଜେଡି ସହିତ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ନବୀନ କହିଥିଲେ। ସେ କହିଥିଲେ ଯେ, ☞ପୃଷ୍ଠା-୨

# ଆଧାର: ପୁଣି ନୂଆ ଆପ୍

- **ଆବଶ୍ୟକ ହେବନାହିଁ କାର୍ଡ**
- **ଫେସିଆଲ୍ ରେକଗ୍ନିଶନ, କ୍ୟୁଆର୍ କୋଡ୍‌ରେ ହେବ ଯାଞ୍ଚ**

ଡିଜିଟାଲ ସୁବିଧା ଏବଂ ବ୍ୟକ୍ତିଗତ ସୁରକ୍ଷାକୁ ଅଧିକ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଆଧାରର ଏକ ନୂଆ ଆପ୍ ଉନ୍ମୋଚନ କରିଛନ୍ତି। ସରକାରୀ ଯୋଜନାଗୁଡ଼ିକର ସୁବିଧା ପାଇବା ଲାଗି ଏବେ ଆଉ ପୂର୍ବଭଳି ପ୍ରତ୍ୟେକ ସ୍ଥାନରେ ଆଧାର କାର୍ଡ କିମ୍ବା ଏହାର ଫଟୋ କପି ଆବଶ୍ୟକ ପଡ଼ିବ ନାହିଁ କିନ୍ତୁ ଏଥିରେ ଫେସିଆଲ୍ ରେକଗ୍ନିଶନ(ବ୍ୟକ୍ତିଙ୍କ ମୁହଁକୁ ସ୍କାନ୍ କରି ପରିଚୟ ଚିହ୍ନଟ) ବୈଶିଷ୍ଟ୍ୟକୁ ସଂଲଗ୍ନ କରାଯାଇଛି। ଡିଜିଟାଲ୍ ଭେରିଫିକେଶନ ଜରିଆରେ ସୁବିଧା ହାସଲ ପାଇଁ ୟୁପିଆଇ ଏବଂ ଅନ୍ୟ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ ଭଳି ଆଧାର ଆପ୍‌କୁ ମୋବାଇଲ ଫୋନ୍‌ରେ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଫଳରେ ଏଥିରେ ମିଳିବାକୁ ଥିବା କ୍ୟୁଆର୍ କୋଡ୍ ସାହାଯ୍ୟରେ ଜଣେ ବ୍ୟକ୍ତି ହୋଟେଲ, ଦୋକାନ, ବିମାନବନ୍ଦର ଏବଂ ଅନ୍ୟାନ୍ୟ ଆଧାର ଯାଞ୍ଚ ସ୍ଥାନରେ ସହଜରେ ତଥ୍ୟ ପ୍ରଦାନ କରିପାରିବେ ବୋଲି କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହି ନୂଆ ଆପ୍ ଦ୍ୱାରା ଲୋକମାନଙ୍କ ବ୍ୟକ୍ତିଗତ ତଥ୍ୟ ଅଧିକ ସୁରକ୍ଷିତ ହେବା ସହ ଡକ୍ୟୁମେଣ୍ଟ ଜାଲିଆତିକୁ ରୋକାଯାଇ ପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହାର କାର୍ଯ୍ୟକାରିତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ଡାର୍କୱେବ ସମେତ ବେଆଇନ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ କେତେକ ୱେବ୍‌ସାଇଟରେ କାର୍ଡଧାରୀଙ୍କ ଠିକଣା, ଜନ୍ମ ତାରିଖ ଭଳି ବ୍ୟକ୍ତିଗତ ସୂଚନା ଉପଲବ୍ଧ ହୋଇଥିବାରୁ ନୂଆ ଆପ୍‌ରେ ଲୋକଙ୍କ ପ୍ରିଭେସି କେତେ ସୁରକ୍ଷିତ, ସେନେଇ ପ୍ରଶ୍ନ ଉଠିଲାଣି।



ଭୁବନେଶ୍ୱର,୯।୪
(ଅନୁରାଧା ମହାରଣା)

ବର୍ତ୍ତମାନ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ ଆଧାର କାର୍ଡ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ଏହାର ବ୍ୟବହାରକୁ ସହଜ ଏବଂ ଅଧିକ ପ୍ରଭାବଶାଳୀ କରିବାକୁ ସରକାର ଏକ ନୂତନ ବୈଶିଷ୍ଟ୍ୟ ଆରମ୍ଭ କରିଛନ୍ତି। ଡିଜିଟାଲାଇଜେଶନ ଦିଗରେ ଏହା ଏକ ବଡ଼ ପଦକ୍ଷେପ। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଫେସ୍ ଆଇଡି ପ୍ରାମାଣିକୀକରଣ ବୈଶିଷ୍ଟ୍ୟଯୁକ୍ତ ବା ଫେସ୍ ରେକଗ୍ନିଶନ ନାମରେ ଏକ ନୂତନ ଆଧାର କାର୍ଡ ଆପ୍ ଲଞ୍ଚ କରିଛନ୍ତି। ଏହା ସାହାଯ୍ୟରେ ହୋଟେଲ କିମ୍ବା ବିମାନବନ୍ଦରରେ ପ୍ରବେଶ କରିବା ସମୟରେ ଆଧାର କାର୍ଡର ସଫ୍ଟ କିମ୍ବା ହାର୍ଡ କପି ପ୍ରଦାନ କରିବାର କୌଣସି ଆବଶ୍ୟକତା ନାହିଁ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ ଇଣ୍ଡିଆ (ୟୁଆଇଡିଏଆଇ) ଏହି ନୂତନ ଆଧାର ଆପ୍ ବିକଶିତ କରିଛି, ଯାହା ବର୍ତ୍ତମାନ ବିଟା ପରୀକ୍ଷଣ ପର୍ଯ୍ୟାୟରେ ଅଛି। ଏହା ସଫଳ ହେଲେ ଲୋକମାନେ ଆଧାର କାର୍ଡ ପାଖରେ ରଖିବା ଆବଶ୍ୟକ ହେବ ନାହିଁ। କ୍ୟୁଆର୍‌କୋଡ୍ ଏବଂ ଫେସ୍ ଆଇଡି ମାଧ୍ୟମରେ ଯାଞ୍ଚ ପ୍ରକ୍ରିୟା କିଛି ମିନିଟରେ ଶେଷ ହେବ। ଆପ୍‌ର ସୁରକ୍ଷା ଏବଂ ଗୋପନୀୟତା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ସାହାଯ୍ୟ ନିଆଯାଉଛି। ଏହି ନୂତନ ଆଧାର ଆପରେ ଗୋପନୀୟତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ହେଉଛି ବ୍ୟକ୍ତିଗତ ବିବରଣୀଗୁଡ଼ିକର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବହାରକାରୀଙ୍କ ହାତରେ ରହିବ। ଯେହେତୁ ଆପ୍‌ରେ ଡେଟା ଅଂଶୀଦାର ପାଇଁ ଉପଭୋକ୍ତାଙ୍କ ସମ୍ମତି ଆବଶ୍ୟକ ହେବ, ତଥାପି ଗୋପନୀୟତା ମଧ୍ୟ ବଜାୟ ରହିବ। ଫେସ୍ ଆଇଡି ପ୍ରାମାଣୀକରଣ ହେତୁ ଆଧାର ଯାଞ୍ଚ ବର୍ତ୍ତମାନ କେବଳ ଚେହେରା ମାଧ୍ୟମରେ କରାଯିବ। ଏହି ପ୍ରକ୍ରିୟା ୟୁପିଆଇ କାରବାର ପରି ସହଜ ହେବ। ୟୁଡିଆଇ ଦାବି କରିଛି ଯେ, ଏହା ୧୦୦% ଡିଜିଟାଲ ଏବଂ ସୁରକ୍ଷିତ ଥିବାରୁ ଏଥିରେ ଥିବା ତଥ୍ୟକୁ ଟାମ୍ପରିଂ କରାଯାଇପାରିବ ନାହିଁ। ଏହା ତଥ୍ୟ ଲିକ୍ କରିବ ନାହିଁ କିମ୍ବା ଏହାର ଅପବ୍ୟବହାର ହେବାକୁ ଦେବ ନାହିଁ। ଫଟୋଶପ୍ ଭଳି ଅପବ୍ୟବହାର ମଧ୍ୟ ହେବାକୁ ଦେବ ନାହିଁ ବୋଲି ମନ୍ତ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

ଅପରପକ୍ଷରେ ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀଙ୍କ କହିବାନୁସାରେ, ମଣିଷ ଯେତେ ଡିଜିଟାଇଜେଶନ୍ ଯୁଗକୁ ପ୍ରବେଶ କରୁଛି, ସେମାନଙ୍କ ଗୋପନୀୟତା କିଛି ନା କିଛି ମାତ୍ରାରେ ଅସୁରକ୍ଷିତ ହେଉଛି। ଅନ୍ୟ ଆପ୍ ଭଳି ଆଧାର ଆପ୍‌ରେ ମଧ୍ୟ ବ୍ୟବହାରକାରୀ ସତର୍କ ରହିବା ଉଚିତ୍। ଆଧାର ☞ପୃଷ୍ଠା-୨

# ତହଉର ରାଣାଙ୍କୁ ପ୍ରତ୍ୟର୍ପଣ କଲା ଆମେରିକା

**ଆଜି ଭାରତରେ ପହଞ୍ଚିପାରନ୍ତି ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ**

ନୂଆଦିଲ୍ଲୀ,୯।୪

୨୦୦୮ ମୁମ୍ବାଇ ଆକ୍ରମଣର ଅନ୍ୟତମ ମାଷ୍ଟରମାଇଣ୍ଡ୍ ତହଉର ହୁସେନ୍ ରାଣାଙ୍କ ସବୁ ପ୍ରକାର ଆଇନଗତ ବିକଳ୍ପ ଶେଷ ହୋଇଯିବା ପରେ ଆମେରିକା ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିଛି। ରାଣାଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ଭାରତକୁ ଅଣାଯାଉଛି। ବିମାନଟି ମଝିରେ ଇନ୍ଧନ ଭର୍ତ୍ତି



କରିବାକୁ ଥିବାରୁ ଗୁରୁବାର ସକାଳେ ଭାରତରେ ଅବତରଣ କରିପାରେ ବୋଲି କୁହାଯାଉଛି।

ରାଣାଙ୍କ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଆମେରିକାର ପ୍ରଧାନ ବିଚାରପତି ସୋମବାର ମନା କରିଦେଇଥିଲେ। ଏହା ପୂର୍ବରୁ ମଧ୍ୟ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପିଟିଶନ ଦାଖଲ କରିଥିଲେ, ଯାହାକି ଗତ ମାର୍ଚ୍ଚରେ ଖାରଜ ହୋଇଯାଇଥିଲା। ଉକ୍ତ ପିଟିଶନରେ ସେ ଜାତୀୟତା, ଧର୍ମୀୟ ଓ ସାଂସ୍କୃତିକ ଶତ୍ରୁତାର ଶିକାର ହୋଇ ଭାରତରେ ପ୍ରାଣ ହରାଇପାରନ୍ତି ☞ପୃଷ୍ଠା-୨

# ଏମ୍‌ବିବିଏସ୍‌ରେ ଯାଆଁଳା ଭଉଣୀଙ୍କ ସମାନ ସ୍କୋର



ଯାଆଁଳା ଭଉଣୀ ରିବା ହାଫେଜି ଏବଂ ରାହିନ୍ ହାଫେଜି

ସୁରଟ, ୯।୪

ଗୁଜରାଟର ସୁରଟରେ ଯାଆଁଳା ଭଉଣୀ ରିବା ହାଫେଜି ଏବଂ ରାହିନ୍ ହାଫେଜି ଡାକ୍ତରୀ ପାଠ୍ୟକ୍ରମ ଏମ୍‌ବିବିଏସ୍ ପରୀକ୍ଷାରେ ସମାନ ସ୍କୋର ହାସଲ କରି ଏକ ନିଆରା ରେକର୍ଡ କରିଛନ୍ତି। ବଡ଼ୋଦରାର ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ଏହି ୨ ଭଉଣୀ ସମାନ ସ୍କୋର ସହ ନିଜ ଏମ୍‌ବିବିଏସ୍ ପାଠପଢ଼ାକୁ ଶେଷ କରିଛନ୍ତି। ପରୀକ୍ଷାରେ ଉଭୟଙ୍କ ସ୍କୋର ୯୩୫ ମାର୍କ (୬୬.୮%) ରହିଛି। ତେବେ ପ୍ରଥମଥର କୌଣସି ପରୀକ୍ଷାରେ ରିବା ଏବଂ ରାହିନ୍ ସମାନ ନମ୍ବର ରଖିନାହାନ୍ତି। ପୂର୍ବରୁ ଅନେକ ପରୀକ୍ଷାରେ ଏହି ୨ ଭଉଣୀ ପାଖାପାଖି ସ୍କୋର ରଖିଥାନ୍ତି। ୧୦ମ ବୋର୍ଡ ପରୀକ୍ଷାରେ ରିବାଙ୍କର ୯୯ ପର୍ସେଣ୍ଟାଇଲ ସ୍କୋର ଥିବାବେଳେ ରାହିନ୍‌ଙ୍କର ୯୮.୫% ପର୍ସେଣ୍ଟାଇଲ ସ୍କୋର ରହିଥିଲା। ସେହିପରି ଦ୍ୱାଦଶ ବୋର୍ଡ ପରୀକ୍ଷାରେ ରିବା ଓ ରାହିନଙ୍କୁ ଯଥାକ୍ରମେ ୯୮.୨ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭଗବତୀ ମା' ପାଟୋଳୀଶ୍ୱରୀଙ୍କ ଦ୍ୱାଦଶତମ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରା ଓ ଅଗ୍ନି ସ୍ଥାପନ, ସ୍ଥାନ: ବେଣ୍ଣୁପୁର ବାଲିକାଜ୍ଜିଆସ୍ଥିତ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ପର୍ଶୁରାମ ଭେଟ', ସ୍ଥାନ: ସୀତା ରାମେଶର ମନ୍ଦିର ସମ୍ମୁଖ, ଗୋତଳବିନ୍ଧା, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ଭରତ ମିଳନ ଓ ପାଦୁକା ପୂଜା', ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର କମିଟି ପକ୍ଷରୁ ରାମଲୀଳାର ନାଟକ 'ଭରତ ମିଳନ', ସ୍ଥାନ: ବଇଜୁଆ ଗ୍ରାମ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ୪୭ତମ ବାର୍ଷିକ ରାମଲୀଳାର ନାଟକ 'ମନ୍ଥରାର କୁମନ୍ତ୍ରଣା ଓ କୈକେୟୀର କୋପ ଭବନ ପ୍ରବେଶ', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଣୁପୁର, ସମୟ: ରାତି ୧୧ଟା ୩୦।

## କଟକ

- ପଞ୍ଚ ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଡ଼ମ୍ବା ଧୋବଣୀନାଳ ନିକଟସ୍ଥ ମା' ଶ୍ୟାମାକାଳୀ ମନ୍ଦିର ନିକଟ ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀତ୍ରିନାଥଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: କନ୍ତପଡା ତ୍ରିନାଥଦେବଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଟିଏମ୍‌ସିସି ପକ୍ଷରୁ ଗଣ ସମ୍ମେଳନ, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ଚତୁର୍ଥ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଡ. ଭୀମରାଓ ଅମ୍ବେଡକରଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ଅପରାହ୍ନ ୪ଟା।
- ଚନ୍ଦନେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: ଚନ୍ଦନେଶ୍ୱର, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।
- ଭୂଷଣ୍ଡେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: କୁମ୍ଭୀରଗଡ଼ି, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।
- ଧବଳେଶ୍ୱର ମହାଦେବଙ୍କର ୪ ଅର୍ଘ୍ୟ, ସ୍ଥାନ: କୁମ୍ଭାରମୁଳୀ, ଭୋଗରାଇ, ସମୟ: ସନ୍ଧ୍ୟା ୬ରୁ ରାତି ପର୍ଯ୍ୟନ୍ତ।

## ଭଦ୍ରକ

- ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚେକିଂ, ସ୍ଥାନ: ହଳଦୀଡିହ ବାଇପାସ୍, ଭଦ୍ରକ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବନ୍ଧଟିଆ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମ ମଣ୍ଡପ, ଆଡ଼ିଆ, ବନ୍ତ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରଜତ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଖେରୱାଲ ଜୁମିଦ ସହିତ ନବଜ୍ୟୋତି ଯୁବକର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଶ୍ରୀ ହରିହର ଯଜ୍ଞାନୁଷ୍ଠାନ ପକ୍ଷରୁ ତୁଳସୀ ଦର୍ପଣ ଅଭିଷେକ, ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣ ମାଣତ୍ରୀ,ବଡ଼ସାହି,ସମୟ: ସକାଳ ୮ଟା।
- ରାଧାବଲ୍ଲଭଜୀଉ ହରିହାଟ ମହୋତ୍ସବ, ସ୍ଥାନ:ନାଖରା ବାସୁଳୀପଦା ପଡ଼ିଆ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ବ୍ଲଡ୍ ବ୍ୟାଙ୍କ ବାରିପଦା,ସମୟ: ପୂବାହ୍ନ ୧୦ଟା।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଫ୍ୟୁଚର ଷ୍ଟାର ସହିତ ଜଗନାଥ ବୀରସାବୀର ଟିମ୍‌ର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଲୋକକଳା ଗ୍ରାମ ପରିକ୍ରମା ଓ ସାଂସ୍କୃତିକ ସଭା, ସ୍ଥାନ: ରାୟନୃସିଂହପୁର ଗ୍ରାମ, କାମାକ୍ଷାନଗର ବ୍ଲକ, ସମୟ: ସକାଳ ୮ଟା।
- ପିଏମ୍‌ଶ୍ରୀ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ସକାଳ ୯ ଟା।
- ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେଶନ ସେଣ୍ଟରର ୪୧ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଶନି ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଓ କଳସଯାତ୍ରା, ସ୍ଥାନ: ଶନି ମନ୍ଦିର, ପାରାଦୀପଗଡ଼, ପାରାଦୀପ, ସମୟ: ସକାଳ ୬ ଟା।
- ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରିତା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗନ୍ନାଥପୁର ଉପସ୍ୱାସ୍ଥ୍ୟକେନ୍ଦ୍ର ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- କର୍ପୋରେଟ ହାଉସ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଓଷକଣାର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ଉତ୍ସବ, ସ୍ଥାନ: ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାତ ଶୋଭା, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦ୍ରାପଡ଼ା

- ରାଜକନିକା ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମହୋତ୍ସବ, ସ୍ଥାନ: ଗିରିଆ ମେଳଣ ପଡ଼ିଆ, ରାଜକନିକା, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉଡି ନାହାକାଣୀ ପୀଠ, ଅଢ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ପଞ୍ଚସଖା ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ବାରିମୂଳ ପଞ୍ଚାୟତ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀ ଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା'ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ରାଜ୍ୟସ୍ତରୀୟ ଡିଫା କପ୍‌ର ୨ୟ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ହେଙ୍ଗୁଳାଯାତ୍ର ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଇମାମନଗର ଗ୍ରାମ, ସମୟ: ସକାଳ ୬ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଜିଲାର ସମସ୍ତ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୯ଟା।

## ନୟାଗଡ଼

- ୭ ଦିନିଆ ଦଣ୍ଡପର୍ବର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ସକାଳ ୮ଟା।
- ବୈଷ୍ଣବ ଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ:ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ଢ଼େଙ୍କେଣା ରଘୁନାଥ ଜୀଉ ମଠ, ସମୟ:ସକାଳ ୮ଟା।
- ୫ ଦଣ୍ଡଙ୍କ ମିଳନ ଉତ୍ସବ, ସ୍ଥାନ:ଗଣିଆ ବ୍ଲକର କିଶୋର ପ୍ରସାଦ, ସମୟ:ସକାଳ ୯ଟା।
- ୧୫ ଦିନିଆ ଦଣ୍ଡପର୍ବର ଦ୍ୱାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସିଦ୍ଧାମୂଳା, ରୟତ ଡ଼ୋଲମରା ଏବଂ ଗୋଡିପଡ଼ା କାମନା ମନ୍ଦିର ସାହି, ସମୟ: ଅପରାହ୍ନ ୨ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ୫ମ ଦିବସରେ ଠାକୁରଙ୍କର ସାଧାରଣ ବେଶ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ପଞ୍ଚମ ଦିବସରେ ଜାଗରକ୍ଷା, ତାଡକା ବଧ ଓ ଶିବଧନୁ ଭଗ୍ନ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ରାମନବମୀ ଯାତ୍ରା ଅବସରରେ ରାମ ଚରିତ ମାନସ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ନୀଳମାଧବ ଜୀଉଙ୍କ ଦୟଣାଚୋରି ନୀତି, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମା' ମୁତ୍ୟାଲାମାଙ୍କ ଚଇତ୍ର ଯାତ୍ରା ଆରମ୍ଭ, ସ୍ଥାନ: ମୋତିଲାଲ ନଗର, ଗୁଣପୁର, ସମୟ: ସକାଳ ୮ ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଆଗୁଳ ପଞ୍ଚାୟତ,ପଞ୍ଚୁବାଇ ଗ୍ରାମ ଆମ୍ବତୋଟା ପରିସର, ମୁନିଗୁଡ଼ା, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ୍ ବି. ମାଲିଗୁଡ଼ା,ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଲୋକ କଳା ଦିବସ ପାଳନ, ସ୍ଥାନ: ବ୍ଲକ ଅଫିସ,ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଏମ୍‌ସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: କେଡିଙ୍ଗା ମାଳି, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୀମା ଉତ୍ପାଦ ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ହାଲ ଟାଉନଶିପ, ସୁନାବେଡା, ସମୟ: ଅପରାହ୍ନ ୨ଟା।

## ମାଲକାନଗିରି

- ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ , ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଜିଲାପ୍ରଶାସନ ଆୟୋଜିତ ଓଡ଼ିଶା ପକ୍ଷରେ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଖଣ୍ଡୋକଟା ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଳାଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଖଣ୍ଡୋକଟା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା।
- ସେବା ଆୟୋଜନରେ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ରୋଟାରୀ କ୍ଲବ ଆୟୋଜିତ ଆନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୩ଟା।
- ପର୍ଶୁରାମ ଜୟନ୍ତୀ ପାଳନ କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ରାତି ୭ଟା।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ରାତି ୭ଟା।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୭ ଟା।

## ରାଉରକେଲା

- ଓଡ଼ିଶାର ପ୍ରାଣ, ଲୋକକଳା ଶିର୍ଷକ ସାହିତ୍ୟ ଆଲୋଚନା ଚକ୍ର,ସ୍ଥାନ: ସେକ୍ଟର-୪, ରାଉରକେଲା କଲେଜ,ସମୟ: ସନ୍ଧ୍ୟା ୭ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର,ସ୍ଥାନ: ଆରଏସପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ,କୋଏଲ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ହୋମିଓପାଥି ମେଡିକାଲ କଲେଜରେ ରକ୍ତଦାନ ଶିବିର,ସ୍ଥାନ:ସେକ୍ଟର--୨୧,ସମୟ:ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ରାମନବମୀର ପଞ୍ଚମ ସନ୍ଧ୍ୟାରେ ପୁରୀରୁ ଆଗତ ପଣ୍ଡିତ ଗୌରହରି ଦାଶ ମହାରାଜଙ୍କ ଦ୍ୱାରା ରାମାୟଣ ଉପରେ ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ:ରାମଜୀମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: କେସିଙ୍ଗା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ କାମ୍ପୋରି କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନିପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ପଞ୍ଚମ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡ଼ିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ପଞ୍ଚମ ଦିବସ ପାଲା, ସ୍ଥାନ:ବହିରା ରାମଲିଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଲୋକ କଳା ପାଇଁ ଦିନ ଟିଏ ଓ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭେରୁବନି ଗ୍ରାମ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ, ଆଳତି ଓ ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ, ଉନ୍ନତ ମାନର ଆଲୋଚନା ଏବଂ ପାରିବାରିକ ସଦ୍ଭାବଜନିତ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ଆର୍ଥିକ ଉନ୍ନତି ସାଙ୍ଗକୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ। ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର, ଯାନ ମରାମତି, ସଭା ସମିତିରୁ ଉପକୃତ ହେବେ। ପରିବାର ସହ ଭଲ ସମ୍ପର୍କ ରଖୁ ନ ଥିବା ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ଆଜି ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବିକା ଦିଗରେ ଖର୍ଚ୍ଚାନ୍ତ ସହ କ୍ଷତିରେ ପଡିପାରନ୍ତି। ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜି ଯାହା କରିବେ କ୍ଷତି ହେବନି, ଆଗାମୀ ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** ଅନୁକୂଳ ଗ୍ରହସ୍ଥିତିରୁ ଆଜି କୌଣସି କଥାକୁ ଖାତିର ନ କରି ଆଗକୁ ମାଡି ଚାଲିବେ। ଟଙ୍କା ପଇସା, ଦିଆ ନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିବାରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ନ ହୋଇପାରେ।

**ସିଂହ** ସବୁ କାମରେ ଜଗି ରଖି ଚଳନ୍ତୁ ଅବଶ୍ୟ କାମଗୁଡିକ ଡେରିରେ ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ, ବାଣିଜ୍ୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଭଲ ଲାଭ ପାଇବେ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖା ଦେଇ ପାରେ।

**କନ୍ୟା** ଅନ୍ତରରେ ସହୃଦୟତା ଭରି ରହିଥିଲେ ମଧ୍ୟ ମୁହଁରେ କଡ଼ାଭାଷାର ପରିଣାମ ଭୋଗିବାକୁ ପଡିବ। ଶତ୍ରୁତା କରୁଥିବା ଲୋକ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ରାଜନୀତି, ସଂଗଠନ, ଆଲୋଚନା, କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ଯେମିତି ଇଚ୍ଛା କରୁଛନ୍ତି ତାହା ପାଇପାରନ୍ତି।

**ତୁଳା** କେତେକ କ୍ଷେତ୍ରରେ ସମସ୍ୟାର ସମାଧାନଜନିତ ଟେନ୍‌ସନ ଲାଗିରହିବ। ଅପରାହ୍ନରେ ହାତକୁ ନେଇଥିବା କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରିବ।

**ବିଛା** ଆଜିର କର୍ମକ୍ଷେତ୍ରରେ ଅନ୍ୟକୁ ସହଜରେ ପ୍ରଭାବିତ କରି କାମ ହାସଲ କରିପାରିବେ। ଅର୍ଥଲାଭ ହେବ ଏବଂ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରି ପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ପ୍ରଶାସନିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

**ଧନୁ** ଆପଣ ମନେ ମନେ ଯାହା ଭାବୁଛନ୍ତି ତାହାକୁ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିଲେ ହିଁ ଭଲ ହେବ। ପୁରାତନ ରୋଗ ପୀଡ଼ା ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସରକାରୀ ସ୍ତରରୁ ଶୁଭଖବର ପାଇ ଉଲ୍ଲସିତ ହେବେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମକର** ଆଜି କୌଶଳ ଓ କୂଟନୀତି ପ୍ରୟୋଗକରି ଯେମିତି ଚାହୁଁଛନ୍ତି ସେମିତି କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନମାନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ଆଜିର କାମ ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହେବ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରି ସଫଳତା ହାସଲ କରିବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅନୁତାପ ପାଇଁ ସମୟ ପାଇବେ ନାହିଁ। ଜମିଜମା କାରବାର, ନିର୍ମାଣ ବାଣିଜ୍ୟ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** ଆବଶ୍ୟକତା ପୂରଣ ସକାଶେ ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କରୁ ଋଣ ଯୋଜନା କରିପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାର ଆଶଙ୍କା ସୃଷ୍ଟି ହୋଇପାରେ। ସମସ୍ୟା ଲାଗିରହୁଥିବାରୁ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

ଆଜି ଏପ୍ରିଲ ୧୦ ତାରିଖ, ହୋମିଓପ୍ୟାଥିକର ଜନକ ହାନିମାନ୍‌ଙ୍କ ଜୟନ୍ତୀ, ମହାବୀର ଜୀନ ଜୟନ୍ତୀ, ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ, ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗତ୍ରୟୋଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ସୀତାଚୋରି, ଦୟଣାଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ। ରାଶି/ ନକ୍ଷତ୍ର-ଦିବା ଘ.୧୨.୨୪ ପର୍ଯ୍ୟନ୍ତ-ପୂର୍ବାଫାଲଗୁନୀ/ ସିଂହ, ଅଦ୍ୟ ବ୍ରତୋପନୟନ, ଜଳାଶୟ ଖନନ ଓ ଦେବତା ଗଠନ ପାଇଁ ଶୁଭଦିନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୬ ଗତେ ଘ.୦୭.୧୫ ମଧ୍ୟେ, ଘ. ୧୦.୩୩ ଗତେ ଘ.୦୧.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୧ ଗତେ ଘ.୦୨.୫୩ ମଧ୍ୟେ ରାହୁ କାଳ।

# 'ଫୁଲେ' ଫିଲ୍ମକୁ ନେଇ ବିବାଦ

## ରିଲିଜ୍ ତାରିଖ ଘୁଞ୍ଚିଲା

ମୁମ୍ବାଇ: ଆସନ୍ତା ୧୧ରେ ଅଭିନେତା ପ୍ରତୀକ ଗାନ୍ଧୀ ଓ ଅଭିନେତ୍ରୀ ପତ୍ରଲେଖାଙ୍କର 'ଫୁଲେ' ଫିଲ୍ମ ରିଲିଜ୍ ହେବାକୁ ଥିଲା। ତେବେ ଏହାର ୨ ଦିନ ପୂର୍ବରୁ ବୁଧବାର ଫିଲ୍ମର ରିଲିଜ୍ ତାରିଖକୁ ୨ ସପ୍ତାହ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏବେ ଏହି ଫିଲ୍ମ ଏପ୍ରିଲ ୨୫ରେ ରିଲିଜ୍ ହେବ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି। ଫିଲ୍ମକୁ ନେଇ ବିବାଦ ଦେଖାଦେବାରୁ ରିଲିଜ୍ ତାରିଖକୁ ଘୁଞ୍ଚାଯାଇଥିବା ନେଇ ଅନୁମାନ କରାଯାଉଛି। 'ଫୁଲେ' ଚଳଚ୍ଚିତ୍ର ବିପ୍ଳବୀ ଜ୍ୟୋତି ସାବିତ୍ରୀବାଇ ଫୁଲେଙ୍କ ସାମାଜିକ ସଂସ୍କାର ଏବଂ ସଂଘର୍ଷ ଉପରେ ଆଧାରିତ ରହିଛି। ଫିଲ୍ମରେ ଜ୍ୟୋତି ସାବିତ୍ରୀବାଇଙ୍କ ଭୂମିକାରେ ପତ୍ରଲେଖା ଅଭିନୟ କରିଥିବାବେଳେ ତାଙ୍କ ସ୍ୱାମୀ ମହାତ୍ମା ଫୁଲେଙ୍କ ଭୂମିକାରେ ପ୍ରତୀକ ଅଭିନୟ କରିଛନ୍ତି। ତେବେ 'ଫୁଲେ' ଫିଲ୍ମର ଟ୍ରେଲର ରିଲିଜ୍ ହେବାପରେ ଏହାକୁ ନେଇ ବିବାଦ ଜାରି ରହିଛି। ଏହି ଫିଲ୍ମ ଜାତିବାଦକୁ ପ୍ରଶ୍ରୟ ଦେଉଥିବା ନେଇ ବ୍ରାହ୍ମଣ ମହାସଂଘର ଅଧ୍ୟକ୍ଷ ଆନନ୍ଦ ଦବେ ଅଭିଯୋଗ ଆଣିଛନ୍ତି। ଜାତିବାଦକୁ ନେଇ 'ଫୁଲେ' ଫିଲ୍ମର ଏକପାଖିଆ କାହାଣୀକୁ ସେ ଏବଂ ତାଙ୍କ ସଙ୍ଗଠନ ବିରୋଧ କରୁଥିବା ଆନନ୍ଦ କହିଛନ୍ତି। ଇତିମଧ୍ୟରେ ବୁଧବାର ଫିଲ୍ମ ନିର୍ଦ୍ଦେଶକ ଅନନ୍ତ ମହାଦେବନ ଏବଂ ନିର୍ମାତା ରିତେଶ କୁଡେଚା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଛଗନ ଭୁଜବଳଙ୍କୁ ଭେଟିଛନ୍ତି।



## ପ୍ରଥମ ପୃଷ୍ଠାରୁ...

### ମନୋଜ ପରିଡ଼ା ...

ଏବଂ ସଞ୍ଜୟ କୁମାର ସ୍ୱାଇଁ ଅବସର ଗ୍ରହଣ କରିଥିଲେ। ଏହାକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ବିଜ୍ଞପ୍ତି ଜାରି ହୋଇଥିଲା। ମୁଖ୍ୟ ସୂଚନା କମିଶନର ପଦବୀ ଦୌଡ଼ରେ ୪୩ ଜଣ ଅଧିକାରୀ ଥିବା ବେଳେ ସୂଚନା କମିଶନର ପଦ ପାଇଁ ୧୭୯ ଜଣ ଆବେଦନ କରିଥିଲେ। ତେବେ ଏହି ଦୌଡ଼ରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ରଞ୍ଜନ କୁମାର ଦାସ, ଶ୍ରୀକାନ୍ତ ପୃଷ୍ଟି, ମନୋଜ ପରିଡ଼ା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସନ୍ତୋଷ ଉପାଧ୍ୟାୟ, ଲଳିତ ଦାସ, ଆଇପିଏସ୍ ସଞ୍ଜୀବ ପାଢୀଯୋଶୀ ପ୍ରମୁଖ ସିଆଇସି ପଦ ପାଇଁ ଆବେଦନ କରିଥିଲେ। ସେହିଭଳି ୪ଟି ସୂଚନା କମିଶନ ପଦ ପାଇଁ ନଭେମ୍ବର ୧୯ରେ ବିଜ୍ଞପ୍ତି ପ୍ରକାଶ ପାଇ ଡିସେମ୍ବର ୨୪ ସୁଦ୍ଧା ଆବେଦନର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ପଦ ପାଇଁ ଅବସରପ୍ରାପ୍ତ ପ୍ରଶାସକ ରଞ୍ଜନ କୁମାର ଦାସ, ସୁରେଶ ଚନ୍ଦ୍ର ଦଳାଇ, ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରଣବିନ୍ଦୁ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକଙ୍କ ସମେତ ବହୁ ସାମ୍ବାଦିକ, ସୂଚନା ଅଧିକାର କର୍ମୀ ଓ ଅବସରପ୍ରାପ୍ତ କର୍ମଚାରୀ ଆବେଦନ କରିଥିଲେ। ଅନ୍ୟପଟେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ଓ ଶ୍ରୀକାନ୍ତ ପାକଳ ମଧ୍ୟ ଆବେଦନ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଆଧାର: ପୁଣି ...

ଆପଙ୍କୁ ଆୟତ୍ତ କରିବା ସାଇବର ଅପରାଧୀଙ୍କ ପାଇଁ ଯଦିଓ ସହଜ ନୁହେଁ ମାତ୍ର ଅସମ୍ଭବ ମଧ୍ୟ ନୁହେଁ, କୌଣସି ସ୍ଥାନରେ କେହି ଆଧାର ମାଗିଲେ, ବ୍ୟବହାରକାରୀ ପ୍ରଥମେ ଭଲରେ ବୁଝିନେବା ଜରୁରୀ କି କେଉଁଥି ପାଇଁ ଆଧାର ତଥ୍ୟ ମଗାଯାଉଛି। ସେହିଭଳି ମୋବାଇଲ୍ କିଣିବାବେଳେ ହେଉ ବା ଅନ୍ୟାନ୍ୟ ସମୟରେ ଆଧାର ତଥ୍ୟ ନେଉଥିବା ବ୍ୟକ୍ତି ବା ଅନୁଷ୍ଠାନ ଏ ସମ୍ପର୍କରେ ଉପଭୋକ୍ତାଙ୍କୁ ଅବଗତ କରାଇବା ମଧ୍ୟ ଆବଶ୍ୟକ ବୋଲି ଲିଙ୍ଗରାଜ କହିଛନ୍ତି।।

### ପାଣ୍ଡିଆନଙ୍କ ...

ଶଙ୍ଖ ଭବନର ବିସ୍ତୃତ ଜାଗା ଅଛି। ତେଣୁ ଏଣେତେଣେ ବୈଠକକୁ ନାପସନ୍ଦ କରିଥିଲେ। ପାଣ୍ଡିଆନ୍‌ଙ୍କ ସପକ୍ଷରେ ନବୀନ ଏଭଳି ମତ ପରେ ଏବେ ଦଳରେ ବହୁ ବରିଷ୍ଠ ନେତା ପ୍ରଭାତଙ୍କ ବିରୋଧରେ ବିଷୋଦାଗାର କରିଛନ୍ତି। ୱାକ୍‌ଫ ବିଲ୍ ପ୍ରସଙ୍ଗରେ ଚାଲିଥିବା ହାଇଡ୍ରାମାକୁ ନେଇ ବୁଧବାର ବିଜେଡିର ବରିଷ୍ଠ ନେତାଙ୍କ ଘନ ଘନ ବୈଠକ ବସିବା ସହ କେତେଜଣ ବିଧାୟକ ଦଳର ସଭାପତିଙ୍କୁ ଖୋଲା ଚିଠି ଲେଖିଥିଲେ। ପୂର୍ବାହ୍ନରେ ପଟିଆସ୍ଥିତ ଏକ ହୋଟେଲରେ ବରିଷ୍ଠ ନେତାଙ୍କୁ ନେଇ ଅନୁଷ୍ଠିତ ବୈଠକ ପରେ ବରିଷ୍ଠ ନେତା ଶଶିଭୂଷଣ ବେହେରା କହିଥିଲେ, ଦଳକୁ ଅଧିକ ଶକ୍ତିଶାଳୀ କରାଯିବ। ଯେଉଁ ବାହ୍ୟ ଶତ୍ରୁମାନେ ଦଳର ନେତା ନବୀନଙ୍କ ଉପରକୁ ଅଙ୍ଗୁଳି ଉଠାଇବେ ତାଙ୍କୁ ବରଦାସ୍ତ କରାଯିବ ନାହିଁ। ସେହିପରି ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ଦଳକୁ ସୁସଙ୍ଗଠିତ କରିବା ପାଇଁ ସବୁକିଛି କରାଯିବ ବୋଲି କହିଥିଲେ। ଏହାପରେ ଦଳର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟ ୬ଜଣ ନେତା ଦଳର ସୁପ୍ରିମୋଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ହେବାପରେ ବହୁ ବରିଷ୍ଠ ନେତା ପାଣ୍ଡିଆନଙ୍କୁ ଦାୟୀ କରିଥିଲେ। ତାଙ୍କ ଯୋଗୁଁ ଦଳ ପରାଜୟର ସମ୍ମୁଖୀନ ହେଲା ବୋଲି ପ୍ରତ୍ୟକ୍ଷ ଓ ପରୋକ୍ଷରେ କହି ବୁଲିଥିଲେ। ଏହାକୁ ନେଇ ସେତେବେଳେ ନବୀନ ଗଣମାଧ୍ୟମ ସମ୍ମୁଖକୁ ଆସି ପାଣ୍ଡିଆନ ରାଜ୍ୟ ଓ ଦଳ ପାଇଁ ଭଲ କାମ କରିଥିବା କହିଥିଲେ। ଏହାପରେ ପାଣ୍ଡିଆନ ବିଜେଡିରୁ ସନ୍ନ୍ୟାସ ନେଇଥିଲେ। ସେବେଠାରୁ ପାଣ୍ଡିଆନ ଦଳର କୌଣସି ବୈଠକରେ ଦେଖାଯାଉ ନ ଥିବାବେଳେ ସାମାଜିକ କାର୍ଯ୍ୟକ୍ରମରେ କେବଳ ଦୃଶ୍ୟ ହେଉଥିଲେ। ନିକଟରେ ୱାକ୍‌ଫ ବିଲ୍‌କୁ ନେଇ ରାଜ୍ୟ ସଭାରେ ସୃଷ୍ଟି ହୋଇଥିବା ବିଭାଜିତ ମତ ପଛରେ ପାଣ୍ଡିଆନ୍‌ଙ୍କ ସମ୍ପୃକ୍ତି ଥିବା ନେଇ କେତେକ ନେତା ଟାର୍ଗେଟ କରିବା ପରେ ସ୍ଥିତି ବିଗିଡ଼ିବାରେ ଲାଗିଛି।

### ଏମ୍‌ବିବିଏସ୍‌ରେ ଯାଆଁଳା ...

ଏବଂ ୯୭.୩ ପର୍ସେଣ୍ଟାଇଲ ସ୍କୋର ମିଳିଥିଲା। ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି(ୟୁଜି)ରେ ରିବାଙ୍କୁ ୯୭ ପର୍ସେଣ୍ଟାଇଲ ମିଳିଥିବାବେଳେ ରିହାନଙ୍କୁ ୯୭.୭ ପର୍ସେଣ୍ଟାଇଲ ସ୍କୋର ମିଳିଥିଲା। ଉଭୟ ଭଉଣୀଙ୍କ ବୟସ ଏବେ ୨୪। ସେମାନଙ୍କର ମା' ଗୁଲଶାଦ ବାନୁ ଜଣେ ସିଙ୍ଗଲ ମଦର ହୋଇଥିବା ବେଳେ ସେ ପେସାରେ ଜଣେ ଶିକ୍ଷୟିତ୍ରୀ। ଗଣମାଧ୍ୟମ ସମ୍ମୁଖରେ ରାହିନ୍ କହିଛନ୍ତି, ସେ ଏବଂ ରିବା ହେଉଛନ୍ତି ତାଙ୍କ ପରିବାରର ପ୍ରଥମ ଡାକ୍ତର। ମେଡିକାଲ କ୍ଷେତ୍ରରେ କ୍ୟାରିୟର କରିବା ପାଇଁ ଉଭୟଙ୍କୁ ତାଙ୍କ ମାମୁ ପ୍ରେରଣା ଦେଇଥିଲେ। ଏହାସହ ଉଭୟଙ୍କ ସଫଳତା ପଛରେ ମା' ଓ ଆଈଅଜାଙ୍କର ଭୂମିକା ମଧ୍ୟ ରହିଥିବା ସେ କହିଛନ୍ତି। ସବୁବେଳେ ଏକସଙ୍ଗେ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବାରୁ ଏମ୍‌ବିବିଏସ୍ ପରୀକ୍ଷାରେ ଉଭୟଙ୍କର ସମାନ ନମ୍ବର ଆସିଛି ବୋଲି ସେ କହିଛନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିବା ସତ୍ତ୍ୱେ ମଧ୍ୟ ସରକାରୀ ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ଆର୍ଥିକ ସହାୟତା ଯୋଗୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଉଭୟଙ୍କୁ କୌଣସି ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ଉଭୟ ଭଉଣୀ ଗୋଟିଏ ହଷ୍ଟେଲରେ ରହୁଥିଲେ। କ୍ଲାସ୍‌ରେ ମଧ୍ୟ ଦୁହେଁ ଏକାଠି ବସୁଥିଲେ। ଜାମନଗର ଏବଂ ଭାବନଗରସ୍ଥିତ ସରକାରୀ ମେଡିକାଲ କଲେଜରେ ରିବା ନାମ ଲେଖାଇ ପାରିଥାନ୍ତେ ବୋଲି କହିଛନ୍ତି। ତେବେ ସେ ରିହାନ୍‌ଙ୍କଠାରୁ ଅଲଗା ହେବାକୁ ଚାହୁଁ ନ ଥିଲେ। ତେଣୁ ଉଭୟ ଭଉଣୀ ଏକାଠି ମିଶି ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରେ ନାମ ଲେଖାଇଥିଲେ। ରାହିନ୍ ପ୍ରସୂତି ଏବଂ ସ୍ତ୍ରୀ ରୋଗ ଚିକିତ୍ସାରେ ରୁଚି ରଖୁଥିବାବେଳେ ରିବା ଇଣ୍ଟରନାଲ ମେଡିସିନ କ୍ଷେତ୍ରରେ ରୁଚି ରଖୁଛନ୍ତି। ତେବେ ଆଗାମୀ ଦିନରେ ଉଭୟ ରିବା ଓ ରିହାନ୍ କୌଣସି ଏକ କଲେଜରେ ଏକାଠି ପୋଷ୍ଟ ଗ୍ରାଜୁଏଶନ ପାଇଁ ନାମ ଲେଖାଇବାକୁ ଚାହୁଁଛନ୍ତି।

### ତହଉର ରାଣାଙ୍କୁ ...

ବୋଲି ଆଶଙ୍କା ପ୍ରକାଶ କରିଥିଲେ। ତେବେ ଆମେରିକା ସୁପ୍ରିମକୋର୍ଟ ଭାରତକୁ ପ୍ରତ୍ୟର୍ପଣ ବିରୋଧୀ ଆବେଦନକୁ ଖାରଜ କରିଦେବା ପରେ ତାଙ୍କ ବର୍ତ୍ତିବା ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏହା ପୂର୍ବରୁ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଣାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

୨୦୦୮ ନଭେମ୍ବର ୨୬ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀମାନେ ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇରେ ଅତର୍କିତ ଆକ୍ରମଣ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଣା ହେଉଛନ୍ତି ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡେଭିଡ୍ କୋଲ୍‌ମ୍ୟାନ୍ ହେଡ୍‌ଲିଙ୍କ ସହଯୋଗୀ। ଆକ୍ରମଣ ସମୟରେ ସେ ହେଡ୍‌ଲିଙ୍କ ସହ ୨୩୧ ଥର ଟେଲିଫୋନ୍‌ରେ କଥା ହୋଇଥିଲେ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତରୁ ଜାଣିବାକୁ ପାଇଛି। ଇତିମଧ୍ୟରେ ଉକ୍ତ ଆକ୍ରମଣରେ ପ୍ରାଣ ହରାଇଥିବା ମହାରାଷ୍ଟ୍ର ଏସ୍‌ଆର୍‌ପିଏଫ୍ କନ୍‌ଷ୍ଟେବଲ ରାହୁଲ ଶିନ୍ଦେଙ୍କ ବାପା ସୁଭାଷ ଶିନ୍ଦେ ରାଣାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି। ରାଣାଙ୍କୁ ଫାଶୀ ଦିଆଗଲେ ହିଁ ତାଙ୍କ ପୁଅଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସୁଭାଷ କହିଛନ୍ତି। ରାଣା ଜଣେ ପାକିସ୍ତାନୀ ବଂଶୋଦ୍ଭବ ବ୍ୟବସାୟୀ, ଡାକ୍ତର ଓ ଆପ୍ରବାସନ ଉଦ୍ୟୋକ୍ତା। ଏହି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ଚାଲିଥିବାବେଳେ ସେ ଏଲ୍‌ଇଟି ଏବଂ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସହ ଯୋଗସୂତ୍ରରେ ରହିଥିଲେ ବୋଲି ଭାରତ ସରକାରଙ୍କ ପକ୍ଷରୁ ଆମେରିକାକୁ ପ୍ରତ୍ୟର୍ପଣ ସକାଶେ ଦିଆଯାଇଥିବା ଡୋଜିଅରରୁ ଜଣାପଡ଼ିଛି।

### ରେପୋ ରେଟ୍ ୨୫ ...

ଏହାକୁ ଗଭର୍ନର ମାଲହୋତ୍ରା ବିଶ୍ୱ ବିକାଶ ପାଇଁ ନୂତନ ଚ୍ୟାଲେଞ୍ଜ ବୋଲି ମତ ଦେଇଛନ୍ତି। ତେବେ ରେପୋ ହାର ହ୍ରାସ ପରେ ବ୍ୟାଙ୍କଗୁଡ଼ିକ ଗୃହ ଋଣ ସମେତ ବିଭିନ୍ନ ପ୍ରକାରର ଋଣ ଉପରେ ସୁଧ ହାର ହ୍ରାସ କରିପାରନ୍ତି ବୋଲି ଆଶା କରାଯାଉଛି।

# ଫୋରେନ୍‌ସିକ୍ ସେବାରେ ୨୪୭, ପବ୍ଲିକ୍ ପ୍ରସିକ୍ୟୁଶନରେ ୨୬୭ ନୂଆ ପଦବୀ ସୃଷ୍ଟି

ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଫୋରେନ୍‌ସିକ୍ ସାଇନ୍ସ ସର୍ଭିସ୍‌ରେ ୨୪୭ ପଦ ସୃଷ୍ଟି କରାଯାଇଥିବାବେଳେ ପବ୍ଲିକ ପ୍ରସିକ୍ୟୁଶନ ନିର୍ଦ୍ଦେଶାଳୟରେ ୨୬୭ ପଦ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମହାଲେଖାକାରଙ୍କୁ ମଙ୍ଗଳବାର ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ପତ୍ର ଅନୁଯାୟୀ, ରାଜ୍ୟପାଳଙ୍କ ଅନୁମୋଦନ ପରେ ରାଜ୍ୟ ଫୋରେନ୍‌ସିକ ସାଇନ୍ସ ସର୍ଭିସ୍ ସଙ୍ଗଠନରେ ୨୪୭ ପଦ ସୃଷ୍ଟି କରାଯାଇଛି। ସେଥିମଧ୍ୟରେ ଗୋଟିଏ ଯୁଗ୍ମ ନିର୍ଦ୍ଦେଶକ ପଦ ରହିଥିବାବେଳେ ୨ଟି ଉପନିର୍ଦ୍ଦେଶକ, ୨୦ ସହନିର୍ଦ୍ଦେଶକ, ୬୫ ବରିଷ୍ଠ ସାଇନ୍ସ ଅଫିସର, ୭୧ ସାଇନ୍ସ ଅଫିସର, ୨୧ ବରିଷ୍ଠ ଫରେନ୍‌ସିକ ଆଟେଣ୍ଡାଣ୍ଟ ଓ ୬୭ କନିଷ୍ଠ ଫରେନ୍‌ସିକ ଆଟେଣ୍ଡାଣ୍ଟ ପଦ ରହିଛି। ସେହିପରି ପବ୍ଲିକ୍ ପ୍ରସିକ୍ୟୁଶନ ନିର୍ଦ୍ଦେଶାଳୟରେ ୨୬୭ ପଦ ସୃଷ୍ଟି କରାଯାଇଛି। ସେଥିମଧ୍ୟରେ ୩୬ଟି ଉପନିର୍ଦ୍ଦେଶକ ପଦ ରହିଥିବାବେଳେ ୩ଟି ପବ୍ଲିକ୍ ପ୍ରସିକ୍ୟୁଟର, ୧୦୬ଟି ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର, ୯୧ଟି ସହ ପବ୍ଲିକ ପ୍ରସିକ୍ୟୁଟର ଏବଂ ୩୧ଟି କନିଷ୍ଠ ସହାୟକ ପଦ ରହିଛି।






ଧ-୮୭

## ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୯।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିବେ। ହେଲିକପ୍ଟର ଯୋଗେ ସକାଳ ୯ଟା ୩୦ରେ ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ଓହ୍ଲାଇବେ। ସେଠାରୁ ସର୍କିଟ ହାଉସରେ ବିଶ୍ରାମ ନେଇ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ହ୍ୟାଣ୍ଡବଲ ପଡ଼ିଆ ଯାଇ ୩୯ତମ ସବ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଯୋଗଦେବେ। ପରେ ପୂର୍ବାହ୍ନ ୧୦ଟା ୪୦ରେ କାଳୀପଡ଼ିଆ ଯାଇ ସେଠାରେ ରାଜ୍ୟସ୍ତରୀୟ ଧର୍ମ ସମ୍ମିଳନୀରେ ଯୋଗଦେବା ନେଇ ସୂଚନା ମିଳିଛି। ପୂର୍ବାହ୍ନ ୧୧ଟା ୩୫ରେ ସଦର ବ୍ଲକ୍ ବୀରକିଶୋରପୁର ଗ୍ରାମର ମଣ୍ଡଳପାଟ ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ। ସେଠାରୁ ସର୍କିଟ ହାଉସ କେନ୍ଦୁଝର ଫେରି ଅପରାହ୍ନ ୪ଟା ୨୫ରେ ସରସ୍ୱତୀ ବିଦ୍ୟାମନ୍ଦିର ଝୁମ୍ପୁରାର ୩୭ତମ ବାର୍ଷିକ ଉତ୍ସବରେ ଯୋଗଦେବେ। ରାତି ୮ଟା ୫୦ରେ ସେଠାରୁ ଫେରି କେନ୍ଦୁଝର ସର୍କିଟ୍ ହାଉସରେ ରାତ୍ରି ଯାପନ କରିବେ ବୋଲି ଜଣାପଡ଼ିଛି।










# ବଲାଙ୍ଗୀର ମେଡିକାଲରେ ଶିଶୁ ବିକ୍ରି

ବଲାଙ୍ଗୀର,୯।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଜଣେ ନବଜାତ ଶିଶୁପୁତ୍ର ୨୦ ହଜାର ଟଙ୍କାରେ ବିକ୍ରି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ସାଜି ନବଜାତ ଶିଶୁପୁତ୍ରକୁ ରାଉରକେଲାର ଏକ ଦମ୍ପତିଙ୍କ ପାଇଁ ନେଇଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଛି। ବୁଧବାର ନବଜାତ ଶିଶୁ ବିକ୍ରି ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡଲାଇନ୍ ଓ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି) ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ତଦନ୍ତ ଆରମ୍ଭ ହୋଇଛି। ବଲାଙ୍ଗୀର ସହର ମାଲପଡ଼ାଠାରେ ରହୁଥିବା ଜଣେ ବିଧବା ମହିଳାଙ୍କ ଭଡ଼ାଘରେ ଡିସିପିୟୁ, ଚାଇଲ୍ଡଲାଇନ୍, ସିଡବ୍ଲୁସି ଟିମ୍, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ଅତିରିକ୍ତ ଜିଲାପାଳ ପହଞ୍ଚି ପଚରାଉଚରା କରିବା ପରେ ନବଜାତ ଶିଶୁଟି ଟିଟିଲାଗଡ଼ର ଜଣେ ମହିଳାଙ୍କ ନିକଟରେ ଥିବା ଜଣାପଡିବାରୁ ପ୍ରଶାସନିକ ଟିମ୍ ଟିଟିଲାଗଡ଼ ଅଭିମୁଖେ ଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୁଇଁତଲା ଥାନା ତଳଗଜର ଜଣେ ଯୁବତୀ ପ୍ରାୟ ୪ ବର୍ଷ ତଳେ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ବିବାହ କରିଥିଲେ। ସେମାନଙ୍କର ୩ବର୍ଷର ଏକ ଶିଶୁକନ୍ୟା ଅଛି। ଇତିମଧ୍ୟରେ ସ୍ୱାମୀଙ୍କ ମୃତ୍ୟୁ ଘଟିବାରୁ ମହିଳା ଜଣକ କୁନି ଝିଅକୁ ଧରି ବାପଘରକୁ ଚାଲିଆସିଥିଲେ। ପ୍ରାୟ ୬ ମାସ ତଳେ ସେ ନିଜ କୁନି ଝିଅ, ତାଙ୍କ ବାପା, ନାବାଳକ ଭାଇ ଓ ନାବାଳିକା ଭଉଣୀ ସହ ବଲାଙ୍ଗୀର ମାଲପଡ଼ାକୁ ଆସି ଏକ ଘରଭଡ଼ା ନେଇ ରହୁଥିଲେ। ତାଙ୍କ ବାପା ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। ଗତ ୬ ତାରିଖରେ ମହିଳା ଜଣକ ସେହି ଭଡ଼ାଘରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁ ଜନ୍ମକରିବା ପରେ ସେ ଅସୁସ୍ଥ ହୋଇପଡିବାରୁ ଘରଭଡା ଦେଇଥିବା ମହିଳା ଜଣକ ତାଙ୍କୁ ଭୀମ ଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତ ୮ ତାରିଖରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଡିସ୍‌ଚାର୍ଜ ପରେ ସେ ଘରକୁ ଫେରିଥିଲେ ମଧ୍ୟ ନବଜାତ ଶିଶୁପୁତ୍ର ତାଙ୍କ ସହ ଘରକୁ ଫେରି ନ ଥିଲେ। ଏହାପରେ ଶିଶୁ ବିକ୍ରି ଖବର ପ୍ରଘଟ ହୋଇଥିଲା। ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ଭାବେ ରାଉରକେଲାର ଜଣେ ଦମ୍ପତିଙ୍କ ପାଇଁ ଶିଶୁପୁତ୍ର କିଣିଥିବା ଜଣାପଡିଥିଲା। ୨୦ ହଜାର ଟଙ୍କାରେ ଶିଶୁପୁତ୍ର ବିକ୍ରି ହୋଇଥିବା ଏବଂ ଜନ୍ମଦାତ୍ରୀ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟରେ ୫ ହଜାର ଟଙ୍କା ଦିଆଯାଇଥିବା ଜଣାପଡିଥିଲା। ବୁଧବାର ଶିଶୁବିକ୍ରି ସମ୍ପର୍କରେ ଷ୍ଟାମ୍ପ ପେପରରେ ଲେଖାପଢ଼ା ହେବାର ଥିଲା। ଏହି ଖବର ପ୍ରଘଟ ହେବା ପରେ ସିଡବ୍ଲୁସିର ସାମାଜିକ କର୍ମୀ ଅରୁଣ ଖୁଆସ, ଚାଇଲ୍ଡଲାଇନ୍‌ର ଶ୍ରଦ୍ଧାଞ୍ଜଳି ସିଂ, ସିଡବ୍ଲୁସିର ଏସ୍. ଲତାଶ୍ରୀ, ଲିନା ବାବୁ ମାଲପଡ଼ା ଯାଇ ସମ୍ପୃକ୍ତ ମହିଳାଙ୍କୁ ଭେଟି ଶିଶୁବିକ୍ରି ସମ୍ପର୍କରେ ପଚାରିଥିଲେ। ଏହାପରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଏବଂ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ମାଲପଡ଼ା ଯାଇ ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରିଥିଲେ। ଅତିରିକ୍ତ ଜିଲାପାଳ ବେହେରାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଶିଶୁବିକ୍ରି ସଂକ୍ରାନ୍ତରେ ପଚାରିବାରୁ ଶିଶୁବିକ୍ରି ହୋଇଛି କି ନାହିଁ ତାହା ତଦନ୍ତ ପରେ ଜଣାପଡିବ। ଏବେ ନବଜାତ ଶିଶୁ ମା' ପାଖରେ ନାହିଁ। ଟିଟିଲାଗଡ଼ର ଜଣେ ମହିଳାଙ୍କ ପାଖରେ ଥିବା ସୂଚନା ମିଳିଛି।


ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଡିସିପିୟୁ, ସିଡବ୍ଲୁସି, ଟିମ୍ ମାଲପଡ଼ାରେ ଶିଶୁବିକ୍ରିର ତଦନ୍ତ କରୁଛନ୍ତି।

- ଅଭିଯୋଗର ତଦନ୍ତ କଲେ ଅତିରିକ୍ତ ଜିଲାପାଳ, ସିଡବ୍ଲୁସି, ଡିସିପିୟୁ ଟିମ୍
- ଟିଟିଲାଗଡ଼ର ଜଣେ ମହିଳା ସାଜିଥିଲେ ମଧ୍ୟସ୍ଥି
- ଶିଶୁ ଉଦ୍ଧାର ପାଇଁ ଟିଟିଲାଗଡ଼ ଗଲା ସ୍ପେଶାଲ ଟିମ୍



ଧ-୧୧୧




## ୧୩ରେ ଏନ୍‌ଡିଏ, ଏନ୍‌ଏ(ଆଇ) ପରୀକ୍ଷା

କଟକ,୯।୪(କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ଦ୍ୱାରା ଆସନ୍ତା ୧୩ ତାରିଖ ରବିବାର ଏନ୍‌ଡିଏ, ଏନ୍‌ଏ (ଆଇ) ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ (ପ୍ରଥମ ପେପର) ଏବଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ (ଦ୍ୱିତୀୟ ପେପର) ଲିଖିତ ପରୀକ୍ଷା ହେବାକୁ ସ୍ଥିର ହୋଇଛି। ସେହିପରି ଉକ୍ତ ଦିନ ସିଡିଏସ୍(ଆଇ) ୨୦୨୫ ଲିଖିତ ପରୀକ୍ଷାର ୩ଟି ପେପର ଯଥାକ୍ରମେ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା, ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଏବଂ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ହେବାକୁ ଯାଉଛି। କଟକର ମୋଟ୍ ୮ଟି ପରୀକ୍ଷା କେନ୍ଦ୍ରରେ ଏନ୍‌ଡିଏ, ଏନ୍‌ଏ (ଆଇ) ଏବଂ ୬ଟି ପରୀକ୍ଷା କେନ୍ଦ୍ରରେ ସିଡିଏସ୍(ଆଇ) ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ପ୍ରଣୀତ ନିୟମ ଅନୁସାରେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ପରୀକ୍ଷା କେନ୍ଦ୍ରର ଦ୍ୱାର ବନ୍ଦ କରାଯିବ। କୌଣସି ପରୀକ୍ଷାର୍ଥୀଙ୍କୁ ଉକ୍ତ ସମୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ନିର୍ଦ୍ଧାରିତ ସମୟ ପରେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷା ପରିଚାଳନା କରୁଥିବା କୌଣସି ଅଧିକାରୀଙ୍କୁ ଇଚ୍ଛାମୂଳକ ସାମର୍ଥ୍ୟ ଦିଆଯାଇନାହିଁ। ଏଣୁ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଉକ୍ତ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଥିବା ପରୀକ୍ଷାର୍ଥୀ ନିଜ ନିଜର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାର ଅତିକମ୍‌ରେ ୩୦ ମିନିଟ୍ ପୂର୍ବରୁ ପ୍ରବେଶ କରିବାକୁ ଅନୁରୋଧ କରାଯାଇଛି।



ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡ଼ିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। –ଶ୍ରୀମା

-ଅନଙ୍ଗ ତ୍ରୟୋଦଶୀ



# ସତୀତ୍ୱର ବହ୍ନି



ଦେବଦତ୍ତ ପଟ୍ଟନାୟକ

ୟୁରୋପରେ ଖ୍ରୀଷ୍ଟିଆନ ଧର୍ମଯାଜକ ସଇତାନଙ୍କୁ ପୂଜାକରୁଥିବା ଡାହାଣୀ ସନ୍ଦେହରେ ମହିଳାମାନଙ୍କୁ ଜିଅନ୍ତା ପୋଡ଼ିଦେଉଥିଲେ। ଆରବରେ ଇସ୍‌ଲାମ ଛାଡ଼ିଦେବା ପରିବର୍ତ୍ତେ ମୃତ୍ୟୁକୁ ପସନ୍ଦ କରୁଥିଲେ ଓ ଶହୀଦ ହେଉଥିଲେ। ସେମାନଙ୍କୁ ଏକ ଖାଇରେ ପକାଇ ଦିଆଯାଇ ନିଆଁ ଲଗାଇ ଦିଆଯାଉଥିଲା। ଧର୍ମୀୟ ବିବାଦକୁ ଦେଖିଲେ ମୃତ୍ୟୁର ରଙ୍ଗମଞ୍ଚ ମାନବ ସଂସ୍କୃତିର ଏକ ବଡ଼ ଅଂଶ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଯେଉଁଥିରେ ହିନ୍ଦୁ ବିଧବାଙ୍କୁ ଜଳିଦିଆଯାଉଥିବା ସତୀପ୍ରଥାକୁ ଦେଖାଯାଉ। ୧୮୨୯ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ସତୀପ୍ରଥାକୁ ବନ୍ଦକରିବାକୁ ଏକ ଆଇନ ଆଣିଥିଲେ। ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ବହୁ ଦିନ ଧରି ୟୁରୋପୀୟ ଦେଶଗୁଡ଼ିକରେ ଏହି ପ୍ରଥାକୁ ସାମ୍ନାକୁ ଆଣି ବିରୋଧ କରିଥିଲେ। ସେମାନେ ଯୁକ୍ତି ବାଢ଼ିଥିଲେ, ଭାରତ ଏହାର ଉଚ୍ଚ ଦର୍ଶନ ପରିବର୍ତ୍ତେ ଏକ ବର୍ବର ଭୂମି ଥିଲା ଯାହାର ସଭ୍ୟତାକୁ ବଞ୍ଚାଇବାର ଆବଶ୍ୟକତା ଥିଲା। ଏହି ପ୍ରତିବନ୍ଧକକୁ ଅସ୍ୱୀକାର କରି ୧ ଦଶନ୍ଧି ପରେ ଶିଖ୍ ସାମ୍ରାଜ୍ୟରେ ୪ ଜଣ ରାଜପୁତ ରାଣୀ ଏବଂ ୭ ଜଣ ଦାସୀ ରାଜା ରଣଜିତ ସିଂହଙ୍କ ଚିତାଗ୍ନିରେ ଝାସ ଦେଇଥିଲେ। ଏକ କଙ୍ଗଡ଼ା ଚିତ୍ରକଳାରେ ଏହି ଘଟଣାକୁ ଦର୍ଶାଯାଇଥିଲା। ୧୮୬୧ରେ ମାଇକେଲ ମଧୁସୂଦନ ଦତ୍ତ ମେଘନାଦ ବଧ ଗୀତିନାଟ୍ୟ ଲେଖିଥିଲେ। ଏଥିରେ ରାବଣର ପୁତ୍ରବଧୂ ତଥା ଇନ୍ଦ୍ରଜିତଙ୍କ ବିଧବା ରାଣୀ ପ୍ରମିଳାଙ୍କ ସତୀତ୍ୱର କାହାଣୀକୁ ଏହା ସାମ୍ନାକୁ ଆଣିଥିଲେ। ଏହାର ମୂଳ କାହାଣୀ ୭୦୦ ବର୍ଷ ପୁରୁଣା ତେଲଗୁ ରଙ୍ଗନାଥ ରାମାୟଣରେ ରହିଛି। ଏପରିକି ସତୀପ୍ରଥା ବନ୍ଦକୁ ସମର୍ଥନ କରୁଥିବା ହିନ୍ଦୁ ସମାଜ ସଂସ୍କାରକମାନେ ମଧ୍ୟ ଏହି ବେଙ୍ଗଲୀ ଗୀତିନାଟ୍ୟକୁ ପ୍ରଶଂସାକରିବା ତାହାକୁ ସାହିତ୍ୟର ଉତ୍କୃଷ୍ଟ କୃତି ବୋଲି କହିଥିଲେ।

ବୀରାଙ୍ଗନାମାନେ ସେମାନଙ୍କ ସ୍ୱାମୀଙ୍କ ମୃତଦେହ ସହ କିମ୍ବା ବିନା ମୃତଦେହରେ ନିଜକୁ ଅଗ୍ନିରେ ଝାସଦେଇ 'ସତୀ' ହେବା ପରମ୍ପରା କେବେଠୁ ଭାରତରେ ରହିଥିଲା ତାହା କେହି ଠିକ୍ ଭାବେ ଜାଣନ୍ତିନାହିଁ। ସତୀ ଶବ୍ଦର ଅର୍ଥ ପତିବ୍ରତା ନାରୀ। ଏହି ଅମାନବୀୟ ସତୀ ପରମ୍ପରାର ବିଶ୍ୱସ୍ତତା ସିଦ୍ଧାନ୍ତ ସହ ସମ୍ପର୍କ ରହିଛି। ସତୀ ସିଦ୍ଧାନ୍ତରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହା କଥା ଚିନ୍ତାକରେ ନାହିଁ। ତାଙ୍କ ପତିଙ୍କର ଅଲୌକିକ ଶକ୍ତି ଥିଲା। ସେହି ପତିବ୍ରତା ନାରୀ ଅଧାଗଡ଼ା ମାଠିଆରେ ପାଣି କାଢ଼ି ପାରୁଥିଲେ, ଯାହା ସତୀ ରେଣୁକାଙ୍କ କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ନାରୀ ସୂର୍ଯ୍ୟ ଉଦୟକୁ ଅଟକାଇ ଦେଇପାରୁଥିବା କଥା ସତୀ ଶୀଳାବତୀ କାହାଣୀରେ ଉଲ୍ଲେଖ ରହିଛି। ସତୀ ନାରୀ ମଧ୍ୟ ହିନ୍ଦୁଧର୍ମର ତ୍ରିମୂର୍ତ୍ତିଙ୍କୁ ତାଙ୍କ ସନ୍ତାନରେ ପରିଣତ କରିଦେଇପାରନ୍ତି, ଯାହା ସତୀ ଅନସୂୟା କାହାଣୀରେ ବର୍ଣ୍ଣନା କରାଯାଇଛି। ସତୀ ସାବିତ୍ରୀ ଯମ କବଳରୁ ତାଙ୍କ ସ୍ୱାମୀଙ୍କୁ ରକ୍ଷା କରିପାରିଥିଲେ। ଏଣୁ ଏହା ଗ୍ରହଣକରି ନିଆଗଲା ଯେ, ଜଣେ ସତୀ ନାରୀ ତାଙ୍କ ବୀର ସ୍ୱାମୀଙ୍କୁ ମୃତ୍ୟୁରୁ ରକ୍ଷା କରିପାରିବେ।

ବୈଦିକ ସାହିତ୍ୟରେ ଏହି ପ୍ରଥା ସମ୍ପର୍କରେ କିଛି କୁହାଯାଇନାହିଁ। ଋଗ୍‌ବେଦରେ କେବଳ ଉଲ୍ଲେଖ ରହିଛି, ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ମୃତଦେହ କଡ଼ରେ ଶୋଇ ରହନ୍ତି ଓ ପରେ ଅନ୍ୟ ଜଣେ ପୁରୁଷଙ୍କ ହାତ ଧରି ପୁଣି ନୂଆ ଜୀବନକୁ ଫେରନ୍ତି। ଏହା ଉତ୍ତର ଭାରତର ପଶୁପାଳକ ଗୋଷ୍ଠୀର 'ଚାଦର ଚନ୍ଦନ' ପରମ୍ପରାକୁ ଉତ୍ସାହିତ କରିଛି , ଯେଉଁଥିରେ ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟଙ୍କୁ ବିବାହ କରିଥାନ୍ତି। ଏହି ପ୍ରକାର ପରମ୍ପରା ଇହୁଦୀ ବାଇବେଲରେ ମଧ୍ୟ ଦେଖିବାକୁ ମିଳେ, ଯେଉଁଠି ଟମାର(ରାଜା ଡାଭିଡ୍‌ଙ୍କ କନ୍ୟା ତଥା ଜୁଦାଙ୍କ ପୁତ୍ରବଧୂ)ଙ୍କୁ ତାଙ୍କ ଦିଅରକୁ ବିବାହ କରିବାକୁ ବାଧ୍ୟକରାଯାଇଥିଲା। ନାରୀ ଅଧିକାର ପାଇଁ ଲଢୁଥିବା ବ୍ୟକ୍ତିମାନେ ଏହି ପ୍ରକାର ପୁନର୍ବିବାହକୁ ପୁରୁଷପ୍ରଧାନ ସାମାଜିକ ବ୍ୟବସ୍ଥା ଭାବେ ଦେଖୁଥିଲେ, ଯେହେତୁ ବିଧବାଙ୍କ କୌଣସି ପ୍ରଭାବ ନ ଥିଲା। ବ୍ରାହ୍ମଣ ଓ ରାଜପୁତମାନେ ପୁନର୍ବିବାହକୁ ସ୍ୱୀକାର କରୁ ନ ଥିଲେ। କାରଣ ଏହାକୁ ସେମାନେ ନିମ୍ନ ଜାତିର ପରମ୍ପରା ଭାବେ ଦେଖୁଥିଲେ, ଯାହା ରାମାୟଣର ରାକ୍ଷସ ଓ ମର୍କଟଙ୍କ ମଧ୍ୟରେ ଦେଖିବାକୁ ମିଳେ। ଜଣେ ଉଚ୍ଚଜାତିର ବିଧବା ଯଦି ତାଙ୍କ ସ୍ୱାମୀଙ୍କ ଚିତାରେ ଝାସଦେବାକୁ ମନାକରୁଥିଲେ,ତେବେ ସେ ଲଣ୍ଡାହୋଇ ଶରୀରକୁ ଗହଣାରେ ଢାଙ୍କିହେବା ସହ ବିନା ଲୁଣ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇଲେ ହିଁ ତାଙ୍କୁ ସମ୍ମାନ ମିଳୁଥିଲା। ସେ ଜଣେ ନନ୍ ଭଳି ବଞ୍ଚୁଥିଲେ ଏବଂ ମଥୁରା ଓ ବୃନ୍ଦାବନର ମନ୍ଦିରଗୁଡ଼ିକରେ ଏକୁଟିଆ ରହୁଥିଲେ। ଷୋଡ଼ଶ ଶତାବ୍ଦୀର ରାଜପୁତ ରାଜକୁମାରୀ ମୀରା ସତୀ ହେବା ପାଇଁ ମନା କରିଦେଇ ସର୍ବସାଧାରଣରେ କୃଷ୍ଣ ଭଜନ ଗାଇବାରେ ନିଜ ଜୀବନକୁ ସମର୍ପିତ କରିଦେଇଥିଲେ। ତାଙ୍କ ପରିବାର ଓ ସମ୍ପର୍କୀୟମାନେ ତାଙ୍କୁ ସମସ୍ୟାରେ ପକାଇବା ଯୋଗୁ ସେ ଅଲୌକିକ ଭାବେ ଦ୍ୱାରକାରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

ବିଧବା ନିଆଁରେ ଝାସଦେଇ ମୃତ୍ୟୁବରଣ କରିବାର ପ୍ରମାଣ ନେପାଳ, କେନ୍ଦ୍ର ଓ ପଶ୍ଚିମ ଭାରତରୁ ମିଳିଥିବା ୧୬୦୦ ବର୍ଷ ପୁରୁଣା ପୁରାତନ ପ୍ରତ୍ନତାତ୍ତ୍ୱିକ ଓ ଶିଳାଲେଖରୁ ମିଳେ। ଏହା ହେଉଛି ପାଖାପାଖି ସେହି ସମୟ ଯେତେବେଳେ ରାଜା ସାତବାହାନ ଗୋଦାବରୀ ନଦୀ ଅବବାହିକାକୁ ଅଧିକାର କରିଥିଲେ। ସେହି ସମୟର ଏକ ତାମିଲ ସଙ୍ଗମ କବିତାରେ ଜଣେ ବିଧବା କହିଛନ୍ତି, ''ମୋଟା କାଠଗଣ୍ଡିର ଚିତା ବା ଅଗ୍ନିଶିଖା ତୁମକୁ ଡରାଇଦେବ, କିନ୍ତୁ ତା'ପ୍ରତି ମୋ ମନରେ ଭୟ ନାହିଁ, କାରଣ ମୋ ସହ ବୀର ସ୍ୱାମୀ ରହିଛନ୍ତି। ଏକ ପଦ୍ମପୋଖରୀ ଏବଂ ଏକ ଅଗ୍ନିଶିଖାର ବେଦି ଉଭୟ ମୋ ପାଇଁ ସମାନ (ପୁରାଣନୁରୁ, ୨୪୬)।'' ସେହି ସମୟର ପ୍ରକୃତି ସାହିତ୍ୟର ଗହା ସତ୍ତାସି ( କବିତା ୪୦୭)ରେ ନିଜର ପ୍ରିୟ ସ୍ୱାମୀ କଡ଼ରେ ରହିଥିବା ଜଣେ ବିଧବା ଶରୀରରୁ ନିଗୁଡ଼ୁଥିବା ବୁନ୍ଦାବୁନ୍ଦା ଜଳ କିଭଳି ଚିତାକୁ ଲିଭାଇଦିଏ ସେ ସମ୍ପର୍କରେ ବର୍ଣ୍ଣନା ରହିଛି।

ପ୍ରାୟ ୧୩୦୦ ବର୍ଷ ପୂର୍ବର ପୁରାତନ ବ୍ରାହ୍ମଣୀୟ ଗ୍ରନ୍ଥ (ପ୍ରସାର ଓ ବିଷ୍ଣୁ ଧର୍ମଶାସ୍ତ୍ର)ରେ ଏହି ପ୍ରଥା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହାକୁ ସତୀତ୍ୱ ବଜାୟ ରଖିବା ଏବଂ ସ୍ୱର୍ଗକୁ ଯିବାର ପଥ ବୋଲି କୁହାଯାଇଛି। କିନ୍ତୁ ଏହା କେବଳ ଯୋଦ୍ଧା ସମୁଦାୟଙ୍କ ମଧ୍ୟରେ ସୀମିତ ଥିଲା। ଏଥିରେ ସମ୍ମାନ ମିଳୁଥିଲା, ବେଶ୍ ଲୋକପ୍ରିୟ ଥିଲା। ରାଜସ୍ଥାନଠାରୁ ଆରମ୍ଭକରି କେନ୍ଦ୍ର ଭାରତ, ନର୍ମଦା ଅବବାହିକା ଏବଂ ଓଡ଼ିଶା ପର୍ଯ୍ୟନ୍ତ ସତୀ ପ୍ରଥାର ବ୍ୟାପକ ପ୍ରସାରରୁ ଏହାର ସଙ୍କେତ ମିଳେ। ଚତୁର୍ଦ୍ଦଶ ଶତାବ୍ଦୀରେ ଏହାକୁ ଔପଚାରିକ ଭାବେ ବିରୋଧ କରିବାରେ ପ୍ରଥମ ରାଜା ହେଉଛନ୍ତି ମହମ୍ମଦ ତୋଗଲକ। କିନ୍ତୁ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ବିଶେଷକରି ମରାଠା ଓ ରାଜପୁତମାନେ ସତୀ ଝାସଦେଇଥିବା ସ୍ଥାନରେ ସ୍ମାରକ ନିର୍ମାଣ କରିଥିଲେ। ପାଖାପାଖି ୩୦୦ ବର୍ଷ ପୂର୍ବେ ପଶ୍ଚିମବଙ୍ଗର କୁଳୀନ ବ୍ରାହ୍ମଣମାନେ ଏହି ପ୍ରଥାକୁ ଗ୍ରହଣ କରିଥିଲେ। ତେବେ ଚିନ୍ତାର ବିଷୟ ହେଲା, ଏହା କ'ଣ ବହୁ ବିବାହ ପରମ୍ପରା ସହ ରହିଥିଲା? ଜାତିଶୁଦ୍ଧତାର ସେବାରେ ନିଃସନ୍ତାନ ବାଲ୍ୟ ବିଧବାଙ୍କ ପାଇଁ କୁଳୀନ ପୂଜକ ଗୋଷ୍ଠୀଙ୍କ ଦ୍ୱାରା ଏହା ଯୁକ୍ତିଯୁକ୍ତ ଥିଲା। ସେଥିପାଇଁ ଭାରତକୁ ବଦନାମ କରିବା ଏବଂ ଏହା ଉପରେ ପ୍ରତିବନ୍ଧକ ଲଗାଇବା ସକାଶେ ବ୍ରିଟିଶ ଧର୍ମଯାଜକମାନେ ୟୁରୋପରେ ଜୋର୍‌ସୋର ପ୍ରଚାର କରିଥିଲେ।

-devduttofficial@gmail.com

# ବିଚାର ଆପଣଙ୍କର



ଭାସ୍କର ବାରିକ

ମାତାପିତାଙ୍କଠାରୁ ଦୁନିଆରେ ଆଉ ବଡ଼ ଦେବତା ନାହାନ୍ତି। ବାପାମା'ଙ୍କୁ ଭକ୍ତି କରୁଥିବା, ତାଙ୍କର ସେବା କରୁଥିବା ସନ୍ତାନ ଜୀବନରେ କେବେ କେଉଁଠି ବି ହାରେନି। ବାପାମା'ଙ୍କର ଆଶିଷର ହାତ ସନ୍ତାନ ଉପରେ ଥିଲେ, ଜୀବନର ସମସ୍ତ ଝଡ଼ଝଞ୍ଜାକୁ ସେ ଅକ୍ଳେଶରେ ସାମନା କରିପାରେ। କିନ୍ତୁ ଏବର ଦୁନିଆରେ ବାପାମା'ଙ୍କ ସାହାରାରେ ବଡ଼ହୋଇ ନିଜ ଗୋଡ଼ରେ ଠିଆହେଲା ପରେ କିଛି ସନ୍ତାନ ନିଜ ବାଟରେ। ପରିଣତ ବୟସରେ ବାପାମା' ଗାଁରେ ଆଉ ଶିକ୍ଷିତ ସନ୍ତାନ ପରିବାର ସହିତ ସହରରେ। ଆଉ ଯେଉଁ ବାପାମା' ଜୀବନର ସର୍ବସ୍ୱ ହରେଇ ନିଜ ସନ୍ତାନର ସୁଖ ମନାସୁଥିଲେ, ହଜାରେ ମନ୍ଦିର ଯାଇ ସନ୍ତାନର ସଫଳତା ଓ ଉନ୍ନତି ପାଇଁ ଠାକୁରଙ୍କ ପାଖରେ ମାନସିକ ରଖୁଥିଲେ, ବୁଢ଼ା ବୟସରେ ପାଇଲେ କ'ଣ ସେମାନେ? ଦୁନିଆର ଆଲୋକ ଦେଖେଇଥିବା, ବଢ଼େଇ କୁଡେଇ ମଣିଷ କରିଥିବା ଜିଅନ୍ତା ଠାକୁରଙ୍କୁ ବାର୍ଦ୍ଧକ୍ୟ ଅବସ୍ଥାରେ ହତାଦର କରିବା କ'ଣ ମଣିଷ ପଣିଆ? ଯେଉଁ ସନ୍ତାନମାନେ ଏମିତି କରୁଛନ୍ତି, ସେମାନଙ୍କ ବାର୍ଦ୍ଧକ୍ୟ ସମୟରେ ତାଙ୍କ ନିଜର ସନ୍ତାନ ସନ୍ତତିଠାରୁ ଏମିତି ବ୍ୟବହାର ପାଇବା ଏକପ୍ରକାର ନିଶ୍ଚିତ। କଥାରେ ଅଛି ପରା ଯେମିତି ବୁଣିବ, ସେମିତି କାଟିବ।

ବୟସର ଅପରାହ୍ନରେ ନଇଁ ଯାଇଛି ଅଣ୍ଟା। ସ୍ପଷ୍ଟ ଭାବରେ କଥା କହିବାର ସାମର୍ଥ୍ୟ ହରେଇବା ଉପରେ ବୃଦ୍ଧ ଜଣକ। କେଉଁ ମୁହୂର୍ତ୍ତରେ ଆସିପାରେ ଉପରୁ ଡାକରା। ସେହି ବୃଦ୍ଧ ବ୍ୟକ୍ତି ଜଣଙ୍କ ବୁଲୁଛନ୍ତି ଜଗନ୍ନାଥ ଧାମ ପୁରୀ ବଡ଼ଦାଣ୍ଡରେ। କାମ କରିବାର ଶକ୍ତି ଆଉ ନାହିଁ। ଭିକ୍ଷାବୃତ୍ତି କରି ପେଟ ପୋଷୁଛନ୍ତି। ରାତି ହେଲେ କେଉଁ ଦୋକାନ ବାରଣ୍ଡା ହିଁ ପାଲଟୁଛି ତାଙ୍କ ଆଶ୍ରୟସ୍ଥଳୀ। ଏକ ଓଡ଼ିଆ ଟିଭି ଚାନେଲରେ ଏମିତି ଦୃଶ୍ୟର ପ୍ରସାରଣ ସେଦିନ ଦେଖିବା ପରେ ମନ ଭିତରେ ଝଡ଼ ଉଠୁଥିଲା। ଥରଥର କଣ୍ଠରେ ବ୍ୟକ୍ତି ଜଣଙ୍କ ତାଙ୍କର ଅତୀତକୁ ଖୋଲିଦେଇଥିଲେ ଦୁନିଆ ଆଗରେ। ସେ ଏକ ଛୋଟିଆ ଚାକିରି କରିଥିଲେ । ଯେଉଁ ସଂସ୍ଥାରେ ଚାକିରି କରିଥିଲେ, ସେହି ସଂସ୍ଥାରେ ପେନ୍‌ସନ ପାଇବାର କୌଣସି ବ୍ୟବସ୍ଥା ନ ଥିଲା। ଚାକିରି କାଳ ଭିତରେ ନିଜର ସମସ୍ତ ଅର୍ଥ ଘର ଚଳେଇବା , ପିଲା ଦୁଇଜଣଙ୍କ ପାଠ ପଢ଼ାରେ ଗଲା। ଅବସର ସମୟରେ ଯେଉଁ ଅର୍ଥ ପାଇଥିଲେ, ସେହି ଅର୍ଥରେ ଝିଅର ବାହାଘର ସାରିଦେଲେ। ଝିଅ ବାହାଘର ପରେ ପରେ ତାଙ୍କ ସ୍ତ୍ରୀ ଉପରକୁ ବାଟ କାଟିଲେ। ଏକୁଟିଆ ହୋଇଗଲେ ସେ। ଆଉ ଯାହା କିଛି ଟଙ୍କା ବାକିଥିଲା ଏକମାତ୍ର ପୁଅର ଉଚ୍ଚ ଶିକ୍ଷାରେ ଗଲା। ଆଶା ଥିଲା ପୁଅ ନିଜ ଗୋଡ଼ରେ ଠିଆହେଲା ପରେ ତାଙ୍କର ଆଉ କିଛି ଅସୁବିଧା ହେବନାହିଁ। ମଣିଷର ଆଶା ପରା ଅସୁମାରୀ। ପୁଅ ଭଲ ପାଠ ପଢ଼ି ଉଚ୍ଚ ପଦବୀରେ ବସିଲା। ପୁଅ ଚାକିରି କଲାପରେ ମଉସା ଭାବିଥିଲେ ତାଙ୍କ ଜୀବନ ସଫଳ ହୋଇଛି। କିନ୍ତୁ ବାସ୍ତବରେ ଦୁର୍ଭାଗ୍ୟ ଏଇଠୁ ଆରମ୍ଭ ହେଲା। ପୁଅ ଉଚ୍ଚପଦସ୍ଥ ଅଧିକାରୀ ହେଲାପରେ ଆଉ ଗାଁରେ ଥିବା ବୁଢ଼ା ବାପାକୁ ଅନେଇଲା ନାହିଁ। ସହରର ଚାକଚକ୍ୟ ଭିତରେ ଆରାମଦାୟକ ଜୀବନ ଜିଇଲା। ବୟସର ତାଡ଼ନା, ପେଟର ଭୋକ ଓ ଯାବତୀୟ ଯନ୍ତ୍ରଣାର ଶିକାର ହେଉଥିଲେ ମଧ୍ୟ ସେହି ବୃଦ୍ଧ ବ୍ୟକ୍ତି ପୁଅକୁ ଆଶୀର୍ବାଦ କରୁଥିଲେ ଟିଭି ପରଦାରେ। କହୁଥିଲେ, ପୁଅ ମୋର ଯେଉଁଠି ଅଛି, ଖୁସିରେ ରହୁ। ଈଶ୍ୱର ତା'ର ମଙ୍ଗଳ କରନ୍ତୁ। ବୋଧହୁଏ ଦୁନିଆରେ ସବୁ ବାପାମାନେ ଏମିତି ସନ୍ତାନର ମଙ୍ଗଳ କାମନା କରୁଥାନ୍ତି ରାତିଦିନ। କଥାରୁ ସ୍ପଷ୍ଟ ବାରିହେଉଥିଲା ତାଙ୍କ ଜୀବନର ଜ୍ୱଳନ, ଉତ୍ପୀଡନ, ନିଃସଙ୍ଗ ପଣିଆ, ଅସହାୟତା ଓ ଯନ୍ତ୍ରଣା। ଆଜିକାଲି ଦୁନିଆରେ ଏମିତି ଅନେକ ଘଟଣା ଘଟୁଛି। ଆମେ ଅତ୍ୟଧିକ ବସ୍ତୁବାଦୀ ହୋଇଯାଇଛୁ। ମାନବୀୟ ଗୁଣ ଓ ରକ୍ତ ସମ୍ପର୍କକୁ ପଛରେ ପକେଇ ବ୍ୟକ୍ତିବାଦୀ ହୋଇ ଯାଉଛୁ ଯାହା ଆଦୌ ଗ୍ରହଣୀୟ ନୁହେଁ। ଜୀବନର ନିଷ୍ଠୁର ବାସ୍ତବତାକୁ ଅନୁଭବ କଲାବେଳକୁ ହୁଏତ ନେଡ଼ିଗୁଡ଼ କହୁଣିକୁ ଛୁଇଁ ସାରିଥିବ। ଯେତେ ଲୁହ ଝରେଇଲେ ବି ଆଉ କିଛି ଲାଭ ହେବନି। ଆଜିର ବଳ ବୟସ କ୍ଷମତା ପଦବୀ ରୋଜଗାର କାଲିକୁ ନ ଥିବ। ଆଉ ତା' ପରେ ? ପରିଣତ ବୟସରେ ବାପାମା'ଙ୍କ ଆଖିରୁ ଝରୁଥିବା ତତଲା ଲୁହ କାହା ଉପରେ ପଡ଼ିବ ? ଏ ପାପ କୁକର୍ମର ଫଳ କିଏ ଭୋଗିବ ? ଶେଷରେ ଏତିକି କହିବି ସତରେ କ'ଣ ଏହି ବୃଦ୍ଧଙ୍କ ଭଳି ବାପାମାନଙ୍କ ପୁଅମାନଙ୍କୁ ଆମେ ମଣିଷର ଆଖ୍ୟା ଦେଇପାରିବା ? ବିଚାର ଆପଣମାନଙ୍କର।

ବାସୁଦେବପୁର,ଭଦ୍ରକ
ମୋ: ୯୪୩୭୩୨୦୩୫୦

## ଏଇ ଭାରତରେ

ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସକରି ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯିବାର ପ୍ରୟାସ କରାଯାଉଛି। ସବୁଜ ଶକ୍ତି ତଥା ଜୈବ ଇନ୍ଧନ ଏହାର ବିକଳ୍ପ ହୋଇଥିବାରୁ ଏବେ ଏସବୁ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଆଇଆଇଟି ମାଡ୍ରାସ୍‌ର ପୁରାତନ ଛାତ୍ରମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସି-୬ ଏନର୍ଜୀ ଫାଉଣ୍ଡେଶନ ସିଉ୍‌ଡ୍ ବା ସମୁଦ୍ରଶୈବାଳରୁ ବାୟୋଫୁଏଲ ବା ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇପାରୁଛି। ସେମାନେ ଏଭଳି ଶୈବାଳକୁ ସମୁଦ୍ରରେ ଚାଷ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ନେଲ୍‌ସନ ଭାଡ୍‌ସେରି, ଶ୍ରୀକୁମାର ସୂର୍ଯ୍ୟନାରାୟଣ, ଶୈଳଜା ନୋରି ଏବଂ ସୌମ୍ୟା ବାଲେନ୍ଦିରାନ ୨୦୧୦ରେ ଏହି ଷ୍ଟାର୍ଟଅପ୍ ଗଠନ କରିଥିଲେ। ବାୟୋଫୁଏଲ ପ୍ରସ୍ତୁତ ପ୍ରକ୍ରିୟା ସମ୍ପୂର୍ଣ୍ଣ କାର୍ବନ ନ୍ୟୁଟ୍ରାଲ। ଅର୍ଥାତ୍ ଇନ୍ଧନ ପ୍ରସ୍ତୁତବେଳେ ଯେଉଁ ପରିମାଣର କାର୍ବନ ଡାଇଅକ୍ସାଇଡ ନିର୍ଗତ ହେଉଛି ତାହାକୁ ଚାଷ ସମୟରେ ସମୁଦ୍ରଶୈବାଳ ଗ୍ରହଣ କରିନେଉଛି। ଏବେ ଏହି ଷ୍ଟାର୍ଟଅପ୍‌କୁ ନେଦରଲାଣ୍ଡସର ଆକ୍ୱା ସ୍ପାର୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମରୁ ପାଣ୍ଠି ମିଳିଛି। ଏହା ମଧ୍ୟ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ଏଚ୍‌ପିସିଏଲ) ସହ ଗବେଷଣା ଓ ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ମିଳିତ ଭାବେ କାମ କରୁଛି। ଶୈବାଳ ଚାଷ ହେବାଦ୍ୱାରା ସାମୁଦ୍ରିକ ଜୈବବିବିଧତାର ବିକାଶ ଘଟୁଛି ଏବଂ ଜଳବାୟୁ ପରିବର୍ତ୍ତନ ପଦକ୍ଷେପରେ ସି-୬ ଏନର୍ଜୀ ଫାଉଣ୍ଡେଶନ ସାମିଲ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୭୬

- ଧଉଳିଠାରେ ଏକ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ହରିଜନମାନଙ୍କର ସାମାଜିକ ତଥା ଅର୍ଥନୈତିକ ଉନ୍ନତି ନିମନ୍ତେ ୭୩୦ ନିୟୁତ ଟଙ୍କା ବ୍ୟୟ ବରାଦ।
- ବାଙ୍ଗାଲୋରଠାରେ ଥିବା ହିନ୍ଦୁସ୍ତାନ ଯନ୍ତ୍ରପାତି କାରଖାନା ୮୬ କୋଟି ଟଙ୍କାର ଯନ୍ତ୍ରପାତି ଉତ୍ପାଦନ କରି ନୂତନ ରେକର୍ଡ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 1 | | | 3 | |
| | 8 | | | | | | | |
| | | 1 | | 8 | | 7 | | 9 |
| | 6 | | | | | 1 | 8 | 2 |
| | 3 | | | | | | | 7 |
| 8 | | 9 | | | | | 6 | 5 |
| | 7 | 8 | | | 9 | | | |
| 3 | | | | | | | | |
| 4 | | | 7 | 6 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 4 | 5 | 7 | 3 | 9 | 8 |
| 8 | 7 | 3 | 9 | 6 | 2 | 4 | 1 | 5 |
| 9 | 4 | 5 | 8 | 1 | 3 | 6 | 2 | 7 |
| 6 | 3 | 8 | 1 | 2 | 5 | 7 | 4 | 9 |
| 7 | 5 | 9 | 3 | 4 | 6 | 2 | 8 | 1 |
| 4 | 2 | 1 | 7 | 8 | 9 | 5 | 3 | 6 |
| 5 | 9 | 6 | 2 | 3 | 8 | 1 | 7 | 4 |
| 2 | 8 | 4 | 6 | 7 | 1 | 9 | 5 | 3 |
| 3 | 1 | 7 | 5 | 9 | 4 | 8 | 6 | 2 |

ଗତକାଲିର ଉତ୍ତର

# ବିଶ୍ୱ ରାଜନୀତି ଓ ଟ୍ରମ୍ପ୍



ଜନାର୍ଦ୍ଦନ ପତି

୨୦୨୫, ଜାନୁଆରୀ ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲାପରେ ବିଶ୍ୱର ବିଭିନ୍ନ ଦେଶରେ ଏହାର ପ୍ରତିକ୍ରିୟା ଦେଖାଦେଇଛି। ଟ୍ରମ୍ପ ଘୋଷଣା କରିଥିଲେ ଯେ, ସେ ଶପଥ ନେବାର ୨୪ଘଣ୍ଟା ମଧ୍ୟରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରିଦେବେ। ଗାଜା ଷ୍ଟ୍ରିପ୍‌ରେ ଯୁଦ୍ଧ ବିରତି ନିମନ୍ତେ ହମାସ ଓ ଇସ୍ରାଏଲ ସରକାର ମଧ୍ୟରେ ଚୁକ୍ତି ହୋଇଥିଲା। ୨୦୨୩ ଅକ୍ଟୋବର ୭ ତାରିଖରୁ ୨୦୨୫, ଜାନୁଆରୀ ୧୯ ପର୍ଯ୍ୟନ୍ତ ଏକପାଖିଆ ଯୁଦ୍ଧରେ ଇସ୍ରାଏଲ ଜିତିପାରିଲା ନାହିଁ। ଇସ୍ରାଏଲ ଗାଜାଷ୍ଟ୍ରିପ୍ ଉପରେ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଘୋଷଣା କରିଥିଲା ଯେ, ହମାସ୍‌କୁ ସମୂଳେ ଧ୍ୱଂସ କରିବା ଓ ସମସ୍ତ ପଣବନ୍ଦୀଙ୍କୁ ହମାସ୍ କବଳରୁ ମୁକ୍ତ ନ କଲା ପର୍ଯ୍ୟନ୍ତ ଯୁଦ୍ଧ ଶେଷ ହେବ ନାହିଁ। ଇସ୍ରାଏଲର ଶକ୍ତିଶାଳୀ ସାମରିକ ବାହିନୀ ଓ ଆମେରିକାର ଅସରନ୍ତି ଅସ୍ତ୍ର ଭଣ୍ଡାରରୁ ଇସ୍ରାଏଲକୁ ଅବିରାମ ଅସ୍ତ୍ର ଚାଲାଣ ସତ୍ତ୍ୱେ ହମାସ୍ କ'ଣ ଧ୍ୱଂସ ହୋଇଯାଇଛି? ହମାସ୍ ଅବଶ୍ୟ ଦୁର୍ବଳ ହୋଇଛି ସତ, ମାତ୍ର ଆମେରିକାର ପୂର୍ବତନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ସ ବ୍ଲିଙ୍କନଙ୍କ ମତରେ ହମାସ୍ ଯେତିକି ଯୋଦ୍ଧାଙ୍କୁ ଯୁଦ୍ଧରେ ହରାଇଛି, ତା'ଠାରୁ ବେଶି ଯୋଦ୍ଧାଙ୍କୁ ସେମାନେ ତାଙ୍କ ବାହିନୀରେ ସାମିଲ କରିପାରିଛନ୍ତି। ବାସ୍ତବିକ ଏ ଯୁଦ୍ଧରେ ଇସ୍ରାଏଲ ଓ ଆମେରିକାର ପରାଜୟ ଘଟିଛି। ଆମେରିକା ଓ ଇସ୍ରାଏଲ ବିଶ୍ୱରେ କ୍ରମଶଃ ଏକଘରକିଆ ହୋଇଯାଇଛନ୍ତି। ୧୯ ଜାନୁଆରୀ ୨୦୨୫ରେ ହୋଇଥିବା ଯୁଦ୍ଧ ବିରତକୁ ଇସ୍ରାଏଲ ବାତିଲ କରି ପାଲେଷ୍ଟାଇନଙ୍କ ଉପରେ ପୁଣି ଯୁଦ୍ଧ ଓ ହତ୍ୟାକାଣ୍ଡ ଘଟାଇ ଚାଲିଛି।

ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ନୀତି କ'ଣ ହେବ, ତାହାର ଏକ ଝଲକ ଟ୍ରମ୍ପଙ୍କ ଶପଥଗ୍ରହଣର ୨୪ଘଣ୍ଟା ମଧ୍ୟରେ ଜଣାପଡିଥିଲା। ରୁଷିଆ-ୟୁକ୍ରେନ ଯୁଦ୍ଧ ସମାପ୍ତ ହୋଇନାହିଁ, କିନ୍ତୁ ଆମେରିକାର ୪୭ତମ ରାଷ୍ଟ୍ରପତି ଟ୍ରମ୍ପଙ୍କ ଘୋଷଣା କାନାଡ଼ା, ମେକ୍ସିକୋ, ୟୁରୋପ, ଆଫ୍ରିକା, ପଶ୍ଚିମ ଏସିଆ, ଚାଇନା, ରୁଷିଆ, ଭାରତ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଉପରେ ପ୍ରଭାବ ପକାଇଛି। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, କାନାଡ଼ାର ଅସ୍ତିତ୍ୱ ରହିବ ନାହିଁ ଓ ଏହା ଯୁକ୍ତରାଷ୍ଟ୍ର ଆମେରିକାର ୫୧ତମ ରାଜ୍ୟ ଭାବେ ପରିଗଣିତ ହେବ। କାନାଡ଼ାର ନାଗରିକମାନେ କ'ଣ ଏହାକୁ ଗ୍ରହଣ କରିନେବେ? କାନାଡ଼ା ସରକାର ଟ୍ରମ୍ପଙ୍କ ଏ ପ୍ରକାର ଘୋଷଣାକୁ ପାଗଳାମି ବୋଲି କହିଛି।

ଟ୍ରମ୍ପ କହିଛନ୍ତି ଯେ, ସେ ଡେନମାର୍କଠାରୁ ଗ୍ରୀନ୍‌ଲାଣ୍ଡକୁ ଜବରଦସ୍ତ କିଣିନେବେ ନଚେତ୍ ସାମରିକ ବାହିନୀ ଦ୍ୱାରା ଦଖଲ କରିବେ। ସେ ଆଉ ମଧ୍ୟ କହିଛନ୍ତି, ମେକ୍ସିକୋ ସାଗରକୁ (ଗଲ୍ଫ ଅଫ୍ ମେକ୍ସିକୋ) ଆମେରିକା ସାଗରରେ ନାମିତ କରିବେ। ଏହା ସହ ଟ୍ରମ୍ପ ଦମ୍ଭରେ କହିଛନ୍ତି, ପାନାମାଠାରୁ ପାନାମା କେନାଲର କର୍ତ୍ତୃତ୍ୱକୁ ଛଡ଼ାଇ ନେବେ। ପୃଥିବୀର ମାନଚିତ୍ର ବଦଳାଇବା ପାଇଁ ଘୋଷଣା କରିବା ସହ ସେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନଠାରୁ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ପର୍କ ଛିନ୍ନ କରିଛନ୍ତି ଓ ପ୍ୟାରିସ ଜଳବାୟୁ ଚୁକ୍ତିନାମାରୁ ଆମେରିକାକୁ ଅଲଗା କରିଛନ୍ତି। ଅର୍ଥାତ୍ ବିଶ୍ୱର ସ୍ୱାସ୍ଥ୍ୟସେବା ଯେପରି ଗୁରୁତର ବ୍ୟାହତ ହେବ, ତାହା ହେଉଛି ଟ୍ରମ୍ପଙ୍କ ଲକ୍ଷ୍ୟ।

ଅର୍ଥନୈତିକ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଦେଶନାମା ଆହୁରି ଗୁରୁତ୍ୱ ବହନ କରିଛି। ୟୁରୋପୀୟ ଦେଶଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନଙ୍କ ଜିଡିପିର ୫ ଶତାଂଶ ସାମରିକ କ୍ଷେତ୍ରରେ ବ୍ୟୟ କରାଯିବା ଆବଶ୍ୟକ। ଯଦିଓ ଆମେରିକା ନିଜେ ବି ଏହି ଅନୁପାତ ସାମରିକ କ୍ଷେତ୍ର ପାଇଁ ବ୍ୟୟ କରିନାହିଁ। ୟୁରୋପୀୟ ଦେଶମାନେ ଆମେରିକାର ଉତ୍ପାଦିତ ସାମଗ୍ରୀ ନ କିଣିଲେ ସେମାନଙ୍କ ପଣ୍ୟ ଉପରେ ୧୦% ଟିକସ ବସାଯିବ ବୋଲି ସେ ଘୋଷଣା କରିଛନ୍ତି। ବ୍ରିକ୍ସ ଦେଶମାନଙ୍କର ପଣ୍ୟ ଉପରେ ୧୦% ଟିକସ ବସାଇବାକୁ ଧମକ ଦେଇଛନ୍ତି।

୧୯୫୦ରୁ ୭୦ ଦଶକରେ ଆମେରିକା ଯେପରି ଭିଏଟନାମ, କୋରିଆ ଓ କାମ୍ବୋଡିଆରେ ଯୁଦ୍ଧ କରି ଶେଷରେ ପରାସ୍ତ ହୋଇଥିଲା ଓ ଆଫଗାନିସ୍ଥାନ ଉପରେ ୨୦ବର୍ଷ ଆକ୍ରମଣ କରି ଶେଷରେ ଏକତରଫା ଯୁଦ୍ଧ ସମାପ୍ତି ଘୋଷଣା କରିଥିଲା- ତାହା ଆମେରିକା ସରକାରଙ୍କ ପାଇଁ ଏକ ଶିକ୍ଷା ହେବା ଆବଶ୍ୟକ। ମାତ୍ର ଡୋନାଲ୍ଡ ଟ୍ରମ୍ପ ଯେଉଁ ରାସ୍ତା ଆପଣେଇଛନ୍ତି, ତାହା ସମଗ୍ର ବିଶ୍ୱକୁ ଏକ ସଙ୍କଟର ଗହ୍ୱର ଭିତରକୁ ଠେଲିଦେବ।




ଟ୍ରମ୍ପ ବାରମ୍ବାର କହୁଛନ୍ତି , ଆମେରିକା ଫାର୍ଷ୍ଟ। ଯଦି ଆମେରିକା ଅତି ଧନୀରୁ ପୁଣି ଧନୀ ଦେଶରେ ପରିଣତ ହୁଏ ଓ ଅନ୍ୟ ସମସ୍ତ ଦେଶ ଗରିବ ହୋଇ ରହିବେ, ତେବେ ଆମେରିକା କିପରି ନିଜକୁ ବଞ୍ଚାଇପାରିବ। ଅର୍ଥ ଓ ସାମରିକ ଅସ୍ତ୍ରରେ ବଳୀୟାନ ହୋଇ ସମଗ୍ର ବିଶ୍ୱକୁ ପଦାନତ କରିବାର ଆସ୍ପର୍ଦ୍ଧା ଯଦି କୌଣସି ବ୍ୟକ୍ତି ବା କୌଣସି ରାଷ୍ଟ୍ର ଦେଖାଏ, ତେବେ ତା'ର ପତନ ଅନିବାର୍ଯ୍ୟ। ଆଲେକଜାଣ୍ଡାର, ନେପୋଲିୟନ, ହିଟ୍‌ଲରଙ୍କ ବିଶ୍ୱ ବିଜୟ ଅଭିଯାନର ପରିଣାମ କ'ଣ ହୋଇଥିଲା, ତାହା ଇତିହାସ ଆମକୁ ବାରମ୍ବାର ସ୍ମରଣ କରାଇ ଦେଇଥାଏ।

ମାର୍କ୍ସ ଲେଖିଛନ୍ତି- ''ପୁଞ୍ଜି ହେଉଛି ଏକ ମୃତ ପିଶାଚ। ଶ୍ରମଜୀବୀ ମଣିଷ ଓ ସାଧାରଣ ଜନତାଙ୍କ ରକ୍ତ ପିଇପିଇ ଏହା ଦାନବ ହୋଇ ଠିଆ ହୁଏ।'' ସପ୍ତଦଶ ଶତାବ୍ଦୀ ପରଠାରୁ ୟୁରୋପୀୟ ପୁଞ୍ଜିପତିମାନେ ସମଗ୍ର ବିଶ୍ୱକୁ ଦଖଲ କରି ନିଜ ଅକ୍ତିଆରରେ ରଖିଥିଲେ। ଏସିଆ, ଆଫ୍ରିକା, ଲାଟିନ୍ ଆମେରିକା, ଅଷ୍ଟ୍ରେଲିଆ ଓ ଆମେରିକାକୁ ଏମାନେ ଦଖଲ କରିଥିଲେ। ଏକବିଂଶ ଶତାବ୍ଦୀରେ ପୁଞ୍ଜିପତିଙ୍କ ସବୁଠାରୁ ଦାନବୀୟ ଶକ୍ତିମାନେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ସମଗ୍ର ବିଶ୍ୱ ଦଖଲ ପାଇଁ ଉଦ୍ୟମରତ। ସେଇଥିପାଇଁ ସେମାନେ ଲାଟିନ୍ ଆମେରିକାର ଖଣିଜ ସମ୍ପଦ, ମଧ୍ୟପ୍ରାଚ୍ୟର ତୈଳ, ଗ୍ୟାସ୍ ଓ ଏସିଆର ପ୍ରାକୃତିକ ସମ୍ପଦ ଲୁଣ୍ଠନ ପାଇଁ ନାନାଦି ଫନ୍ଦି ବାହାର କରୁଛନ୍ତି। ପାଲେଷ୍ଟାନୀୟମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ଓ ଜାତିର ମାନ୍ୟତା ହରଣ କରାଯାଉଛି।

ଟ୍ରମ୍ପଙ୍କ ଘୋଷଣା ବା ଧମକ ଜଣେ ବ୍ୟକ୍ତିର ନୁହେଁ, ଏହା ସମଗ୍ର ପୁଞ୍ଜିପତି ଶ୍ରେଣୀର ଅପ୍ରତିଦ୍ୱନ୍ଦ୍ୱୀ ଦାନବର ଧମକ। ଆମ ଦେଶରେ ସରକାର ଦେଶୀ ଓ ବିଦେଶୀ ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି, ବେକାରମାନଙ୍କୁ ରୋଜଗାରର ଗ୍ୟାରେଣ୍ଟି ଦେବାକୁ ଅସ୍ୱୀକାର କରୁଛନ୍ତି । ଭାରତ ଉପରେ ଅତ୍ୟଧିକ ଟିକସ ଲଗାଇବାକୁ ଟ୍ରମ୍ପ ବାରମ୍ବାର ଧମକ ଦେବା ସତ୍ତ୍ୱେ ସରକାର ନୀରବ ରହୁଛନ୍ତି। କଲମ୍ବିଆ, କାନାଡ଼ା, ମେକ୍ସିକୋ, ୟୁରୋପ ଓ ଚାଇନା ଆଦି ଆମେରିକାକୁ ମୁହଁତୋଡ଼ ଜବାବ ଦେଲାବେଳେ ଭାରତ ଆମେରିକା ପାଖରେ ନତଜାନୁ ହୋଇ ରହିଛି। ବିଶ୍ୱର ସମସାମୟିକ ପରିସ୍ଥିତି କ୍ରମଶଃ ଅଧିକରୁ ଅଧିକ ସଙ୍କଟମୟ ହେବାରେ ଲାଗିଛି। ପ୍ରତ୍ୟେକ ଦେଶର ସଚେତନ ଜନସାଧାରଣଙ୍କ ଐକ୍ୟବଦ୍ଧ ପ୍ରତିରୋଧ ହିଁ ସମଗ୍ର ମାନବଜାତିକୁ ଆଗାମୀ ବିପଜ୍ଜନକ ପରିସ୍ଥିତିରୁ ମୁକୁଳାଇ ପାରିବ ଓ ଟ୍ରମ୍ପଙ୍କ ବିଶ୍ୱ ଦଖଲ ଅଭିଯାନକୁ ରୋକିପାରିବ।

ମୋ:୯୪୩୭୦୦୭୭୭୦

# ଚିରନ୍ତନୀ

ତପତ ହିୟା ଶାନ୍ତିସମ
ସେ ରୂପ ପ୍ରାଣେ ଭାତିଲା ମମ
ନ ଛୁଏଁ ଯଥା ପାଦପ ଛାୟା
ନିଦାଘ ଘୋର ତାପ
ଛୁଇଁନି ତନୁ ପଥର ଅଭିଶାପ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ରାପଡ଼ା ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ଚଳିତ ୧ ଏପ୍ରିଲରେ କେନ୍ଦ୍ରାପଡ଼ା ଜିଲା ଗଠନକୁ ୩୨ ବର୍ଷ ପୂରିଛି। ତେବେ ଜିଲାର ଯେପରି ବିକାଶ ହେବାକଥା, ତାହା ହୋଇପାରିନାହିଁ। ପାରାଦୀପ -ହରିଦାସପୁର ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହି ରୁଟ୍‌ରେ ଏଯାବତ୍ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିନାହିଁ। ଶିଳ୍ପାନୁଷ୍ଠାନ ନ ଥିବାରୁ ଏହା ଏକ ଶିଳ୍ପବିହୀନ ଜିଲାରେ ପରିଣତ ହୋଇଛି। ଦୁଃଖର କଥା, ଅନେକ ସେତୁ ବର୍ଷ ବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଉପାନ୍ତ ଗ୍ରାମରୁ ବ୍ଲକ ଓ ଜିଲା ସଦର ମହକୁମାକୁ ଯିବା ଲାଗି ସରକାରଙ୍କ 'ଲକ୍ଷ୍ମୀ' ବସ୍ ସେବା ଉପଲବ୍ଧ ନାହିଁ। ସେହିପରି ରାଜ୍ୟର ଅନେକ କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। କିନ୍ତୁ କେନ୍ଦ୍ରାପଡ଼ା କଲେଜ ଏଥିରୁ ବଞ୍ଚିତ। ଜିଲାରେ ମେଡିକାଲ କଲେଜଟିଏ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, କୃଷି, ପର୍ଯ୍ୟଟନ, ପିଇବା ପାଣି- ବିକାଶର ପ୍ରତିଟି ସୂଚକାଙ୍କରେ ଏହି ଜିଲା ପଛୁଆ। କେନ୍ଦ୍ରାପଡ଼ା ଜିଲାର ବିକାଶ ଲାଗି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦିଅନ୍ତୁ।

**-ପ୍ରତାପ କୁମାର ନାୟକ, କନପୁର, ଦୋମଣ୍ଡା, ରାଜକନିକା, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟ ପରିବହନ ନିଗମର ସମ୍ପତ୍ତି ବାଜ୍ୟାପ୍ତି

## ଜମା ଟଙ୍କା ଫେରସ୍ତରେ ଅବହେଳା

### ସୁଧ ମୂଳ ମିଶି ୩ ଲକ୍ଷ ୧୦ ହଜାର ଦେବାକୁ ସିଭିଲ କୋର୍ଟଙ୍କ ନିର୍ଦ୍ଦେଶ ଥିଲା

ସମ୍ବଲପୁର,୯।୪(ଭବାନୀ ଶଙ୍କର ଭୋଇ)

ଲିଜ୍‌ଧାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବାରେ ଅବହେଳା ମାମଲା ସମ୍ବଲପୁର ସିଭିଲ କୋର୍ଟଙ୍କ ନିର୍ଦ୍ଦେଶରେ ବୁଧବାର ଓଡ଼ିଶା ରାଜ୍ୟ ପରିବହନ ନିଗମ ସମ୍ବଲପୁର କାର୍ଯ୍ୟାଳୟର ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି। ସମ୍ବଲପୁର ସିଭିଲ କୋର୍ଟର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ମୁଦିପଡ଼ାସ୍ଥିତ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା। ଜମା ଟଙ୍କା ଫେରସ୍ତ କରିବାରେ ଓଡ଼ିଶା ରାଜ୍ୟ ପରିବହନ ନିଗମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହଇରାଣ କରାଯିବା ନେଇ ଲିଜଧାରୀ ବସ୍ ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ସିଭିଲ ଜଜ କାର୍ଯ୍ୟାଳୟର ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

୧୯୯୯ ମସିହାରେ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ସମ୍ବଲପୁରରୁ ଜୟପୁର ପର୍ଯ୍ୟନ୍ତ ସରକାରୀ ବସ୍ ଚଳାଇବା ପାଇଁ ଟେଣ୍ଡର କରିଥିଲା। ସରୋଜ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ପରିବହନ ନିଗମକୁ ୫୦ ହଜାର ଟଙ୍କା ସିକ୍ୟୁରିଟି ଦେଇ ଏକ ବସ୍ ଲିଜ୍‌ରେ ନେଇଥିଲେ। ହେଲେ ପରିବହନ ବିଭାଗ ତାଙ୍କୁ ଏକ ଖରାପ ବସ୍ ଲିଜ୍‌ରେ ଦେଇଥିଲା। ବସ୍‌କୁ ମରାମତି କରି ସମ୍ବଲପୁର-ଜୟପୁର ରୁଟ୍‌ରେ ଚଳାଚଳ କରିଥିଲେ। ହେଲେ ଏକ ବର୍ଷ ପାଇଁ ଚୁକ୍ତି ଥିବାସତ୍ତ୍ୱେ ପରିବହନ ବିଭାଗ ୬ମାସ ପରେ ଆଉ ବସ୍ ଚଳାଇବା ପାଇଁ ଅନୁମତି ଦେଲେ ନାହିଁ। ଫଳରେ ଲିଜ୍ ନେଇଥିବା ବ୍ୟକ୍ତି ପରିବହନ ବିଭାଗକୁ ଦେଇଥିବା ଜମାରୁ ଛଅ ମାସର ଜମା ଟଙ୍କା କାଟି ବକେୟା ୨୫ ହଜାର ଟଙ୍କା ଫେରସ୍ତ କରିବାକୁ ଦାବି କରିଥିଲେ। କିନ୍ତୁ ବିଭାଗ ଟଙ୍କା ଫେରାଇ ନ ଥିଲା। ଏହାକୁ ନେଇ ସରୋଜ ୨୦୦୦ ମସିହାରେ ସମ୍ବଲପୁର ସିଭିଲ କୋର୍ଟରେ ମାମଲା ଦାଏର କରିଥିଲେ। ଦୁଇଥର ଡିଗ୍ରୀ ପାଇଥିଲେ ମଧ୍ୟ ପରିବହନ ବିଭାଗ ଟଙ୍କା ଫେରାଇ ନ ଥିଲା। ଶେଷରେ କୋର୍ଟ ସୁଧ ମୂଳ ମିଶି ୩ ଲକ୍ଷ ୧୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଟଙ୍କା ପଇଠ ନ କରିବା ଫଳରେ ବୁଧବାର ମୁଦିପଡ଼ାସ୍ଥିତ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟର ୩ଟି କମ୍ପ୍ୟୁଟର, ୪ଟି ଚେୟାର ଟେବୁଲ ବାଜ୍ୟାପ୍ତି କରାଯାଇଥିଲା। ଘଟଣା ବିଷୟରେ ଓଡ଼ିଶା ରାଜ୍ୟ ପରିବହନ ନିଗମ ଜିଲା ପ୍ରବନ୍ଧକ ଗୋପାଳକୃଷ୍ଣ ବିଶୋଇ କହିଛନ୍ତି, କୋର୍ଟର ନିର୍ଦ୍ଦେଶ ନେଇ ତାଙ୍କ ପାଖରେ କୌଣସି ସୂଚନା ନ ଥିଲା। ହଠାତ୍ କୋର୍ଟ ଆଦେଶ ଦେଖାଇ ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା। ସେ ଘଟଣା ବିଷୟରେ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଥିବା କହିଛନ୍ତି।


ଓଡ଼ିଶା ରାଜ୍ୟ ପରିବହନ ନିଗମ ସମ୍ବଲପୁର କାର୍ଯ୍ୟାଳୟର ବାଜ୍ୟାପ୍ତ ସମ୍ପତ୍ତି ନିଆଯାଉଛି।

# ମାଣ୍ଡିଆ ସଂଗ୍ରହରେ ୭ ବର୍ଷର ରେକର୍ଡ ଭାଙ୍ଗିଲା କୋରାପୁଟ ଜିଲା

## ୧୪,୫୭୪ ଚାଷୀଙ୍କଠାରୁ ୨,୩୯,୮୭୫ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ

କୋରାପୁଟ/ନନ୍ଦପୁର,୯।୪(ଅମିତାଭ ବେହେରା/ତୁଷାରକାନ୍ତ ମହାନ୍ତି)

ମାଣ୍ଡିଆ ଚାଷ ଓ ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ୨ଟଙ୍କା ୧୦ ପଇସାର ଆର୍ଥିକ ପ୍ରୋତ୍ସାହନ ଯୋଗୁ କୋରାପୁଟ ଜିଲା ମାଣ୍ଡିଆ ସଂଗ୍ରହରେ ଗତ ୭ ବର୍ଷର ରେକର୍ଡ ଭାଙ୍ଗିଛି। ଚଳିତ ଏପ୍ରିଲ ୭ ସୁଦ୍ଧା ଜିଲାର ୧୪,୫୭୪ ଚାଷୀଙ୍କଠାରୁ ଧାର୍ଯ୍ୟ ଲକ୍ଷ୍ୟ ୨,୪୪,୨୦୦ କୁଇଣ୍ଟାଲ ମଧ୍ୟରୁ ୨,୩୯,୮୭୫ କୁଇଣ୍ଟାଲ ମାଣ୍ଡିଆ କ୍ରୟକରି ସଂଗ୍ରହ କରାଯାଇଥିବା କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ସୂଚନା ଦେଇଛନ୍ତି। ଧାର୍ଯ୍ୟ ସମୟ ଓ ଲକ୍ଷ୍ୟଠାରୁ ଅଧିକ ମାଣ୍ଡିଆ ସଂଗ୍ରହ କରି ଚାଷୀଙ୍କୁ ସ୍ୱାବଲମ୍ବୀ, ରୋଜଗାରକ୍ଷମ ଓ ବିଶ୍ୱ ଦରବାରରେ ମଣ୍ଡିଆର ପୁଷ୍ଟିପୋଷକ ତତ୍ତ୍ୱକୁ ସ୍ୱତନ୍ତ୍ର ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କ ଚେଷ୍ଟା ସଫଳ ହୋଇଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଜିଲା ପ୍ରଶାସନ, ଟିଡିସିସିଓଏଲ୍ ଓ ମିଲେଟ ମିଶନ କର୍ମକର୍ତ୍ତା ସରକାରଙ୍କ 'ଶ୍ରୀ ଅନ୍ନ ଅଭିଯାନ' ଯୋଜନା ମାଧ୍ୟମରେ ଜିଲାର ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ। ଚାଷୀଙ୍କଠାରୁ ସିଧାସଳଖ ମାଣ୍ଡିଆ କ୍ରୟ ପାଇଁ ଜିଲାର ୧୪ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ୨୧ କୃଷି ଉତ୍ପାଦକ ସମିତି(ଏଫ୍‌ପିଓ) ଓ ସମବାୟ ସମିତି(ଲ୍ୟାମ୍ପସ) ନିଯୁକ୍ତ କରାଯାଇଥିଲା। ସମସ୍ତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ମାଣ୍ଡିଆର ଧାର୍ଯ୍ୟ ଏମ୍‌ଏସ୍‌ପି ମୂଲ୍ୟ କିଲୋ ପିଛା ୪୨ଟଙ୍କା ୯୦ ପଇସା ଓ ରାଜ୍ୟ ସରକାରଙ୍କ କିଲୋ ପିଛା ୨ଟଙ୍କା ୧୦ ପଇସାର ପ୍ରୋତ୍ସାହନ ରାଶିକୁ ମିଶାଇ ୪୫ ଟଙ୍କା ହାରରେ ମୂଲ୍ୟ ପୈଠ କରାଯାଇଛି। ମାଣ୍ଡିଆ କ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟର ୯୮.୨ ପ୍ରତିଶତ ଲକ୍ଷ୍ୟ ହାସଲକରି କୋରାପୁଟ ଜିଲା ୭ ବର୍ଷର ରେକର୍ଡ ଭାଙ୍ଗିଥିବାରୁ ଜିଲାର ସମସ୍ତ ମାଣ୍ଡିଆ ଚାଷୀ, କ୍ରୟ କରିଥିବା ଏଫ୍‌ପିଓ, ଲ୍ୟାମ୍ପସ, ମିଲେଟ୍ ମିଶନ ଓ ଟିଡିସିସିଓଏଲ୍ କର୍ତ୍ତୃପକ୍ଷଙ୍କ ପ୍ରଶଂସା କରିଛନ୍ତି। ନନ୍ଦପୁର ବ୍ଲକ୍‌ରେ ଚଳିତ ବର୍ଷ ୬ଟି କେନ୍ଦ୍ର ସ୍ଥାପନକରି ମାଣ୍ଡିଆ କ୍ରୟ କରିଥିବା ଶ୍ରୀ ଜୈବିକ ଫାର୍ମର୍ସ କୃଷି ଉତ୍ପାଦକ ସମିତି ୨୩୮୨ ଚାଷୀଙ୍କଠାରୁ ୩୪,୯୫୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିଛି। ସେହିପରି ଲମତାପୁଟ ବ୍ଲକ୍‌ରେ ସର୍ବାଧିକ ୨୫୯୭ ଚାଷୀଙ୍କଠାରୁ ୪୧ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବା ରେକର୍ଡ ହୋଇଛି। ଜିଲାରେ ୨୦୨୩-୨୪ରେ ୩୮ଟଙ୍କା ୪୬ ପଇସା ଏମ୍‌ଏସ୍‌ପି ହାରରେ ୮୨୩୨ ଚାଷୀଙ୍କଠାରୁ ୧,୧୮,୬୨୪ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏମ୍‌ଏସ୍‌ପି ମୂଲ୍ୟ ୩୮ ଟଙ୍କା ୪୬ ପଇସାରୁ ୪୨ ଟଙ୍କା ୯୦ ପଇସାକୁ ବୃଦ୍ଧି ସହ ରାଜ୍ୟ ସରକାରଙ୍କ ମାଣ୍ଡିଆ ଚାଷୀଙ୍କୁ କିଲୋ ପିଛା ୨ ଟଙ୍କା ୧୦ ପଇସାର ପ୍ରୋତ୍ସାହନ ରାଶି ସେମାନଙ୍କୁ ଅଧିକ ମାଣ୍ଡିଆ ଚାଷ ଓ ଉତ୍ପାଦନ କରିବାରେ ପ୍ରୋତ୍ସାହିତ କରିଥିଲା। ସଂଗୃହୀତ ମାଣ୍ଡିଆକୁ ବର୍ତ୍ତମାନ ଦେଶ ବିଦେଶକୁ ରପ୍ତାନି କରାଯିବ। ରାଜ୍ୟରେ ଶିକ୍ଷା ବିଭାଗର ସଦ୍ୟ ପ୍ରସ୍ତୁତ ପୋଷଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ମାଣ୍ଡିଆ ଲଡୁ ପ୍ରଦାନ ଏବଂ ମଙ୍ଗଳ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ହିତାଧିକାରୀଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦାନ କରାଯାଇ ସଂଗୃହୀତ ମାଣ୍ଡିଆର ସଦୁପଯୋଗ କରାଯିବ ବୋଲି ଜିଲାପାଳ କୀର୍ତ୍ତିଭାସନ ସୂଚନା ଦେଇଛନ୍ତି।


ଚାଷୀ ମାଣ୍ଡିଆ ଅମଳ କରୁଛନ୍ତି।

# ଅର୍ବାନ ବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ

- ବହୁ କାଗଜପତ୍ର, ଆସବାବପତ୍ର ଜଳିଗଲା
- ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷିତ

କେନ୍ଦ୍ରାପଡ଼ା,୯।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଶାଖା କାର୍ଯ୍ୟାଳୟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ହଠାତ୍ ନିଆଁ ଲାଗିଯାଇଥିଲା। କର୍ମଚାରୀମାନେ ଏ ସଂକ୍ରାନ୍ତରେ ତୁରନ୍ତ କେନ୍ଦ୍ରାପଡ଼ା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ଏହି ଅଗ୍ନିକାଣ୍ଡରେ ବ୍ୟାଙ୍କର ବହୁ ଆସବାବପତ୍ର ପୋଡ଼ିଯାଇଛି। ତେବେ ବ୍ୟାଙ୍କ ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷିତ ଅଛି ବୋଲି ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ବ୍ୟାଙ୍କ ଖୋଲିବାର ଅଳ୍ପ ସମୟ ପରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। କର୍ମଚାରୀମାନେ ଦମକଳ ବାହିନୀକୁ ଖବର ଦେଇଥିଲେ। ବ୍ୟାଙ୍କରେ ଥିବା ଫାୟାର ଏକ୍ସଟିଙ୍ଗୁଇଶର ମାଧ୍ୟମରେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରାଯାଇଥିଲା। ଏପରିକି ନିକଟ ବ୍ୟବସାୟୀମାନେ ଏହି ଯନ୍ତ୍ରକୁ ବ୍ୟବହାର କରିଥିଲେ। ହେଲେ ସଫଳତା ମିଳି ନ ଥିଲା। ବ୍ୟାଙ୍କରେ ଥିବା ଆସବାବପତ୍ରରେ ନିଆଁ ଲାଗିଯିବାରୁ ପ୍ରବଳ ଧୂଆଁ ସବୁ ପ୍ରକୋଷ୍ଠକୁ ବ୍ୟାପିଯାଇଥିଲା। ଫଳରେ ଭିତରକୁ ପଶିବା ସମ୍ଭବ ହୋଇ ନ ଥିଲା। ଅଗ୍ନିକାଣ୍ଡରେ ବହୁ ପୁରୁଣା କାଗଜପତ୍ର ପୋଡ଼ିଯାଇଛି। ଋଣ ନେଇଥିବା କର୍ମଚାରୀ ଦ୍ୱାରା କିମ୍ବା ରୋଷେଇ ନିଆଁରୁ ଏପରି ଅଗ୍ନିକାଣ୍ଡ ଘଟିଥିବା ଆଲୋଚନା ହେଉଛି। ହେଲେ ଏପରି ଆଲୋଚନାକୁ ସିଇଓ ଅସ୍ୱୀକାର କରିଛନ୍ତି। ବ୍ୟାଙ୍କର କ୍ଷତି ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, ବ୍ୟାଙ୍କ ପରିସରରେ ଚା' ପ୍ରସ୍ତୁତି ସାମଗ୍ରୀ ସହ ଗ୍ୟାସ୍ ସିଲିଣ୍ଡର କଣ୍ଟେନର ଥିବା ସ୍ଥାନଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ଜେନେରେଟର ଚାଲୁଥିବାରୁ ବ୍ୟାଙ୍କରେ ବିଦ୍ୟୁତ୍ ଶର୍ଟସର୍କିଟ୍ ଏହାର କାରଣ ହୋଇପାରେ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।




# ବଡ଼ମାଲ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ, ଜଣେ ଗୁରୁତର

ସଇଁତଲା,୯।୪
(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଅନ୍ତର୍ଗତ ବଡ଼ମାଲ ଗୋଳାବାରୁଦ କାରଖାନା ପରିସରରେ ବୁଧବାର ସକାଳେ ବିସ୍ଫୋରଣ ଘଟି ଜଣେ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତ କର୍ମଚାରୀ ଜଣକ ହେଲେ ଶିବଶଙ୍କର ଭୋଇ (୫୮)। ତାଙ୍କ ଘର ସଇଁତଲା ବ୍ଲକ୍ ଭଦ୍ରା ପଞ୍ଚାୟତର ଭଦ୍ରା ଗ୍ରାମରେ ବୋଲି ଜଣାଯାଇଛି।

ପ୍ରକାଶ ଯେ, ସକାଳ ପ୍ରାୟ ୯ଟା୧୫ ମିନିଟ୍ ସମୟରେ କାରଖାନାର ୟୁନିଟ୍-୬ରେ ଶିବଶଙ୍କର ଗୋଳାବାରୁଦ ନିର୍ମାଣ ପାଇଁ କେମିକାଲଗୁଡ଼ିକୁ ମିଶ୍ରଣ କରୁଥିଲେ। ଏହି ସମୟରେ ସେଠାରେ ଏହି ବିସ୍ଫୋରଣ ହୋଇଥିଲା। ନିରାପଦ ପୋଷାକ ପିନ୍ଧିଥିବା ସତ୍ତ୍ୱେ ନିକଟରେ ବିସ୍ଫୋରଣ ହେବାରୁ ତାଙ୍କର ମୁହଁ ଓ ଦୁଇ ହାତ ପୋଡ଼ିଯାଇଛି। ତାଙ୍କୁ ସଙ୍ଗେ ସଙ୍ଗେ ଗୋଳାବାରୁଦ କାରଖାନା ସ୍ଥିତ ଡାକ୍ତରଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଉନ୍ନତର ଚିକିତ୍ସା ପାଇଁ ଶିବଶଙ୍କରଙ୍କୁ ରାଉରକେଲାର ଆଇଜିଏଚ୍ ପଠାଯାଇଥିବା କାରଖାନାର ଜନସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ପଟ୍ଟନାୟକଙ୍କ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ବର୍ଷେ ପୂର୍ବରୁ ଏହି କାରଖାନାରେ ବିସ୍ଫୋରଣ ଘଟି କେତେଜଣ କର୍ମଚାରୀ ଆହତ ହୋଇଥିଲେ।


ଆହତ ଶିବଶଙ୍କର ଭୋଇଙ୍କୁ ଆମ୍ବୁଲାନ୍ସରେ ରାଉରକେଲା ଆଇଜିଏଚ୍‌କୁ ପଠାଯାଉଛି।

# ମାଲବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ



ଲାଇନଚ୍ୟୁତ ହୋଇଥିବା ଟ୍ରେନ୍।

ଲକ୍ଷ୍ମୀପୁର,୯।୪(ଅନନ୍ତ ନାୟକ)

କୋରାପୁଟ ଜିଲା ଦାମନଯୋଡ଼ି ନାଲ୍‌କୋ ପ୍ରକଳ୍ପ ପରିସରରେ ମାଲବାହୀ ଟ୍ରେନ୍‌ର ଇଞ୍ଜିନ ଲାଇନଚ୍ୟୁତ ହୋଇଛି। ଏଥିରେ କୌଣସି କ୍ଷୟକ୍ଷତି ଓ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି। ଟ୍ରେନ୍‌ଟି ଅନୁଗୋଳରୁ ଆସି ନାଲ୍‌କୋକୁ ପ୍ରବେଶ କରୁଥିବା ବେଳେ ଏହାର ଇଞ୍ଜିନ ଲାଇନଚ୍ୟୁତ ହୋଇଥିଲା। ଇଞ୍ଜିନକୁ ଟ୍ରାକ୍‌କୁ ଉଠାଇବା ପାଇଁ ରେଳ ବିଭାଗ ଓ ନାଲ୍‌କୋ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଥିଲେ। ନାଲ୍‌କୋ କାରଖାନା ପରିସରରେ ଘଟଣା ଘଟିଥିବାରୁ ରେଳ ବିଭାଗର କୌଣସି ଅସୁବିଧା ନାହିଁ ବୋଲି କୋରାପୁଟ ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଋଣ ଶୁଝି ନ ପାରି ଦମ୍ପତିଙ୍କ ଆତ୍ମହତ୍ୟା

ପୁରୁଷୋତ୍ତମପୁର,୯।୪(ସୀମାଞ୍ଚଳ ମିଶ୍ର)

ଋଣ ବୋଝ ଅସହ୍ୟ ହେବାରୁ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଖଲ୍ଲିକୋଟ ବ୍ଲକ ବେଢ଼ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଦମ୍ପତି ବିଷ ପିଇ ବୁଧବାର ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଲଡୁ କିଶୋର ମହାରଣା (୬୧) ଓ ସଜନୀ ମହାରଣା(୫୭)। ଦମ୍ପତିଙ୍କ ଘରୁ ବିଷ ପାଉଡର ଲାଗିଥିବା ଏକ ଗ୍ଲାସ୍ ଜବତ ହୋଇଛି।

ଲଡୁକିଶୋରଙ୍କ ଏକମାତ୍ର ପୁଅ ସନ୍ତୋଷ ପରିବାର ସହ ବିଦେଶରେ ରହୁଛନ୍ତି। ୩ ଝିଅଙ୍କ ବିବାହ ସରିଛି। ଗାଁରେ ସ୍ତ୍ରୀ ସଜନୀଙ୍କ ସହ ଲଡୁକିଶୋର ଏକାକୀ ରହୁଥିଲେ। ଚାଷ କାର୍ଯ୍ୟ କରି ଦମ୍ପତି ଚଳୁଥିଲେ। ସେମାନେ ବିଭିନ୍ନ ଘରୋଇ ଫାଇନାନ୍ସ କମ୍ପାନୀ ଓ ବାହାର ଲୋକଙ୍କଠାରୁ ପ୍ରାୟ ୩ ଲକ୍ଷ ଟଙ୍କା ଋଣ ଆଣି ଚାଷ କରିଥିଲେ। ଧାନ ଅମଳ ସମୟରେ ହୋଇଥିବା ଲଗାଣ ବର୍ଷାରେ ନଷ୍ଟ ହୋଇଯାଇଥିଲା। ଅନ୍ୟପଟେ ଗତ କିଛିଦିନ ହେଲା ଲଡୁକିଶୋରଙ୍କ ଦେହ ଖରାପ ହେବାରୁ ସେ ଆଉ କାମଧନ୍ଦା କରିପାରୁ ନ ଥିଲେ। ଏପଟେ ଫାଇନାନ୍ସ କମ୍ପାନୀ କର୍ମଚାରୀ ଘରକୁ ବାରମ୍ବାର ଆସି ଟଙ୍କା ପରିଶୋଧ କରିବାକୁ କହୁଥିଲେ। ଧାର ଦେଇଥିବା ଲୋକେ ମଧ୍ୟ ଟଙ୍କା ମାଗୁଥିଲେ। ବୁଧବାର ମଧ୍ୟାହ୍ନରେ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀ ଲଡୁକିଶୋରଙ୍କ ଘରକୁ ଆସିଥିବା ବେଳେ ଦମ୍ପତିଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୁରୁଷୋତ୍ତମପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ହୋମିଓପ୍ୟାଥିକ୍ ଚିକିତ୍ସାର ପ୍ରସାର ପାଇଁ ଅଧିକ ସରକାରୀ ପଦକ୍ଷେପ ଲୋଡ଼ା

ଭୁବନେଶ୍ୱର, ୯।୪ (ବନ୍ଦନା ସେଠୀ)

ଆଧୁନିକ ଚିକିତ୍ସା ପ୍ରଣାଳୀ ସହ ହୋମିଓପାଥିକ୍ ଚିକିତ୍ସା ପ୍ରଣାଳୀ ଦିନକୁ ଦିନ ଲୋକାଦୃତ ହେବାରେ ଲାଗିଛି। ତେବେ ହୋମିଓପାଥିକୁ ନେଇ ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୧୦କୁ 'ହୋମିଓପାଥିକ୍‌ଦିବସ' ଭାବେ ପାଳନ କରାଯାଉଛି। ଡା. ସାମୁଏଲ୍ ହ୍ୟାନିମ୍ୟାନ୍‌ଙ୍କୁ ଏହି ଚିକିତ୍ସା ପଦ୍ଧତିର ଜନକ ଭାବେ ବିବେଚନା କରାଯାଏ। ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ହ୍ୟାନିମ୍ୟାନ୍‌ଙ୍କ ଅବଦାନକୁ ମନେପକାଇବା ପାଇଁ ଏହି ଦିନଟିକୁ ପାଳନ କରାଯାଉଛି। ୧୭୫୫ ଏପ୍ରିଲ ୧୦ରେ ଜର୍ମାନୀର ଏକ ଚିତ୍ରକର ପରିବାରରେ ଡ. ହ୍ୟାନିମ୍ୟାନ୍‌ଙ୍କ ଜନ୍ମ ହୋଇଥିଲା। ପିଲାଟି ଦିନରୁ ସେ ଦୁଃସ୍ଥ, ଅସହାୟ ଓ ଗରିବ ଲୋକଙ୍କ ପ୍ରତି ଦରଦ ମନୋଭାବ ପୋଷଣ କରୁଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ ୧୭୭୯ରେ ସେ ଭେଷଜ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ ମଧ୍ୟ ତତ୍କାଳୀନ ଚିକିତ୍ସା ପଦ୍ଧତିରେ କରାଯାଉଥିବା ତ୍ରୁଟିପୂର୍ଣ୍ଣ ଶଲ୍ୟ ପ୍ରକ୍ରିୟା ବା ଅପରେଶନକୁ ସେ ନାପସନ୍ଦ କରୁଥିଲେ। ତେଣୁ ରୋଗୀଙ୍କୁ ସରଳ ଓ ଉତ୍ତମ ଚିକିତ୍ସା ପ୍ରଦାନ କରିବା ସହ ସେମାନଙ୍କ କଷ୍ଟ ଦୂର କରିବା ପାଇଁ ଗବେଷଣାକରି ହୋମିଓପ୍ୟାଥିକ୍ ଚିକିତ୍ସା ବିଜ୍ଞାନକୁ ଜନ୍ମଦେଇଥିଲେ। ବୃକ୍ଷଲତା, ଖଣିଜ ସମ୍ପଦ, ଜୀବଜନ୍ତୁ ଅବଶେଷ ଆଦି ଉପରେ ଗବେଷଣାକରି ବିଭିନ୍ନ ପ୍ରକାର ଔଷଧ ପ୍ରସ୍ତୁତ କରିବା ସହ ନିଜର ବନ୍ଧୁ ପରିଜନଙ୍କ ଉପରେ ପ୍ରୟୋଗକରି ସୁଫଳ ହାସଲ କରିଥିଲେ। ଯେଉଁ ଚିକିତ୍ସାରେ ଆରୋଗ୍ୟ ହାର ଅଧିକ ଥିବ, ବେଦନାନାଶକ ଗୁଣ ଥାଇ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବ ଏବଂ ବିନା ଶଲ୍ୟ ପ୍ରକ୍ରିୟାରେ ଶରୀର ମଧ୍ୟରେ ଥିବା ବିଷାକ୍ତ ଦ୍ରବ୍ୟକୁ ବାହାର କରାଯାପାରିବ ସେ ସମ୍ପର୍କରେ ତଥ୍ୟ ପ୍ରଦାନକରି ସେ ହୋମିଓପ୍ୟାଥିକ୍ ଚିକିତ୍ସାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ। ତାଙ୍କ ଲିଖିତ ୪୧ଖଣ୍ଡ ଅମୂଲ୍ୟ ଗ୍ରନ୍ଥ ମନୁଷ୍ୟ ଓ ପ୍ରାଣୀ କଲ୍ୟାଣ ନିମନ୍ତେ ଅତ୍ୟନ୍ତ ଉପଯୋଗୀ।

ଦେଶ ତଥା ରାଜ୍ୟରେ ହୋମିଓପ୍ୟାଥି ଚିକିତ୍ସକମାନେ ଏବେ ଆଧୁନିକ ଚିକିତ୍ସକଙ୍କ ସହିତ ସମାନ ଭାବେ ରାଷ୍ଟ୍ରୀୟ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସରକାର ଏହି ଚିକିତ୍ସକଙ୍କୁ ଆୟୁଷ ଚିକିତ୍ସକ ମାନ୍ୟତା ପ୍ରଦାନ କରିଛନ୍ତି। ଦେଶରେ ୨୭୭ଟି ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଥିବାବେଳେ ବିଭିନ୍ନ ରାଜ୍ୟରେ ମୋଟ ୮୫୯୩ଟି ସରକାରୀ ଡିସ୍‌ପେନ୍‌ସାରି କାର୍ଯ୍ୟ କରୁଛି। ଓଡ଼ିଶାରେ ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁରରେ ୪ଟି ସରକାରୀ ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରହିଛି। ରାଜ୍ୟରେ ମୋଟ ୫୬୨ଟି ହୋମିଓପ୍ୟାଥିକ ସରକାରୀ ଡିସ୍‌ପେନ୍‌ସାରି ରହିଥିବାବେଳେ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ହୋମିଓପ୍ୟାଥିକ୍ ଡାକ୍ତର ଆୟୁଷ ବିଭାଗରେ ରହି ଚିକିତ୍ସା ସେବା ଯୋଗାଇଦେଉଛନ୍ତି। ଏନେଇ ଓଡ଼ିଶା ଆୟୁଷ ବିକାଶ ପରିଷଦର ସମ୍ପାଦକ ଡା. ତ୍ରୈଲୋକ୍ୟନାଥ ମହାରଣା କହିଛନ୍ତି, ଯେଉଁଠି ଅନ୍ୟ ମେଡିସିନ ସ୍କୁଲ ଓ ଅଧିକ ମାତ୍ରାରେ ଖାଇବାକୁ ପଡ଼ିଥାଏ, ସେହି କ୍ଷେତ୍ରରେ ହୋମିଓପ୍ୟାଥିକ ମେଡିସିନ ଅତି ସୂକ୍ଷ୍ମ ମାତ୍ରାରେ ଖାଇବା ଦ୍ୱାରା ଖୁବ୍ ଫଳପ୍ରଦ ହୋଇଥାଏ। ଏହା ହିଁ ହୋମିଓପ୍ୟାଥିକ୍ ମେଡିସିନର ସ୍ୱତନ୍ତ୍ରତା। ଏହାର ପ୍ରଭାବରେ ରୋଗ କମିବା ସହ ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନ ଥାଏ, ଯାହାକି ପାଶ୍ଚାତ୍ୟ ଚିକିତ୍ସା ଓ ଔଷଧରେ ଦେଖାଯାଏ। ବହୁ ଦେଶରେ ପାଶ୍ଚାତ୍ୟ ଚିକିତ୍ସା ଛାଡ଼ି ହୋମିଓପ୍ୟାଥିକ୍‌କୁ ଆଦରି ନେଇଛନ୍ତି। ତେବେ ଆମ ରାଜ୍ୟରେ ହୋମିଓପ୍ୟାଥିକ୍ ଚିକିତ୍ସାକୁ ଆହୁରି ଉନ୍ନତ କରିବା ପାଇଁ ସରକାରୀ ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ଡା. ମହାରଣା ମତ ଦିଅନ୍ତି।



**ଆଜି ବିଶ୍ୱ ହୋମିଓପ୍ୟାଥିକ ଦିବସ**

# ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ

ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ 'ବିଶ୍ୱ ହୋମିଓପାଥିକ୍ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିନ ହୋମିଓପ୍ୟାଥିକ୍ ଚିକିତ୍ସାର ଜନକ ଖ୍ରୀଷ୍ଟିଆନ୍ ଫେଡ୍ରିକ ସାମୁଏଲ ହାନିମାନଙ୍କ ଜନ୍ମ ଦିବସ। ହୋମିଓପ୍ୟାଥିକ୍ ଚିକିତ୍ସାର ସେ ଥିଲେ ସ୍ରଷ୍ଟା। ଏବଂ ଏହାର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଚିର ସ୍ମରଣୀୟ। ସେଥିପାଇଁ ତାଙ୍କର ଜନ୍ମଦିନକୁ 'ବିଶ୍ୱ ହୋମିଓପ୍ୟାଥି ଦିବସ' ଭାବରେ ପାଳନ କରାଯାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ଥିମ୍ ରହିଛି-'ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ'। ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତିରେ ରୋଗୀର ରୋଗ ପ୍ରତିରୋଧକ ଶକ୍ତିକୁ ବ୍ୟବହାର କରି ରୋଗର ସମ୍ପୂର୍ଣ୍ଣ ବିନାଶ କରାଯାଇଥାଏ। ଏହି ଚିକିତ୍ସା ପ୍ରଣାଳୀ ବେଶ୍ ସହଜ ଏବଂ ସରଳ। ଏହାର ମଧ୍ୟ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ସବୁଠାରୁ ଖାସ୍ କଥା ହେଲା ଏହା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ପ୍ରଚଳିତ। ସାଧାରଣ ଥଣ୍ଡାଠାରୁ ଆରମ୍ଭ କରି ପୁରାତନ ଏବଂ କଷ୍ଟସାଧ ତଥା ଜଟିଳ ରୋଗ ପାଇଁ ମଧ୍ୟ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ। ଏହି ଚିକିତ୍ସା ଦ୍ୱାରା କେତେକ କ୍ଷେତ୍ରରେ ଶଲ୍ୟ ଚିକିତ୍ସା (ଅପରେଶନ)କୁ ରୋକାଯାଇପାରୁଛି। ଭାରତ ଭଳି ଏକ ପ୍ରଗତିଶୀଳ ତଥା ଜନବହୁଳ ଦେଶରେ ଏହି ଚିକିତ୍ସା ବେଶ୍ ଆଦୃତିଲାଭ କରିପାରିଛି। ଭାରତ ସରକାର ଏହି ଚିକିତ୍ସାର ପ୍ରଚାର ପ୍ରସାର ଏବଂ ଗବେଷଣା ଉପରେ ଗୁରୁତ୍ୱାରୋପ କରି ବହୁମୁଖୀ ଯୋଜନାମାନ ହାତକୁ ନେଇଛନ୍ତି।

କେତେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଯଥା କ୍ୟାନ୍‌ସର ଏବଂ ଜରୁରିକାଳୀନ ଚିକିତ୍ସାକୁ ବାଦ୍ ଦେଲେ ଅନ୍ୟ ସବୁ ରୋଗ ପାଇଁ ହୋମିଓପ୍ୟାଥିକର ଉପାଦେୟତା ରହିଛି। ହୋମିଓପ୍ୟାଥିକ୍ ଚିକିତ୍ସାକୁ ଲୋକାଭିମୁଖୀ କରିବାରେ ସମସ୍ତ ହୋମିଓପ୍ୟାଥିକ୍ ଚିକିତ୍ସକଙ୍କର (ସରକାରୀ ହୁଅନ୍ତୁ ଅବା ପ୍ରାଇଭେଟ) ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯତ୍ନଶୀଳ ହୋଇ ନିସ୍ୱାର୍ଥପର ଭାବରେ ସେବା ଯୋଗାଇ ଦେଲେ ଏହି ଚିକିତ୍ସା ମାନବ କଲ୍ୟାଣ ଦିଗରେ ଏବଂ ଚିକିତ୍ସା କ୍ଷେତ୍ରରେ ନିଜର ସ୍ଥାନକୁ ଆହୁରି ଦୃଢ଼ ତଥା ମଜଭୂତ କରିବ। ଏହି ଚିକିତ୍ସା ପଦ୍ଧତି 'ଆୟୁଷ ଚିକିତ୍ସା ପଦ୍ଧତି' ମଧ୍ୟରେ ଅନ୍ୟତମ। ଦିନକୁ ଦିନ ହୋମିଓପ୍ୟାଥିକ୍ ଚିକିତ୍ସା ଆହୁରି ଜନାଦୃତ ହେବାରେ ଲାଗିଛି।

ହୋମିଓପ୍ୟାଥିକ୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହେଲେ ଚିକିତ୍ସା କରାଯାଉଥିବା ରୋଗ ମୂଳୋତ୍ପାଟନ ସମ୍ଭବ ହୋଇଥାଏ। ଏହି ଚିକିତ୍ସାରେ ରୋଗୀର ରୋଗ ସହ ତାଙ୍କର ଶାରୀରିକ ଏବଂ ମାନସିକ ଅବସ୍ଥାକୁ ଲକ୍ଷଣ ରୂପେ ଗ୍ରହଣ କରାଯାଇ ଚିକିତ୍ସା କରାଯାଏ।



**- ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ,**
ଅଧ୍ୟାପିକା, ବିଜୁ ପଟ୍ଟନାୟକ କଲେଜ ଆଣ୍ଡ ହସପିଟାଲ, ବ୍ରହ୍ମପୁର, ମୋ :୯୪୩୭୨୩୧୪୯୦

## ସଂକ୍ଷେପରେ

### ଡାକ୍ତରଙ୍କ ଅଭିଯୋଗରେ ହସ୍ପିଟାଲ ଗାଡିଚାଳକ ଗିରଫ

ଛତ୍ରପୁର,୯।୪(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଛତ୍ରପୁର ହସ୍ପିଟାଲ ଆମ୍ବୁଲାନ୍ସ ଚାଳକ ମଗିରଫ ହୋଇଛନ୍ତି। ସେ ହେଲେ ମନୋଜ ପଣ୍ଡା। ମଙ୍ଗଳବାର ରାତିରେ ଛତ୍ରପୁର ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ବୋରିଗାଁ ଗ୍ରାମର ସୋମରଥି ନାହାକଙ୍କୁ ବ୍ରହ୍ମପୁର ନେବା ପାଇଁ ହସ୍ପିଟାଲରେ ନିୟୋଜିତ ଥିବା ଆମ୍ବୁଲାନ୍ସ ଚାଳକ ମନୋଜଙ୍କୁ କହିଥିଲେ। ସେ ରୋଗୀଙ୍କୁ ବ୍ରହ୍ମପୁର ନେବା ବଦଳରେ ଡାକ୍ତରଙ୍କ ସହ ଯୁକ୍ତିତର୍କ କରିଥିଲେ। ରୋଗୀଙ୍କ ମୃତ୍ୟୁ ହୋଇଛି ସେ ନେବେ ନାହିଁ ବୋଲି କହିବା ସହ ଅନ୍ୟ ଜଣେ ଚାଳକଙ୍କୁ ମଧ ମନା କରିଥିଲେ। ଶେଷରେ ଡାକ୍ତର ରୋଗୀଙ୍କୁ ଏକ ଘରୋଇ ଆମ୍ବୁଲାନ୍ସ ଭଡା କରି ବ୍ରହ୍ମପୁର ପଠାଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୋମରଥିଙ୍କ ମୃତ୍ୟୁ ହୋଇଥିଲା। ଗାଡି ଚାଳକ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବାରୁ ମେଡିକାଲ ପକ୍ଷରୁ ଛତ୍ରପୁର ଥାନାକୁ ଅବଗତ କରାଯାଇଥିଲା । ପୋଲିସ ଆସି ତଦନ୍ତ କରିଥିଲା। ଗାଡି ଚାଳକ ମନୋଜଙ୍କ ବିରୋଧରେ ଡାକ୍ତର ଇ.ତୁଷାର ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଘଟଣା ସମ୍ପର୍କରେ ଭାରପ୍ରାପ୍ତ ଉପଖଣ୍ଡଚିକିତ୍ସା ଅଧିକାରୀ ଡ.ସୁଦର୍ଶନ ସାହୁଙ୍କୁ ଅବଗତ କରାଇଥିଲେ। ଛତ୍ରପୁର ପୋଲିସ ଡାକ୍ତରଙ୍କ ଅଭିଯୋଗ ଆଧାରରେ ନଂ.୨୧୪/୨୫ରେ ଏକ ମାମଲା ରୁଜୁ କରି ଗାଡି ଚାଳକ ମନୋଜଙ୍କୁ ଗିରଫ କରିଛି।

### ରାମାନନ୍ଦ ପଟ୍ଟନାୟକଙ୍କ ୨ ପୁସ୍ତକ ଲୋକାର୍ପିତ

ପାରଳଖେମୁଣ୍ଡି,୯।୪(ଗିରିଧାରୀ ପରିଛା) ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ସିଦ୍ଧାନ୍ତ ଅନୁଷ୍ଠାନ ପରିଚାଳନାରେ ରାମାନନ୍ଦ ପଟ୍ଟନାୟକଙ୍କ କବିତା ପୁସ୍ତକ ଚୟନିକା ଏବଂ ଗଳ୍ପ ପୁସ୍ତକ ଏକ ସଂଯୁକ୍ତ ଉନ୍ମୋଚିତ ହୋଇଯାଇଛି। ସିଦ୍ଧାନ୍ତର ପ୍ରତିଷ୍ଠାତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଗୀତାଞ୍ଜଳି ଦାଶ, ଡ.କଲ୍ୟାଣୀ ମିଶ୍ର,ବିଚିତ୍ରାନନ୍ଦ ବେବର୍ତ୍ତା ଅତିଥି ରୂପେ ଯୋଗଦେଇ ପୁସ୍ତକୁ ଉନ୍ମୋଚନ କରିଥିଲେ। ଶିଳ୍ପୀ କରୁଣାନିଧି ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅରୂପାଞ୍ଜଳି ମହାନ୍ତି ଅତିଥି ପରିଚୟ ଦେଇଥିଲେ। ଜୀବନ ଜୀବିକା ସଂଘର୍ଷର କଥାକୁ ଲେଖକ କବିତା ଓ ଗଳ୍ପରେ ରୂପ ଦେଇଛନ୍ତି ବୋଲି ଅତିଥିମାନେ କହିଥିଲେ। ଜିତେନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ ।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଛତ୍ରପୁର,୯।୪( ଦିଲ୍ଲୀପ ସାମଲ): ଛତ୍ରପୁର ଥାନା ଅନ୍ତର୍ଗତ ବଡ଼ ମାଧପୁର ଦକ୍ଷିଣକାଳୀ ମନ୍ଦିର ସମ୍ମୁଖ ରାସ୍ତାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବଡ଼ ମାଧପୁର ଅଞ୍ଚଳର ଏସ. ନିରଞ୍ଜନ ରେଡ୍ଡୀ। ଗୁରୁତର ଆହତ ନିମପଲ୍ଲି ଅଞ୍ଚଳର ପିଣ୍ଟୁ ଦାସଙ୍କୁ ଛତ୍ରପୁର ହସ୍ପିଟାଲରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ନିରଞ୍ଜନ ଗ୍ରାମରୁ ବାଇକ ଯୋଗେ ମନ୍ଦିରକୁ ଯାଉଥିବା ବେଳେ ଅପରପଟୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ପିଣ୍ଟୁଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଉଭୟେ ଗୁରୁତର ହୋଇଥିଲେ। ନିରଞ୍ଜନଙ୍କୁ ୧୦୮ ଆମ୍ବୁଲାନ୍ସ ଓ ପିଣ୍ଟୁଙ୍କୁ ଏକ ଅଟୋ ଯୋଗେ ଛତ୍ରପୁର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ନିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପିଣ୍ଟୁଙ୍କୁ ବ୍ରହ୍ମପୁର ସ୍ଥାନ୍ତର କରାଯାଇଛି।

### ଶିଶୁ ବାଟିକା ପ୍ରଶିକ୍ଷଣ ପ୍ରସ୍ତୁତି ମଡ୍ୟୁଲ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲିଗୁଡା,୯।୪(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡାସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ପ୍ରସ୍ତୁତି ମଡ୍ୟୁଲ କାର୍ଯ୍ୟକ୍ରମର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ମହେଶ୍ୱର ମାଝୀ ଓ ଏବିଇଓ ବଳରାମ ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିଶୁ ବାଟିକାକୁ କିପରି ଜାଣିବା ଏବଂ ଶିଶୁମାନଙ୍କ ଶିକ୍ଷାକୁ କିପରି ସୃଜନଶୀଳତା, ଖେଳ, ମାଟି କାମ ଓ କାଗଜ କାମ ମାଧ୍ୟମରେ ଶିକ୍ଷା ଦେବା ସେନେଇ ପ୍ରଶିକ୍ଷଣ ନେଇଥିଲେ। ସତ୍ୟ ନାରାୟଣ ତ୍ରିପାଠୀ, ସୁଶାନ୍ତ ମଲ୍ଲିକ, ଲୋକନାଥ ସାହୁ, ସରୋଜ ନାହାକ, ସାବତ ପ୍ରଧାନ, ପ୍ରଫୁଲ୍ଲ ସାହୁ, ସଞ୍ଜୀବ ବିନ୍ଧାଣି, ଜୟପ୍ରକାଶ ପ୍ରଧାନ, ଅମୂଲ୍ୟ ନାୟକ ଓ ଅମରେନ୍ଦ୍ର ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ଛତ୍ରପୁର ହସ୍ପିଟାଲରେ ରୋଗୀସେବା ବିପର୍ଯ୍ୟସ୍ତ

ଛତ୍ରପୁର,୯।୪(ସନ୍ତୋଷ ପାଢ଼ୀ):



ଛତ୍ରପୁର ହସ୍ପିଟାଲ।

- ୧୦ ଘଣ୍ଟା ରୋଗୀ ଦେଖିଲେନି ଡାକ୍ତର
- କାର୍ଯ୍ୟାନୁଷ୍ଠାନ ନିଆଯିବ କହିଲେ ସୁପରିଣ୍ଟେଣ୍ଡେଣ୍ଟ

ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଗତ ୩ ଦିନରେ ଗୋଟିଏ ପରିବାରର ୩ ଜଣଙ୍କ ସମେତ ୪ ଜୀବନ ଯାଇଥିବା ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାତିରେ ଡାକ୍ତର ଏବଂ ଜଣେ ମେଡିକାଲ ଷ୍ଟାଫଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହି ସମୟରୁ ଡିୟୁଟିରେ ଥିବା ୨ ଜଣ ଡାକ୍ତର କୌଣସି ରୋଗୀ ଦେଖି ନ ଥିଲେ। ଯଦ୍ଵାରା ରୋଗୀ ନିରାଶରେ ଫେରିଥିବା ଦେଖାଯାଇଥିଲା। ପ୍ରାୟ ୧୦ ଘଣ୍ଟା ପରେ ବୁଧବାର ସକାଳ ୮ ଟାରେ ରୋଗୀ ସେବା ସ୍ୱାଭାବିକ ହୋଇଥିଲା।

ମଙ୍ଗଳବାର ରାତିରେ ରମ୍ଭା ବୋରିଗାଁର ସୋମାରଥି ନାହାକ ଗୁରୁତର ଥିବାରୁ ଛତ୍ରପୁର ହସ୍ପିଟାଲ ଆସିଥିଲେ। ଡିୟୁଟିରେ ଥିବା ଡାକ୍ତର ଜଣକ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିବାକୁ କହିଥିଲେ। ଉପସ୍ଥିତ ଥିବା ମେଡିକାଲ ଗାଡି ଚାଳକ ସମ୍ପୃକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ହୋଇ ଯାଇଥିବା ଦର୍ଶାଇ ବ୍ରହ୍ମପୁର ନେବା ପାଇଁ ମନା କରିଥିଲେ। ଏହାକୁ ନେଇ ଡାକ୍ତର ତାଙ୍କୁ ଯୁକ୍ତିତର୍କ କରିଥିଲେ। ଶେଷରେ ଡାକ୍ତର ଜଣକ ଏକ ଘରୋଇ ଗାଡି କରି ଉକ୍ତ ଗୁରୁତର ରୋଗୀଙ୍କୁ ବ୍ରହ୍ମପୁର ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଳମ୍ବିତ ଚିକିତ୍ସା ପାଇଁ ଏପରି ଘଟିଥିବା ସମ୍ପର୍କୀୟଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ତେବେ ଡାକ୍ତର ଓ କର୍ମଚାରୀଙ୍କ କଳି ଭିତରେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ୨ ଦିନ ପୂର୍ବେ ରାତିରେ ଗଞ୍ଜାମ ବ୍ଲକ ପାଳିବନ୍ଧ ଗାଁର ଗୋଟିଏ ପରିବାରର ମା’ ପୁଅ ଓ ଝିଅ ବିଷପିଇ ଗୁରୁତର ହେବାରୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହେଲେ ସେ ସମୟ ପାଇଁ ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ହସ୍ପିଟାଲରେ ୨ଟି ଆମ୍ବୁଲାନ୍ସ ଥାଇ ମଧ କାମରେ ଆସିଲାନି। ଦେଢ ଘଣ୍ଟା ବିଳମ୍ବରେ ଘରୋଇ ଆମ୍ବୁଲାନ୍ସରେ ଗୁରୁତର ୩ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ନିଆଗଲା। ତେଣୁ ସେମାନଙ୍କ ମୃତ୍ୟୁ ହେଲା ବୋଲି ସମ୍ପର୍କୀୟମାନେ ଗଣମାଧ୍ୟମରେ ଅଭିଯୋଗ କରିଥିଲେ। ସାଧାରଣ ରୋଗୀଙ୍କୁ ମଧ ଏଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। ଫଳରେ ଠିକ ସମୟରେ ରୋଗୀଙ୍କୁ ଚିକିତ୍ସା ମିଳିପାରୁନି। ଛତ୍ରପୁର ହସ୍ପିଟାଲ ମୁରବିହୀନ ଥିବା ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ହସ୍ପିଟାଲର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ସୁଦର୍ଶନ ସାହୁଙ୍କ ସହ ଯୋଗାଯୋଗ କରିବାବାରୁ କେତେଜଣ ଷ୍ଟାଫଙ୍କ ଅବହେଳାରୁ ଏପରି ହେଉଥିବା ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ବିପୁଳ ପରିମାଣର ମହୁଲ ଫୁଲ ଜବତ


ଜବତ ହୋଇଥିବା ମହୁଲ ଫୁଲ ବସ୍ତା।

ଦାରିଙ୍ଗବାଡି,୯।୪ (ଅରୁଣ ସାହୁ ): ଦାରିଙ୍ଗବାଡି ଅବକାରୀ ବିଭାଗ ଏକ ବେଆଇନ ମହୁଲ ଗୋଦାମରେ ଚଢ଼ାଉ କରି ପ୍ରାୟ ୫୦ଟି ଛୋଟବଡ଼ ବସ୍ତାରେ ଥିବା ମହୁଲ ଫୁଲ ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ଅନୁମାନ କରିଛି । ଦାରିଙ୍ଗବାଡି ବ୍ଲକ ତିଲୋରୀ ଗ୍ରାମର ଜୈନିକ ବ୍ୟବସାୟୀ ଦୀର୍ଘ ଦିନ ହେଲା ବେଆଇନ ଭାବେ ମହୁଲ ଫୁଲ କିଣାବିକା କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଦାରିଙ୍ଗବାଡି ଅବକାରୀ ବିଭାଗର ଇନଚାର୍ଜ ସାଗର ଭୋଇ ବୁଧବାର ଅପରାହ୍ନରେ ସେଠାରେ ଚଢ଼ାଉ କରି ମହୁଲ ଫୁଲକୁ ଜବତ କରି ନେଇଛନ୍ତି। ଏହାର ଓଜନ ପରେ ସରକାରୀ ମୂଲ୍ୟ କେତେ ଜଣାପଡିବ ବୋଲି ଅବକାରୀ ବିଭାଗର ଇନଚାର୍ଜ ଭୋଇ କହିଛନ୍ତି।

## ରସାୟନ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ଅଧକ୍ଷ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୯।୪(ବାବୁଲା ପ୍ରଧାନ) ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଅଧକ୍ଷତା କରି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଯୁକ୍ତ ୩ ସରିବା ପରେ ଛାତ୍ରୀଛାତ୍ର ମାନେ ଉଚ୍ଚତର ଶିକ୍ଷା ଗ୍ରହଣ କରି ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଶୈକ୍ଷିକ ପରିଷଦ ସମ୍ପାଦକ ହର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ସ୍ମରଣିକା ପାଢ଼ୀ ସଭାକୁ ସଂଯୋଜନା କରିଥିଲେ। ଅଧାପକ ଅମିୟ ରଞ୍ଜନ ପଣ୍ଡା, ଫିଲିପ ମଲ୍ଲିକ, ଶରତ ବେହେରା, ରାଜେଶ ପଣ୍ଡିତ, ଲକ୍ଷ୍ମୀ ପ୍ରିୟା ବାନାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ୬ ଦଫା ଦାବି ନେଇ ଜେଲଭରୋ ଆନ୍ଦୋଳନ



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଛତ୍ରପୁର,୯।୪(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ): ଭାରତ ମୁକ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ୬ ଦଫା ଦାବି ନେଇ ବୁଧବାର ଛତ୍ରପୁରଠାରେ ଜେଲଭରୋ ଆନ୍ଦୋଳନ କରାଯାଇଛି। ଦେଶର ସମସ୍ତ ରାଜ୍ୟରେ ଇଭିଏମ ହଟାଇ ବାଲାଟ ପେପରରେ ନିର୍ବାଚନ ପ୍ରକ୍ରିୟା କରିବା, ଓବିସିଙ୍କ ପାଇଁ ଜାତି ଜନଗଣନା କରାଯିବା, ମହାପୁରୁଷଙ୍କୁ ଅବମାନନା ବନ୍ଦ କରିବା, ମହାବୋଧି ମହାବୀରର ମୁକ୍ତି ଏବଂ ବହୁଜନ ସମାଜ ସମ୍ପର୍କୀୟ ସ୍ଥାନୀୟ ସମସ୍ୟା ସମାଧାନ ଆଦି ଦାବି ନେଇ ଆନ୍ଦୋଳନ ହୋଇଛି। ପ୍ରାରମ୍ଭରେ ଭାରତ ମୁକ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚାର ସଦସ୍ୟମାନେ ଛତ୍ରପୁର ସ୍ଥିତ ଡିଆରଡିଏ ଛକରୁ ଏକ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଜିଲା ସଭାପତି ସୁମା ଦାସ, ଓବିସି ମୋର୍ଚ୍ଚାର ସଂଯୋଜକ ବିଜୟ ସ୍ୱାଇଁ, ସିମାଞ୍ଚଳ ନାହାକ, ରାଜେନ୍ଦ୍ର ବେହେରା, ଜଗନ୍ନାଥ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ବୀରତ୍ୱ ଦିବସ ପାଳିତ

ଫୁଲବାଣୀ/ବାଲିଗୁଡା,୯।୪(ରାକେଶ କୁମାର ରାଉତ/ସଞ୍ଜୟ କୁମାର ପାଣିଗ୍ରାହୀ) ୧୨୭ ବଟାଲିଅନ ସିଆରପିଏଫ ପକ୍ଷରୁ ବଳିଦାନ ଦେଇଥିବା ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବୁଧବାର ବାଲିଗୁଡାରେ ବୀରତ୍ୱ ଦିବସ ପାଳିତ ହୋଇଛି। ପାକିସ୍ତାନୀ ସେନାର ଏକ ବ୍ରିଗେଡ ଦଳ ୧୯୬୫ ଏପ୍ରିଲରେ ରଣ ଅଫ କଚ୍ଛ (ଗୁଜୁରାଟ) ନିକଟରେ ଭାରତୀୟ ସୀମା ପୋଷ୍ଟ ବିରୋଧରେ ଅପରେଶନ ଡେଜର୍ଟ ହକ୍ ଆରମ୍ଭ କରିଥିଲା। ପଶ୍ଚିମ ପାକିସ୍ତାନର ଆନ୍ତର୍ଜାତୀୟ ସୀମାରେ ଥିବା ରଣ ଅଫ କଚ୍ଛରେ ସିଆରପିଏଫର ୨ୟ ବାଟାଲିଅନର ୪ଟି କମ୍ପାନୀ ଦ୍ୱାରା ସର୍ଦ୍ଦାର ପୋଷ୍ଟଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉଥିଲା। ଏହି ଆକ୍ରମଣ ସମୟରେ ୨ୟ ବାଟାଲିଅନ ସିଆରପିଏଫ ଦ୍ୱାରା ୩୪ ପାକିସ୍ତାନୀ ସେନା ନିହତ ହୋଇଥିଲେ। ୪ ଜଣଙ୍କୁ ଗିରଫ କରାଯାଇଥିଲା । ଏହି ଅପରେଶନରେ ୮ ଜଣ ସିଆରପିଏଫ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ସାହସିକତାକୁ ମନେ ରଖିବା ପାଇଁ, ପ୍ରତିବର୍ଷ ଏପ୍ରିଲ ୯ରେ ସିଆରପିଏଫ ବୀରତ୍ୱ ଦିବସ ପାଳନ କରୁଛି । କମାଣ୍ଡାଣ୍ଟ ପଙ୍କଜ ବର୍ମା ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବୀର ନାରୀଙ୍କୁ ସମ୍ମାନିତ, ସୈନିକ ସମ୍ମିଳନୀ ଏବଂ ଯବାନମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଅତିରିକ୍ତ ଦୌରା ଜଜ୍, ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପୂର୍ଣ୍ଣ କ୍ଷମତା ଦେବାକୁ ଦାବି

ଜି.ଉଦୟଗିରି,୯।୪(ଚିନ୍ମୟ କୁମାର ସେଠୀ) କନ୍ଧମାଳ ଜିଲା ଜି.ଉଦୟଗିରିଠାରେ ଥିବା ଅତିରିକ୍ତ ଜିଲା ଦୌରା ଜଜ୍ ଏବଂ ଅତିରିକ୍ତ ଉପ ଜିଲାପାଳଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ ନେଇ ପୁଣି ଥରେ ଦାବି ଜୋର ଧରିଛି। ଏଠାରେ ଥିବା ଏହି ଦୁଇ କାର୍ଯ୍ୟାଳୟ ଉପରେ ୪ଟି ବ୍ଲକ ଜି.ଉଦୟଗିରି, ରାଇକିଆ, ଟିକାବାଲି ଓ ଚକାପାଦ ଅଞ୍ଚଳବାସୀ ନିର୍ଭର କରନ୍ତି। ଜି.ଉଦୟଗିରିଠାରେ ଥିବା ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ପୂର୍ଣ୍ଣ କ୍ଷମତା ନ ଥିବାରୁ ଅଞ୍ଚଳବାସୀ ବିଭିନ୍ନ ମାଲି ମକଦ୍ଦମାଗୁଡ଼ିକ ପାଇଁ ବାଲିଗୁଡ଼ା, ଫୁଲବାଣୀ କୋର୍ଟ ଉପରେ ନିର୍ଭରଶୀଳ ରହୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ରାଇକିଆ ବ୍ଲକ କରଡ଼ା, ରଣବା, ଗୋଛା, ବାରବା ଏବଂ ଚକାପାଦ ବ୍ଲକର ବ୍ରାହ୍ମଣପାଦ, ପସରା, ଚାହାଳି, କଖାରୁଝୁଲା ପଞ୍ଚାୟତରେ ଟେଲିଫୋନ ଯୋଗାଯୋଗ ସୁବିଧା ନ ଥିବାରୁ ବିଭିନ୍ନ ସମୟରେ ଜନସାଧାରଣ କୋର୍ଟ ଦ୍ୱାରା ସମନ ନ ପାଇ ୱାରେଣ୍ଟର ଶିକାର ମଧ ହେଉଥିବା ଅଭିଯୋଗ ହେଉଛି। ବହୁ ବର୍ଷ ହେବ ଏହି ଦୁଇ ଅଧିକାରୀଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ ନେଇ ଦାବି ହୋଇ ଆସୁଥିଲେ ସୁଦ୍ଧା ପ୍ରଶାସନ କୌଣସି ସ୍ଥାୟୀ ପଦକ୍ଷେପ ନେନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜି.ଉଦୟଗିରି ଓକିଲ ସଂଘ ପକ୍ଷରୁ ଏଡିଜେ କୋର୍ଟ ସ୍ଥାପନ ଲାଗି ଲିଖିତ ଦାବି କରାଯାଇଥିଲା। ଏହାକୁ ବିଚାରକୁ ନେଇ ଉଚ୍ଚତମ ନ୍ୟାୟାଳୟଙ୍କ ପକ୍ଷରୁ ଆଇନ ବିଭାଗ ଅଧକ୍ଷଙ୍କୁ ଏଡିଜେ କୋର୍ଟ ସ୍ଥାପନା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ଏହା ଉପରେ କୌଣସି ପଦକ୍ଷେପ ଏଯାଏ ନିଆଯାଇ ନ ଥିବା ଓକିଲ ସଂଘ ପକ୍ଷରୁ କୁହାଯାଇଛି। ଉକ୍ତ ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଅତିରିକ୍ତ ଦୌରା ଜଜ୍ ଓ ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପୂର୍ଣ୍ଣ କ୍ଷମତା ଦେଇ କାର୍ଯ୍ୟକ୍ଷମ କରିବା ନିମନ୍ତେ ଓକିଲ ସଂଘ, ପ୍ରେସ୍ କ୍ଲବ, ବ୍ୟବସାୟୀ ସଂଘ, ମିଳିତ କ୍ରିୟାନୁଷ୍ଠାନ କମିଟି, ମା ବରାଳଦେବୀ ଘରୋଇ ମୋଟର କର୍ମଚାରୀ ସଂଘ, ମା ବରାଳିନୀ ଅଟୋ ମାଲିକ ସଂଘ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଲୋକେ ଚେତାବନୀ ଦେଇଛନ୍ତି ।

## ପାଣିପାଇଁ ଗରା,ବାଲ୍‌ଟି ଧରି ରାସ୍ତାକୁ ଓହ୍ଲାଇଲେ ମହିଳା



ଖଜୁରୀପଡ଼ା,୯।୪(ବିଦୁର ବେହେରା) ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢ଼ି ଚାଲିଛି। ଭୂପୃଷ୍ଠର ଜଳସ୍ତର କମିଗଲାଣି। କୌଣସି ନଳକୂପ ଓ କୂଅରେ ଆଉ ପାଣି ନାହିଁ। ଗ୍ରାମବାସୀ ୧୫/୨୦ ଦିନ ହେଲା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାଇପ ଯୋଗେ ପାଣି ଠିକ ଭାବେ ଆସୁନି । ଏହାର ପ୍ରତିବାଦରେ ବୁଧବାର ଖଜୁରୀପଡ଼ା ବ୍ଲକ ବନ୍ଧସାହିର ମହିଳାମାନେ ହାଣ୍ଡି, ଗରା,ବାଲଟି ଧରି ରାସ୍ତାକୁ ଆନ୍ଦୋଳନ ପାଇଁ ଓହ୍ଲାଇ ଫୁଲବାଣୀ-ଭୁବନେଶ୍ୱର ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ନିୟମିତ ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆନ୍ଦୋଳନରୁ ହଟି ଥିଲେ। ପାନୀୟ ଜଳ ଯୋଗାଣରେ ଯଦି ଖିଲାପ ହୁଏ ପୁଣି ରାସ୍ତା ଅବରୋଧ କରିବୁ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ।

## ପଞ୍ଚଦଣ୍ଡ ମହାମିଳନ ଯାତ୍ରା




ଜି.ଉଦୟଗିରି,୯।୪(ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରିସ୍ଥିତ ବନ୍ଧ ଛକ ପଞ୍ଚଦଣ୍ଡ କମିଟି ତରଫରୁ ୫ ଗ୍ରାମରୁ ଦଣ୍ଡ ଠାକୁରାଣୀଙ୍କୁ ବରଣ କରାଯାଇ ବୁଧବାର ମହାମିଳନ ଅନୁଷ୍ଠିତ ହୋଇଛି। ଏଥିରେ ପେନାଲା, ସଲାଗୁଡ଼ା, କଇଁଝର, ବୁର୍ବିନାଜୁ ଓ ସିକାକୁଟି ଗ୍ରାମର ଦଣ୍ଡଥଳ ଅଂଶଗ୍ରହଣ କରିଥିଲେ। ସକାଳେ ଆୟୋଜକ ଦଣ୍ଡ ଯାତ୍ରା କମିଟି ତରଫରୁ ସମସ୍ତ ଦଣ୍ଡ ଥଳମାନଙ୍କୁ ରୀତି ନୀତି ଅନୁସାରେ ବରଣ କରାଯାଇ ସେମାନଙ୍କୁ ବନ୍ଧ ଛକ ମିଳନ ସ୍ଥାନକୁ ପାଛୋଟି ନିଆଯାଇଥିଲା। ବନ୍ଧଛକର ବିଭିନ୍ନ ସ୍ଥାନରେ ମଧ୍ୟାହ୍ନରୁ ଧୂଳି ଦଣ୍ଡ, ସନ୍ଧ୍ୟାରେ ପାଣି ଦଣ୍ଡ ଓ ମଧ ରାତିରୁ ଅଗ୍ନି ଦଣ୍ଡ ସହ ପୁରାଣ ଶାସ୍ତ୍ର ଅନୁସାରେ ସଂସ୍କୃତି ଓ ପରମ୍ପରାକୁ ନାଚ ଗୀତ ମାଧ୍ୟମରେ ପରିବେଷଣ କରିଥିଲେ ଦଣ୍ଡ ଥଳ। ମିଳନ ପଡ଼ିଆ ଠାରେ ୫ଟି ଦଣ୍ଡଥଳର ଗୌରୀବେତ, ପରଭାକାଠି ଠାକୁରାଣୀଙ୍କ ସହ ପାଟଢୋଲ, ଚମ୍ପାବର, ପାଟଭୁକ୍ତା, ଅଧିକାରୀ, ବୀଣାକାର ମିଳନ ହେଲା ପରେ ସମସ୍ତ ଦଣ୍ଡୁଆ ପଣା ସାରିବା ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆଳତି ପରେ ବିଳମ୍ବିତ ରାତିରେ ସମସ୍ତ ଦଣ୍ଡୁଆ ଏକ ଓଳି ଭୋଜନ କରିଥିଲେ। ଦଣ୍ଡ ଯାତ୍ରାର ଢୋଲ, ତୁରୀ, ବାଜା ସହିତ ଝୁଣା ବାସ୍ନାରେ ଆଧାତ୍ମିକ ପରିବେଶ ମଧ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ପଞ୍ଚଦଣ୍ଡ ମିଳନ ଯାତ୍ରା ଉପଭୋଗ କରିଥିଲେ।

## ୪ ବର୍ଷରେ ଆଦିବାସୀଙ୍କ ଉନ୍ନତି ସମ୍ପର୍କିତ ତଥ୍ୟ ଉପସ୍ଥାପିତ

ପାରଳଖେମୁଣ୍ଡି,୯।୪(ଗିରିଧାରୀ ପରିଛା)


ବୈଠକରେ ଏମ୍‌ପି, ବିଧାୟକ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ବୁଧବାର ୭୮ତମ ପରିଚାଳକ ନିକାୟ ତଥା ୭୧ତମ ପ୍ରକଳ୍ପସ୍ତରୀୟ କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା ଓ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଉପସ୍ଥିତ ଥିଲେ। ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ୨୦୧୮-୧୯ ଓ ୨୦୧୯-୨୦ରୁ ୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ପ୍ରାପ୍ତ ରାଶି ଓ ବ୍ୟୟ ସମ୍ପର୍କିତ ସୂଚନା ପ୍ରକଳ୍ପ ପ୍ରଶାସକ ଉପସ୍ଥାପନ କରିଥିଲେ। ସେହିପରି ୨୦୨୪-୨୫ ବର୍ଷ ପାଇଁ ବିଭିନ୍ନ ଯୋଜନାରେ ପ୍ରାପ୍ତ ଅର୍ଥ ରାଶି ଓ ତାହାର ଆବଣ୍ଟନ ସମ୍ପର୍କିତ ତଥ୍ୟ ମଧ ଉପସ୍ଥାପନା କରାଯାଇଥିଲା। ରାମଗିରି ଛାତ୍ରବାସର କାର୍ଯ୍ୟକ୍ରମ, ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ,କର୍ମଚାରୀଙ୍କ ବାସଗୃହ ମରାମତି ଓ ରକ୍ଷଣାବେକ୍ଷଣ, ପାଚେରୀ ନିର୍ମାଣ ଓ ସଂପ୍ରସରଣ, ନୂତନ କର୍ମଚାରୀଙ୍କ ବାସଗୃହ ନିର୍ମାଣ, ଆଦିବାସୀ ସଂସ୍କୃତି ଭବନ ନିର୍ମାଣ ପାଇଁ ଅନୁମୋଦନ କରାଯାଇଛି।

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ଅଧିନରେ ଗଜପତି ଜିଲାରେ ୫ଟି ବ୍ଲକ ମୋହନା, ଆର.ଉଦୟଗିରି, ଗୁମ୍ମା,ନୂଆଗଡ ଓ ରାୟଗଡର ୭୯ ପଞ୍ଚାୟତ ଏବଂ ୩୧୧ଟି ରାଜସ୍ୱ ଗ୍ରାମରେ ୧୪୩ଟି ଜନଜାତି ଜୀବିକା ପରିଷଦ ଗଠନ କରାଯାଇ ୧୪ହଜାର ୩୮୫ ଜଣ ହିତାଧିକାରୀଙ୍କ ଜୀବନ ଜୀବିକା ସହିତ ଅର୍ଥନୈତିକ ସ୍ତରରେ ବିକାଶ କରାଯାଉଛି।

ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟଗୁଡିକ ମଧ୍ୟରେ ଜମି ଉନ୍ନତିକରଣ, ଭୂତଳ ଜଳ ସଂରକ୍ଷଣ ନିମନ୍ତେ ଗର୍ତ୍ତ ଖନନ, ମୃତ୍ତିକା ସଂରକ୍ଷଣ ପାଇଁ ପଥର ବନ୍ଧ ନିର୍ମାଣ, ଚାରାରୋପଣ, ଘାଇ ଓ ଛେଳି ଗୁହାଳ ଆଦି କାର୍ଯ୍ୟ ରହିଛି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନରେ ଜିଲାରେ ବସବାସ କରୁଥିବା ବିଭିନ୍ନ ଆଦିମ ଜନଜାତିମାନଙ୍କ ସାମାଜିକ, ଆର୍ଥିକ, ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସୁବିଧା ପ୍ରଦାନ କରାଯାଉଛି। ସେହିପରି ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଜିଲାର ୭ଟି ବ୍ଲକର ଜନଜାତିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ଆର୍ଥିକ ଭାବେ ସଶକ୍ତ କରାଯାଉଛି।

### ୭୧ ପ୍ରକଳ୍ପ ସ୍ତରୀୟ କମିଟି ବୈଠକ

ଆର୍ଥିକ ବର୍ଷ ୨୦୨୫-୨୬ ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗ,କାର୍ଯ୍ୟାଳୟ, ବିଭାଗୀୟ ଯନ୍ତ୍ରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବା ଲାଗି ବୈଠକରେ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଆଦିବାସୀଙ୍କ ବିକାଶ ସମ୍ବଳିତ ଉଲ୍ଲେଖିତ ପତ୍ରିକା ‘ମାନାରାଙ୍ଗାନ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ବିଷ ପିଇ ଗୋଟିଏ ପରିବାରର ୩ ଆତ୍ମହତ୍ୟା ଘଟଣା

# ପୋଲିସର ତଦନ୍ତ ଜାରି

ଗଞ୍ଜାମ,୯।୪(ବିଦ୍ୟାଧର ସାହୁ)

■ ଯାଞ୍ଚ ଚାଲିଛି ମୋବାଇଲ କଲ୍ ରେକର୍ଡିଂ
■ ଗ୍ରାମ ଲୋକେ ଜଣଙ୍କୁ ପଚରାଉଚରା କରିଛି ପୋଲିସ
■ ସତ ନିଶ୍ଚିତ ପଦାକୁ ଆସିବ: ଆଇଆଇସି

ଗଞ୍ଜାମ ଥାନା ପାଳିବନ୍ଧ ଗ୍ରାମରେ ଗୋଟିଏ ପରିବାର ମାଆ, ଝିଅ ଓ ପୁଅ ବିଷପିଇ ମୃତ୍ୟୁ ବରଣ କରିବା ଘଟଣାକୁ ଦୁଇଦିନ ପୂରିଲାଣି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ପ୍ରକୃତ କାରଣର ଜଣାପଡିନାହିଁ। ଗଞ୍ଜାମ ପୋଲିସ ଏ ଦିଗରେ ତଦନ୍ତ ଜାରି ରଖିଛି। ପ୍ରୋବେସନାରୀ ଆଇପିଏସ ମନୀଷ ସଗୁନ ଓ ଆଇଆଇସି ସୁମିତ୍ରା ପାତ୍ର ପାଳିବନ୍ଧ ଗ୍ରାମକୁ ବାରମ୍ବାର ଯାଇ କେତେ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଦିଗକୁ ନେଇ ପଚରା ଉଚରା କରିଛି। ମୃତ ଝିଅ ମୀନା ଓ ପୁଅ ରାକେଶ ବ୍ୟବହାର କରୁଥିବା ମୋବାଇଲ ଫୋନ କଲ ରେକର୍ଡିଂ ଯାଞ୍ଚ ଚାଲିଛି। କେଉଁ କାରଣ ପାଇଁ ଏତେବଡ ପଦକ୍ଷେପ ଏହି ପରିବାର ନେଲେ ତାର ତର୍ଜମା କରାଯାଉଛି। ଅନ୍ୟପକ୍ଷରେ ପ୍ରେମ ବ୍ୟାପାରକୁ ନେଇ ଏପରି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି । ଦୁଇଟି ଫୋନର ସିଡିଆର ବାହାର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଗ୍ରାମର କିଛି ଘରକୁ ଯାଇ ପରିବାର ସଦସ୍ୟଙ୍କ କାହା ସହ କଥା ହେଉଛନ୍ତି କେଉଁ କାରଣ ପାଇଁ ଏହି ଘଟଣା ଘଟିଲା ସେମାନଙ୍କ ବୟାନ ରେକର୍ଡ କରିଛି ପୋଲିସ। ମୃତ ରାକେଶ ନିଜେ ମାମୁଘର ଛତ୍ରପୁରରେ ରହୁଥିବା ବେଳେ ଘଟଣା ଘଟିବା ଦିନ ସେ ଘରକୁ ଯାଇଥିବା ତଦନ୍ତ ବେଳେ ଜଣାପଡିଛି। ସୂଚନାଯୋଗ୍ୟ, ରବିବାର ପାଳିବନ୍ଧ ଗ୍ରାମର ଗୋଟିଏ ପରିବାର ଏସ୍ .ମାମି ରେଡ୍ଡୀ, ପୁଅ ଏସ୍.ରାକେଶ ଓ ଝିଅ ଏସ୍.ମୀନା ପିଷ ପିଇ ଆତ୍ମହତ୍ୟା କରିଥିଲେ। ଏସମ୍ପର୍କରେ ଆଇଆଇସି ପାତ୍ର କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସତ ନିଶ୍ଚିତ ପଦାକୁ ଆସିବ ବୋଲି ସେ କହିଛନ୍ତି।

# ଆସ ବହିଟିଏ କିଣିବା ଦିବସ ପାଳିତ



ବୁଗୁଡ଼ା ପିପୁଲ୍ଲ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଭଞ୍ଜନଗର/ବୁଗୁଡ଼ା,୯।୪
(ବାବୁଲା ପ୍ରଧାନ/ କାଳିଚରଣ ଦାଶ)

ଓଡ଼ିଆ ପକ୍ଷ ଅବସରରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ଆସ ବହିଟିଏ କିଣିବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବ ଲେଖକ ମାନଙ୍କୁ ଉତ୍ସାହିତ କରାଯିବା ସହ ବହି କିଣି ଅଧିକ ଜ୍ଞାନ ଆହରଣ କରିବା ପାଇଁ ବକ୍ତାମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ବୈଠକରେ ଅଧ୍ୟକ୍ଷତା କରି ଦିବସ ସମ୍ପର୍କରେ ସରକାରଙ୍କ ଲକ୍ଷ୍ୟ ଓ ତାହାର ସୁଫଳ କିଭଳି ଛାତ୍ରୀ ଛାତ୍ର ମାନେ ପାଇ ପାରିବେ ସେନେଇ କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସଭା ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ବିଭାସ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଦିପାଶ୍ରି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା କଳ୍ପନା ଷଣ୍ଢ, ରୋଜାଲିନ ମହାରଣା, ଅଧ୍ୟାପକ ବିଦେଶୀ ରାଉତ, ଦିଗନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ବୁଗୁଡ଼ା ପିପୁଲ୍ଲ କଲେଜ ପକ୍ଷରୁ ଆସ ବହିଟିଏ କିଣିବା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ତାପସ ରାଉତ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ପ୍ରଦୀପ କୁମାର ଦାଶ, ଆତ୍ମ ପ୍ରକାଶ ନାୟକ ଓ ଦୁଷ୍ମନ୍ତ ପ୍ରଧାନ, ଅଧ୍ୟାପିକା ଭି. ସନ୍ତୋଷୀ ରାଜୁ ଓ ରଶ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପୁସ୍ତକ ପଠନର ଉପାଦେୟତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଓଡିଆ ବିଭାଗ ଅଧ୍ୟାପକ ଡ. ସଞ୍ଜୟ କୁମାର ପ୍ରଧାନ ମଧ ତାଙ୍କର ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଦିନେଶ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଲାଇବ୍ରେରିଆନ୍ ରଶ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜହମିରେ ୨୪ ପ୍ରହର ନାମଯଜ୍ଞ ସରିଲା

ରମ୍ଭା,୯।୪(ବନବାସୀ ସେଠୀ)

ଜହମି ଗ୍ରାମରେ ୩ ଦିନ ଧରି ଚାଲିଥିବା ୨୪ପ୍ରହର ନାମଯଜ୍ଞ ଓ ହରିହାଟ ମହନ୍ତ ପ୍ରେମାନନ୍ଦ ଦାଶ ଓ ସହଯୋଗୀଙ୍କ ପୌରୋହିତ୍ୟରେ ନିତାଇ ଚୈତନ୍ୟ ଗୋବିନ୍ଦଙ୍କ ପୀଠରେ ଉଦଯାପିତ ହୋଇଯାଇଛି। ପ୍ରମୋଦ ନାହାକ ଓ ତାଙ୍କ ସ୍ତ୍ରୀ ଦମୟନ୍ତୀ ନାହାକ କର୍ତ୍ତା ହୋଇଥିଲେ। ବୁରୁଡି, ଡିଆଁଡେଇଁ, ମଧୁରଚୁଆ, ଝାରେଡି, ସିପକୁଡା, ଧର୍ମସରଣପୁର, ସାନ ରାମଚନ୍ଦ୍ରପୁର, ଅଲ୍ଲାବାଦ, କରପଡା, ପଣସଡ଼ିଅ, ନିରୁଳିଗଡ଼, ରମ୍ଭା ଚଣ୍ଡୀପୁର, ମିଞ୍ଜିନି ପାଟଣା, ଜହମି, ଗବୁଡି ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀ ଆସିଥିଲେ। ଉଦଯାପନୀ ଦିବସରେ ସମ୍ବର୍ଦ୍ଧନା ଉତ୍ସବ ସାଙ୍ଗକୁ ସଂକୀର୍ତନ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସତ୍ୟବାନ ମହାପାତ୍ର, ଉପଦେଷ୍ଟା ରାମଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ନାହାକ, ପରିଚାଳକ ଚନ୍ଦ୍ରଶେଖର ନାୟକ, ମ୍ୟାନେଜର ପ୍ରିୟବ୍ରତ ନାହାକ ଓ ମନୋଜ ନାହାକ, ବାମଦେବ ନାହାକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# କାମରେ ଆସୁନି ଗୋଷ୍ଠୀ ଶୌଚାଳୟ

ଦାରିଙ୍ଗବାଡ଼ି,୯।୪ (ଅରୁଣ ସାହୁ):




ଅବ୍ୟବହୃତ ହୋଇ ପଡିଥିବା ଗୋଷ୍ଠୀ ଶୌଚାଳୟ।

ପରିବେଶକୁ ସ୍ୱଚ୍ଛତା ରଖିବା ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ଏଥିପାଇଁ ପଞ୍ଚାୟତ ସମିତି ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଜନହିତରେ ଶୁଦ୍ଧ ପିଇବାପାଣିର ବ୍ୟବସ୍ଥା ସହ ଗୋଷ୍ଠୀ ଶୌଚାଳୟ, ବିଶ୍ରାମଗାର ଆଦି ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍ ସିମନବାଡ଼ି ପଞ୍ଚାୟତର ଜନହିତ ପାଇଁ ଉଭୟ ପଞ୍ଚାୟତ ସମିତି ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସହାଭାଗିତାରେ ୩ ଲକ୍ଷ ଟଙ୍କା ବ୍ୟୟବରାଦରେ ଗୋଷ୍ଠୀ ଶୌଚାଳୟ କରାଯାଇଥିଲ। ତେବେ ଏହା ଲୋକଙ୍କ ହିତ ପାଇଁ କୌଣସି ସୁବିଧା ସ୍ଥାନରେ ନିର୍ମାଣ କରାଯିବା ବଦଳରେ ତାକୁ ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ନିର୍ମାଣ କରାଯାଇଛି। ଯାହାକି ଲୋକଙ୍କ କାର୍ଯ୍ୟରେ ଆସିବା ସମ୍ଭବ ନୁହଁ ବୋଲି ଅଭିଯୋଗ ହେଉଛି। ସେହିପରି ଏହାର ଅର୍ଥକୁ ତୋଷାରପାତ କରାଯାଇଥିବା ସନ୍ଦେହ ଉପୁଜୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଉକ୍ତ ଶୌଚାଳୟ ନିର୍ମାଣ ପାଇଁ ପଞ୍ଚାୟତ ସମିତି ୨ ଲକ୍ଷ ୧୦ ଏବଂ ପଞ୍ଚାୟତ ୯୦ ହଜାର ଅର୍ଥ ବ୍ୟାୟବରାଦ କରିବାକୁ ରହିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାତ ପ୍ରଧାନ କହିଛନ୍ତି ଯେ, ସେ ଏଠାରେ ନିଯୁକ୍ତି ପାଇବା ପୂର୍ବରୁ ଉକ୍ତ କାର୍ଯ୍ୟ କରାଯାଇଥିବା ବେଳେ ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲା। ତତ୍କାଳ ଗ୍ରାମ ରୋଜଗାର ସେବକ ଉକ୍ତ କାର୍ଯ୍ୟ କରିଥିବା ସେ କହିଛନ୍ତି। ତେବେ କାହା ସ୍ୱାର୍ଥରେ ଉକ୍ତ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା ତାକୁ କାହିଁକି ସମ୍ପୂର୍ଣ୍ଣ କରି ଲୋକାର୍ପଣ କରାଯାଉନାହିଁ ସେନେଇ ତଦନ୍ତ ପାଇଁ ଦାବି ହେଉଛି। ଉକ୍ତ ଗୋଷ୍ଠୀ ଶୌଚାଳୟ ଲୋକାର୍ପଣ କରାଗଲେ ଦିବ୍ୟାଙ୍ଗ, ମହିଳା ଓ ପୁରୁଷ ସମସ୍ତଙ୍କ ପାଇଁ ଏହା ସୁବିଧା ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

# ସରିଲା ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା

ମୋହନା,୯।୪ମନ୍ମଥ ମିଶ୍ର)

ଗଜପତିଜିଲା ମୋହନା ପିଏମଶ୍ରୀ ଏସଏସଡି ହାଇସ୍କୁଲଠାରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ମୋହନା ବ୍ଲକର ୩୯ଟି ପଞ୍ଚାୟତର ୨୮୯ ଛାତ୍ରୀଛାତ୍ର ଷଷ୍ଠ ଏବଂ ନବମ ଶ୍ରେଣୀର ପରୀକ୍ଷା ଦେବାପାଇଁ ଆବେଦନ କରିଥିଲେ। ମାତ୍ର ବୁଧବାର ଷଷ୍ଠ ଶ୍ରେଣୀର ଆବେଦନ କରିଥିବା ୧୦୭ ଜଣଙ୍କ ମଧ୍ୟରୁ ୮୧ ଜଣ ପରୀକ୍ଷା ଦେଇଥିଲେ। ୨୬ ଜଣ ଅନୁପସ୍ଥିତ ଥିଲେ। ସେହିପରି ନବମ ଶ୍ରେଣୀର ଆବେଦନ କରିଥିବା ୧୮୨ଜଣଙ୍କ ମଧ୍ୟରୁ ୧୪୧ ଜଣ ପରୀକ୍ଷା ଦେଇଥିଲେ। ୪୧ ଜଣ ଅନୁପସ୍ଥିତ ଥିବା ପ୍ରଧାନଶିକ୍ଷକ ସତ୍ୟ ରଞ୍ଜନ କର କହିଛନ୍ତି।

# ୪ ଦିନିଆ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଆର.ଉଦୟଗିରି,୯।୪(ମନୋଜ କୁମାର ପାଢୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେଏମ ଭାଲିଆସାହି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଶଟପୁଟ, ଡସ୍‌କସ୍ ଥ୍ରୋ ସହ ଅନ୍ୟାନ୍ୟ ମୋଟ ୪୬ ବିଭାଗରେ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧୁଚରଣ ଦଣ୍ଡସେନାଙ୍କ ସଭାପତିତ୍ୱ ଓ ପ୍ରଧାନ ପ୍ରହ୍ଲାଦ ଶିଅଳଙ୍କରେ ତତ୍ତ୍ୱାବଧାନରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଗୁପ୍ତେଶ୍ୱର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷକ ରାମଚନ୍ଦ୍ର ଦଳବେହେରା, ତାରିଣୀ ଚରଣ ମଣ୍ଡଳ, ଯୁଧିଷ୍ଠିର ପାଇକ, କିଶୋର ଦଣ୍ଡସେନା, ନୀଳକଣ୍ଠ ନାୟକ, ବିରଞ୍ଚି ମଣ୍ଡଳ, ଦିଗାମ୍ବର ଦାସ, କେଦାର ନାଥ କର, ସୁଶାନ୍ତ ସାହୁ, ମନୋଜଭୂୟାଁ, ଉଷା ଦେବୀ ଜାନୀ, ରବିନା ଦାସ, ବିରଜାମାଳିନୀ ନାୟକ, ମମତା ବେହେର୍ଦଳାଇ, ପ୍ରଜ୍ଞାଦୀପ୍ତା ପାଇକ, ସଙ୍ଗୀତା ସାହୁ ପରିଚାଳନା କରିଥିଲେ। ମାଧବ ଖୁଣ୍ଟିଆ ସହଯୋଗ କରିଥିଲେ।

# ମା'ଶୀତଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଶୁଭଖୁଣ୍ଟି ପଡିଲା

ଶେରଗଡ଼,୯।୪(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ଗ୍ରାମସ୍ଥିତ ମା' ଶୀତଳାଙ୍କ ମନ୍ଦିର ପ୍ରତିଷ୍ଠା ମେ ୩ରୁ ୭ ପର୍ଯ୍ୟନ୍ତ ହେବ। ଏଥି ନିମନ୍ତେ ବୁଧବାର ଶୁଭଖୁଣ୍ଟି ପୋତା ଯାଇଛି। ମା'ଙ୍କ ପୂଜାର୍ଚ୍ଚନା ପରେ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିରେ ଆଜ୍ଞାମାଳ ପାଇବା ପରେ ଶୁଭ ଖୁଣ୍ଟ ପୋତା ହୋଇଥିଲା। ଏହି ସମୟରେ ସଭାପତି ବଳରାମ ରାଉତ, ଗଜେନ୍ଦ୍ର ପ୍ରଧାନ, ବାବୁ ପ୍ରଧାନ, ପାଣ୍ଡବ ବେହେରା,ବାଲାଜୀ ପ୍ରଧାନ,ରବି ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୯।୪(ରାକେଶ କୁମାର ରାଉତ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାରକରି ଫୁଲବାଣୀ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ସ୍ଥଳେ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ସନତ୍ ପ୍ରଧାନ। ଫିରିଙ୍ଗିଆ ଥାନା ଅଞ୍ଚଳର ଏକ ଗ୍ରାମରେ ନାବାଳିକାଙ୍କ ପରିବାର ରହନ୍ତି। ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ସନତ୍ ଏହି ଗ୍ରାମରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲି ଆସିଥିଲେ। ୧୮।୭।୨୦୧୬ରେ ନାବାଳିକା ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ସନତ୍ ତାଙ୍କୁ ବଳାତ୍କାର କରିଥିଲେ। ମା'ବାପା ଘରକୁ ଫେରିବା ପରେ ପୀଡ଼ିତା ସେମାନଙ୍କୁ ଏହା କହିଥିଲେ। ପରେ ଗାଁରେ ଏକ ବୈଠକ ବସିଥିଲା। ସେଠାରେ ସନତ୍ ଦୋଷ ସ୍ୱୀକାର କରିବା ସହ ପୀଡ଼ିତାଙ୍କୁ ବିବାହ କରିବାକୁ ସମ୍ମତି ଦେଇଥିଲେ। ମାତ୍ର କରୋନା ଯୋଗୁ ଏହା ବିଳମ୍ବ ହୋଇ ୨୦୨୧ରେ ବିବାହ ସମ୍ପନ୍ନ ହୋଇଥିଲା। ତେବେ ବିବାହର କିଛିଦିନ ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ପରିବାର ଗତବର୍ଷ ଜାନୁଆରୀ ୩୦ରେ ଫିରିଙ୍ଗିଆ ଥାନାରେ ଏତଲାକ୍ରମେ ପୋଲିସ ସନତ୍‌ଙ୍କୁ ଗିରଫ କରିଥିଲା। ବିଚାରପତି ୧୬ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟକୁ ଆଧାରକରି ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

IN THE COURT OF THE ADDL. DIST. JUDGE-CUM-8TH M.A.C.T., ASKA

M.A.C. 57/2020

Laxmi Pradhan & another ...Petitioners

Versus

Insurance company & another ...Respondents

Notice U/o.V R-20 CPC

To,
Gajendra Malik
S/o- Kambhupani Malik,
At- Kanheipur, Po- Balarampur,
Ps - Badagada, Dist. : Ganjam - 761109
(Owner of Hero Glamour bike bearing Regn. No. OD-32-E- 4773)

Please take notice that you are the respondent no.1 in the above MAC case. Despite repeated summons, you are keeping yourself from out of the process of the court and not receiving summons. The above named petitioners have applied for compensation of Rs.15,00,000/- for the death of their son Narayan Pradhan in the accident dtd. 18.04.2020 by your aforesaid vehicle at about 6.30 A.M. at Machhakote near Balipatna chhaka. The case is posted to 06.05.2025 for your appearance for your show cause why compensation shall not be granted to them. If you do not turn up either in person or through your advocate to show cause against the claim, the matter will proceed ex-parte according to law in the court of the undersigned.

Sd./- (R.N. Sharma)
Advocate, Aska

Sd./-
(Shri Prabir Kumar Choudhury)
Addl. Dist. Judge-cum-8th
MACT, Aska, Dist-Ganjam

ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/(ଯାନ୍ତ୍ରିକ), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୦୧** । ପ୍ରମୁଖ ସେତୁଗୁଡ଼ିକୁ ଆରସିସି ଜ୍ୟାକେଟିଂ ଦ୍ୱାରା ଏବଂ ବିଦ୍ୟମାନ ୨୦ ଫୁଟ ଗର୍ଡରକୁ ପିଏସସି ସ୍ଲାବ୍ ସେତୁରେ ରୂପାନ୍ତରଣ ଦ୍ୱାରା ସୁଦୃଢ଼ୀକୃତ କରିବା (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୧,୮୦,୦୩,୭୭୪.୭୪** । **ଇଏମ୍‌ଡି: ₹୨,୪୦,୦୦୦/– । ୨. ସିକେପି-ସେଣ୍ଟ୍ରାଲ-୨୫-୨୬-୦୨** । ଏଡିଇଏନ/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ସେତୁ ନଂ. ୨୧୬ (ଅପ୍ ଓ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଓ ଡାଉନ୍)ର ଆର୍‌ସିସି ଜ୍ୟାକେଟିଂ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ ତଥା ସେତୁ ନଂ. ୧୮୪ର ବଳକା କାର୍ଯ୍ୟ । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୨,୮୦,୦୨,୮୪୦.୧୮ । ଇଏମ୍‌ଡି: ₹୨,୯୦,୦୦୦/– । ୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩** । ଏସ୍‌ଏସ୍‌ଇ/ୱାର୍କସ୍/ଡିଏମ୍‌ଏଫ୍, କେଇ/ୱାର୍କସ୍/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ପି.ୱେ/ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନି ବର୍ଷ ଅବଧି ଲାଗି ଚବିଶ ଘଣ୍ଟିଆ ଇନ୍ଧନ ଓ ଡ୍ରାଇଭର ସହିତ ୧ ଟନ୍ ଟ୍ରକ୍ ସଡ଼କ ଯାନ (ଚାରି ଚକିଆ) ଅଣ-ଏସି ଭଡ଼ା ସୂତ୍ରରେ ନେବା । (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୬୬,୨୪,୦୦୦/–** । **ଇଏମ୍‌ଡି: ₹୧,୩୨,୫୦୦/– । ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୨୮।୦୪।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୩୦।୦୪।୨୦୨୫ରିଖ ଏବଂ କ୍ର.ସଂ. ୩ ପାଇଁ ତା୨୯।୦୪।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । **(PR-32)**

# ସ୍ତ୍ରୀ, ପୁଅଙ୍କୁ ମାରିବାକୁ ଘରେ ଡିନାମାଇଟ ବିସ୍ଫୋରଣ

ଦିଗପହଣ୍ଡି,୯।୪(ଅଶେଷ ନାଥ ମିଶ୍ର)



ବିସ୍ଫୋରଣ ପ୍ରଭାବରେ ଭାଙ୍ଗି ଯାଇଥିବା ଘର ।

■ ଅଭିଯୁକ୍ତଙ୍କୁ କାବୁ କଲେ ଗ୍ରାମବାସୀ
■ ସ୍ତ୍ରୀଙ୍କ ସହ ଝଗଡାରୁ ସ୍ୱାମୀ କରିଥିଲେ ଷଡଯନ୍ତ୍ର

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମ କାଳିଞ୍ଜି ସାହିରେ ବୁଧବାର ଅପରାହ୍ନ ୨ଟାରେ ବୋମା ବିସ୍ଫୋରଣରେ ୩ ଘରର ଛାତ ଉଡ଼ି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଗାଁରେ ଚାଲିଥିବା ମା' ଦଣ୍ଡକାଳୀଙ୍କ ନାଚ ଦେଖିବାକୁ ଯାଇଥିବାରୁ ୩ ପରିବାର ଲୋକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସ୍ୱାମୀ-ସ୍ତ୍ରୀ କଳହରୁ ସ୍ୱାମୀ ଏପରି ଘଟାଇଥିବା ଜଣାପଡ଼ିଛି। ଗ୍ରାମର ଗୌଡ଼ ସାହି ବାସିନ୍ଦା ବି. ଲାଛୁ ଦୋରାଙ୍କ ଜ୍ୱାଇଁ ସୁରେନ୍ଦ୍ର ଦୋରା ଏହି ଘଟଣା ଘଟାଇଛନ୍ତି।

ଖବରରୁ ଜଣାପଡିଛି, ସମ୍ବଲପୁର ଜିଲା ରଣାବନ୍ଧ ଗ୍ରାମର ସୁରେନ୍ଦ୍ର ପ୍ରାୟ ୭ ବର୍ଷ ତଳେ ବି . ଲାଛୁ ଦୋରାଙ୍କ ଝିଅ ଗୀତାଞ୍ଜଳିଙ୍କୁ ବିବାହ କରିଥିଲେ। ସୁରେନ୍ଦ୍ର ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ପ୍ରାୟ ୬ ମାସ ତଳେ ଶ୍ୱଶୁର ଘର କୁଶପଡ଼ା ଗ୍ରାମକୁ ଆସି ଅନୀଲ ସାହୁଙ୍କ ଘରେ ସ୍ତ୍ରୀ ପୁଅଙ୍କୁ ଧରି ଭଡ଼ାରେ ରହୁଥିଲେ। ଗତ ୩ ଦିନ ତଳେ ସୁରେନ୍ଦ୍ର ଭୁବନେଶ୍ୱରରୁ କୁଶପଡାକୁ ଆସିଥିଲେ। ମଙ୍ଗଳବାର ରାତିରେ କୌଣସି କାରଣରୁ ସ୍ତ୍ରୀଙ୍କ ସହ ଝଗଡା ହୋଇଥିଲା। ବୁଧବାର ଦ୍ୱିପହରରେ ସ୍ତ୍ରୀ ତାଙ୍କ ପୁଅ(୫)କୁ ନେଇ ଘରେ ଶୋଇଥିବା ବେଳେ ଉଭୟଙ୍କୁ ଜୀବନରେ ମାରିଦେବା ପାଇଁ ସୁରେନ୍ଦ୍ର ଘରେ ଡିନାମାଇଟ ଖଞ୍ଜି ଦେଇଥିଲେ। ମାତ୍ର ଏହାର କିଛି ସମୟ ପୂର୍ବରୁ ସ୍ତ୍ରୀ ତାଙ୍କ ପୁଅକୁ ଧରି ଦଣ୍ଡନାଚ ଦେଖିବାକୁ ପାଖ ପଡୋଶୀଙ୍କ ସହ ଚାଲିଯାଇଥିଲେ। ଗ୍ରାମରେ ଦଣ୍ଡନାଚ ଚାଲିଥିବା ବେଳେ ଡିନାମାଇଟ ବିସ୍ଫୋରଣ ଘଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପ୍ରଥମେ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ପରେ ବହୁ ସଂଖ୍ୟକ ଲୋକ ଘଟଣାସ୍ଥଳକୁ ଦୌଡି ଯାଇ ଦେଖିବା ବେଳକୁ ଗ୍ରାମର ଅନୀଲ ସାହୁ, ବାବୁ ସାହୁ ଏବଂ ଦଣ୍ଡପାଣି ସାହୁଙ୍କ ଘର ଛାତ ଭାଙ୍ଗି ଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହି ବିସ୍ଫୋରଣରେ ବାବୁ ସାହୁଙ୍କ ଘରେ ଭଡ଼ାରେ ରହୁଥିବା ଶୁଭଶ୍ରୀ ବିଷୋୟୀ ଏବଂ ଅନିଲ, ଦଣ୍ଡପାଣି ୨ ପରିବାରଙ୍କ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ନଷ୍ଟ ହୋଇଯାଇଛି। ସୁରେନ୍ଦ୍ର ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଅଟକ ରଖି ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ସୁରେନ୍ଦ୍ରଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ଅନୀଲଙ୍କ ଏତଲା କ୍ରମେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ପ୍ରଶାନ୍ତ ପାତ୍ର କହିଛନ୍ତି।

# ପଞ୍ଚାୟତର ଉନ୍ନତିରେ ବାଧକ ସାଜିଛି ପ୍ରଶାସନ

ପାତ୍ରପୁର, ୯।୪(ଉମା ଚରଣ ନେପାକ)–

ପାତ୍ରପୁର ବ୍ଲକ ଖମ୍ବାରିଗାଁ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ହେଉନାହିଁ। ପଞ୍ଚାୟତକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଏଡିଓ ଆସୁନାହାନ୍ତି । କନିଷ୍ଠ ଯନ୍ତ୍ରୀଙ୍କୁ କୌଣସି କାର୍ଯ୍ୟ ବିଷୟରେ ପଚାରିଲେ ଉତ୍ତର ମିଳୁନାହିଁ । ଏଭଳି ହେବା ଜଣେ ସରପଞ୍ଚଙ୍କ ପଦ ମର୍ଯ୍ୟାଦାର ଅମର୍ଯ୍ୟାଦା ନୁହେଁ କି ବୋଲି ପାତ୍ରପୁର ବ୍ଲକ ଖମ୍ବାରିଗାଁ ସରପଞ୍ଚ କେ.ଜ୍ୟୋତି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମାର୍ଚ୍ଚ ମାସରେ ଜଣାଇଥିଲେ। ଏହାକୁ ଭିତ୍ତିକରି ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ବୁଧବାର ଜିଲା ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ ଖମ୍ବାରିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ତଦନ୍ତ କରି ଫେରଛନ୍ତି। ସରପଞ୍ଚଙ୍କ ଅଭିଯୋଗ କରିଛନ୍ତି, ଖମ୍ବାରିଗାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ବେହେରା ଏବଂ କିରଣ ସ୍ୱାଇଁ କେବଳ ମାସିକ ବୈଠକ ଦିନ ବ୍ୟତୀତ ଅନ୍ୟ ଦିନରେ ପଞ୍ଚାୟତକୁ ଆସୁନାହାନ୍ତି। ବିକାଶମୂଳକ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଘଟଣାର ତଦନ୍ତ ପାଇଁ ଆସିଥିବା ପ୍ରଧାନ ତଦନ୍ତ କରିବା ସମୟରେ ସରପଞ୍ଚ କେ.ଜ୍ୟୋତି, ସମିତିସଭ୍ୟା ଏନ. ସାନ୍ତାମ୍ମା ଉପସ୍ଥିତ ଥିଲେ। ପଞ୍ଚାୟତର ସମସ୍ତ କାଗଜପତ୍ର ପ୍ରଧାନ ଯାଞ୍ଚ କରିଥିଲେ । ଉପସ୍ଥିତ ପିଇଓ ଏବଂ ଏଡିଓ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ଥିବାରୁ କୋଉ ଦିନ ଖମ୍ବାରିଗାଁ ପଞ୍ଚାୟତକୁ ଆସିବେ ତାକୁ ପଞ୍ଚାୟତ ବାହାରେ କିମ୍ବା କାନ୍ଥରେ ଲେଖି ମାରି ନିଜର ଫୋନ ନମ୍ବର ଉଲ୍ଲେଖ କରିବାକୁ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ।

OFFICE OF THE SUPERINTENDING ENGINEER, PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH

निविदा निरस्तीकरण सूचना

इस कार्यालय के निविदा आमंत्रण सूचना क्रमांक 398 दिनांक 24.03.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-252600172/5

## ପଞ୍ଚାୟତ ସମିତି, ଶେରଗଡ଼

କାର୍ଯ୍ୟକ୍ରମ ବିବରଣୀ – ତା୧୧।୦୪।୨୦୨୫ରିଖ

| କ୍ରମିକ ସଂଖ୍ୟା | ପ୍ରାଥମିକ ଚିକିତ୍ସା କେନ୍ଦ୍ରର ନାମ | ସମ୍ପୃକ୍ତ ଗ୍ରାମପଞ୍ଚାୟତ | ଗ୍ରାମର ନାମ |
|---|---|---|---|
| ୧ | ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଅଲାରିଗଡ଼ | ଅଲାରିଗଡ଼, ଠୁତୁବୁରାଇ, ଡେଙ୍ଗାପଦର, ଗୋଠଗାଁ, କୁରୁଳା, ଗୋବିନ୍ଦପୁର | ଅଲାରିଗଡ଼, ଖଇରବେଠି, ଲକ୍ଷ୍ମୀପୁର, ଠୁତୁବୁରାଇ, କଣଭାଗ, ଖାସପା, ବାକିଲିକଣା, ଗୋଠଗାଁ, ପୁନାନ୍ଦ, କୁରୁଳା, ମହିରକଣା, ଗଙ୍ଗାଧରପୁର, ବାଇଶିପାଳ, ବଳିୟାରସିଂହପୁର |
| ୨ | ପ୍ରାଥମିକ ଚିକିତ୍ସା କେନ୍ଦ୍ର, କେ.କରଡ଼ାକଣା | ବରମୁଣ୍ଡଳି, କେ.କରଡାକଣା, କୁମ୍ଭାରପାଣି, ମହୁପଦର, ଶେରଗଡ଼, ଡାକରଡ଼ା | ବରମୁଣ୍ଡଳି, ପଟାପାବୁଲି, କେ.କରଡାକଣା, ରଘୁନାଥପୁର, ରକ୍ତପଟା, ପି.କରଡାକଣା, ଅରଖପଦା, ଗର୍ବଗଣ୍ଡା, ବାଦଲାଉଗୁଡା, କୁମ୍ଭାରପାଣି, ବାରସିଙ୍ଗି, ଭେଟସିଙ୍ଗି, ପଦ୍ମପୁର, କେରିକେରିଝୋଲା, ଆମ୍ବୁଆବାଡ଼ି, ଶେରଗଡ଼, ବିଜୟ ରଘୁନାଥପୁର, ପାଟପଲ୍ଲି, ରାମଗିରି, ହରିକୃଷ୍ଣପୁର, ଭୁଷୁଣ୍ଡା, ସାଗରପଲ୍ଲୀ |
| ୩ | ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପିତଳ | ଡହଁର, ପିତଳ, ବ୍ରାହ୍ମଣଛାଇ, ନରେନ୍ଦ୍ରପୁର | ଡହଁର, କାଞ୍ଜିଆମା, ପିତଳ, ପାକିଡି, ସନ୍ତୋଷପୁର, ବ୍ରାହ୍ମଣଛାଇ, ଗୁଡିଶର, ନରେନ୍ଦ୍ରପୁର, ବି.ରାଜେନ୍ଦ୍ରପୁର, ରାମଚନ୍ଦ୍ରପୁର, ନୂଆଁପଲ୍ଲି, କିର୍ତ୍ତିପୁର |
| ୪ | ପ୍ରାଥମିକ ଚିକିତ୍ସା କେନ୍ଦ୍ର, କୁଲାଗଡ଼ | ବନ୍ଧାଗୁଡ଼ା, ବରମୁଣ୍ଡଳି, ଖିରିଡ଼ା, କୁଲାଗଡ଼ | ବନ୍ଧାଗୁଡ଼ା, ଚିକିଲି, ଚଷାମହୁଲି, ଗୋପପଲ୍ଲି, ଲକ୍ଷ୍ମୀନାରାୟଣପୁର, ପରମାନନ୍ଦପୁର, ବରିକୋଟ, ଖିରିଡ଼ା, ଛଡାବର, ହାତିଚିରା, କୁଲାଗଡ଼, ସିନ୍ଧାଗୁଡ଼ା, ବାଦଗଡ଼ |
| ୫ | ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଡେଙ୍ଗାପଦର | ଡେଙ୍ଗାପଦର, ଧବଳପୁର, ଧନନ୍ତର, ଗୋବିନ୍ଦପୁର, କୃଷ୍ଣଛାଇ, ମହୁପଦର, ଶେରଗଡ଼, ଡାକରଡ଼ା, ଠୁତୁବୁରାଇ | ଡେଙ୍ଗାପଦର, ପଥରପୁଞ୍ଜି, ଧବଳପୁର, ଛତ୍ରଡେପା, ଶୋଳଶୋଳା, ଧନନ୍ତର, ସୁବଳୟାପଲ୍ଲି, ସୁନାନ୍ତର, ଅଶୋକପୁର, ଲାଞ୍ଜିଆପଲ୍ଲି, ସେରାଙ୍ଗୁଡ଼ା, ଗୋବିନ୍ଦପୁର, କୃଷ୍ଣଛାଇ, ଅଣ୍ଡିରାସିଙ୍ଗି, କମଳାଦେଇପୁର, କାଟଖଣ୍ଡି, ବି.ବ୍ରହ୍ମପୁର, ମହୁପଦର, ଜି.ନୂଆଁପଲ୍ଲି, ଖମାର, ପାତ୍ରପୁର, ଦଶମୁଣ୍ଡଳି, ଡିଙ୍କିଶାଳ, କିର୍ତ୍ତିପୁର, ନାରାୟଣପୁର, କୃପାସିନ୍ଧୁପୁର, ରାମକୃଷ୍ଣପୁର, ଡାକରଡ଼ା, ଚିକିଲି, ମାରୁତି ଜଗନ୍ନାଥପୁର |

वरीय पुलिस अधीक्षक का कार्यालय, राँची

सर्वसाधारण के लिए सूचना।



नाम–पायल कुमारी, उम्र करीब–19 वर्ष, रंग–सांवला, ऊँचाई–5 फीट 3 इंच, पहनावा– आसमानी रंग का कुर्ती काला रंग का जीन्स पैंट पहनी हुई है।

उपरोक्त लापता लड़की पायल कुमारी, उम्र करीब–19 वर्ष, पे0–विशेश्वर महली, सा0–चिनारो पुरियो, थाना–ईटकी, जिला–राँची जो दिनांक–25.03.25 को नारो बाजार नगड़ी गई थी, जो आजतक अपने घर वापस नहीं आई है।

जिसके संबंध में नगड़ी थाना सनहा संख्या–29/2025, दिनांक–27.03.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
पुलिस उपाधीक्षक, मु0–2, राँची। – 9431106142
थाना प्रभारी नगड़ी राँची। – 9431706176

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.350008 Police(25-26):D

The Berhampore Co-operative Central Bank Ltd.

Head Office, At/Po- Town Hall Road, Brahmapur - 760 001, District- Ganjam, Odisha, Phone No. - 0680-2221973, E-mail- cocenbank@rediffmail.com.

Ref. No. BCCB-A&E/111/2025-26, Date : 09.04.2025

NOTICE

To,
Sri. Ajit Kumar Sabat, Assistant Manager, S/o-Laxmi Dhar Sabat, Ramahari Nagar, Near Petrol Pump, At/Po-Konisi, PS-Golanthara, Dist. Ganjam, Odisha-761008.
(Unauthorized absent in duty)

Sub: - Dismissal from Service.

Sir,

You have been remaining absent unauthorizedly since 01.09.2018. You have neither furnished your explanation nor joined in the service after issued of several notice and also, after publication in the newspaper.

Whereas basing upon the Disciplinary Proceeding No.656/2019-20, Dt.30.05.2019 drawn against you for such unauthorized absence, you are found guilty of the charges by the Appointment Committee vide A.C Resolution No.6, Dt.21.08.2024 and pursuance to the decision of the said committee you have been dismissed from service, vide this Office Order No.74/2025-26, Dt.04.04.2025.

Whereas the Bank has been sent your dismissal order vide Officer Order No.74/2025-26, Dt.04.04.2025 to your given aforesaid address by register post and e-mail.

Now, we have informed you about your dismissal through the publication in the daily newspaper. This is for your information.

Sd./- Chief Executive Officer

OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR

Invitation Date: 04.04.2025

E-PROCUREMENT TENDER NOTICE

01. For tender detail please visit **http://eproc.cgstate.gov.in**.
02. Concern Division - S. No. 1 Surajpur, S. No. 2 Ambikapur & S. No. 3 Ramanujganj Division.
03. S. No. 1 to 5 - 'C' Class and above Contractor.
04. Bid Submission due Date: 25.04.2025.

| S. No. | N.I.T. No. | Name of Work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 01 | Construction of Higher Secondary School Building at Lanjit Block Odgi Distt. Surajpur including Electrification (First Call) | 119.43 |
| 2 | 02 | Construction of Govt. Higher Secondary School Building at Silsila Block Lundra Distt. Surguja including Electrification (First Call) | 120.18 |
| 3 | 03 | Construction of Higher Secondary School at Gajar Block Ramachandrapur Distt. Balrampur Ramanujganj includng Electrification Works (First Call) | 117.39 |

Sd./- Superintending Engineer
P.W.D. Ambikapur Circle,
Ambikapur

G-252600177/4

## ସଂକ୍ଷେପରେ

### ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ନେଇ ବୈଠକ

ଶେରଗଡ଼,୯।୪(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ସଭା ଗୃହରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ଦାୟିତ୍ୱରେ ଥିବା ଏବିଡିଓ ସୁଧାଂଶୁ ଶେଖର ତରାଇ ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୨ଟି ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଏହି କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଆସନ୍ତା ୧୧ ତାରିଖରେ ୫ଟି କେନ୍ଦ୍ରରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନର ଶୁଭାରମ୍ଭ ହେବ। ୨୨ଟି ପଞ୍ଚାୟତର ପିଇଓମାନେ ଉପସ୍ଥିତ ରହି ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବାଣ୍ଟିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଟି.ଆର. ସୁବୁଦ୍ଧିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ଜଣେ ମୃତ

ଆସିକା, ୯।୪ (ସୁରେନ୍ଦ୍ରନାଥ ସାହୁ)

ଆସିକା-ବ୍ରହ୍ମପୁର ମୁଖ୍ୟ ରାସ୍ତାର କାଳକଣ୍ଠପୁର ଛକଠାରେ ବୁଧବାର ସକାଳ ୭ଟାରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଗୋପୀନାଥ ବେହେରା (୪୧)। ତାଙ୍କ ଘର ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ବୋଲି ଜଣାପଡିଛି। କାଳକଣ୍ଠପୁର ଛକର ଏକ ହୋଟେଲରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ଗୋପୀନାଥ ସ୍ନାନ ଶୌଚ ଲାଗି ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଯାଉଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଭଞ୍ଜନଗର ଯାଉଥିବା ଏକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଗୋପୀନାଥଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରେ କିଛି ସମୟ ଲାଗି କାଳକଣ୍ଠପୁର ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆସିକା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ଚାଳକଙ୍କୁ ଅଟକ ରଖିଛି। ଆସିକା ଥାନାରେ ନଂ. ୨୭୬/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

### ମନ୍ତ୍ରୀଙ୍କ ତାଗିଦ ପରେ ସ୍ୱଚ୍ଛତା କାର୍ଯ୍ୟ ନେଇ ବୈଠକ

ଫୁଲବାଣୀ, ୯।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଗସ୍ତରେ ଗତ ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆସି ଜିଲାସ୍ତରୀୟ ସମୀକ୍ଷା କରିଥିଲେ। ମନ୍ତ୍ରୀ ସହର ବୁଲିବା ବେଳେ ଫୁଲବାଣୀ ପୌର ପରିଷଦର ସ୍ୱଚ୍ଛତା କାର୍ଯ୍ୟକ୍ରମ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ତେବେ ବୁଧବାର ପୌର ପରିଷଦ ଏନେଇ ତତ୍ପର ହୋଇ ଉଠିଛି। ନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଫେଇ ଦାୟିତ୍ୱ ନେଇଥିବା ସଂସ୍ଥାର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ସଫେଇ କାମ କରୁଥିବା କର୍ମଚାରୀଙ୍କ ଅବହେଳାରୁ ଏପରି ହୋଇଛି। ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ। ଯଦି କୌଣସି ସଫେଇ କର୍ମଚାରୀ କାର୍ଯ୍ୟରେ ଅବହେଳା କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସଫେଇ ସଂସ୍ଥା ଅଧିକାରୀ କହିଛନ୍ତି। ସହରରେ ସ୍ୱଚ୍ଛତା ଉପରେ ଅଧିକ କାର୍ଯ୍ୟ କରାଯିବ ବୋଲି ବୈଠକରେ ସେ ପ୍ରତିଶ୍ରୁତି ଦେଇଛନ୍ତି।

### ୨ ଫେରାର ଅଭିଯୁକ୍ତ ଗିରଫ

ବୁଗୁଡା,୯।୪(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅଞ୍ଚଳରେ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥାଇ ଫେରାର ଥିବା ୨ଜଣ ଅଭିଯୁକ୍ତଙ୍କୁ ୱାରେଣ୍ଟ ବଳରେ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଗିରଫ ୨ ବ୍ୟକ୍ତି ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗିଡି ଗ୍ରାମର ଜି.ସୁଶାନ୍ତ ପାତ୍ର (୨୭) ଓ ପାଣିକେଶର ଗ୍ରାମର ଉତ୍ତମ ନାଇକ। ସୁଶାନ୍ତ ୨୦୨୩ରେ ବିଭିନ୍ନ ଦୋକାନରୁ ମୋବାଇଲ ଚୋରି ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ଏ ନେଇ ନଂ. ୧୧୬, ୧୧୭, ୧୧୮/୨୩ ରେ ୩ଟି ମାମଲା ରୁଜୁ ହୋଇଥିଲା। ସେହିପରି ବିଭିନ୍ନ ଗଣ୍ଡଗୋଳ ମାମଲାରେ ଜଡିତ ଥାଇ ଫେରାର ଥିବା ଉତ୍ତମଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଏନେଇ ବୁଗୁଡା ଥାନାରେ ନଂ. ୧୮୮/୨୩ରେ ମାମଲା ରୁଜୁ ହୋଇଥିଲା।

# ଭିତ୍ତିଭୂମି ଅଭାବରୁ ଏଫ୍‌ଏମ୍‌ଟି ଶିକ୍ଷାଦାନ ପ୍ରଭାବିତ

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି)ଭେଷଜ ମହାବିଦ୍ୟାଳୟର ଏଫଏମଟି ବିଭାଗରେ ଭିତ୍ତିଭୂମି ଅଭାବରୁ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଛାତ୍ରୀଛାତ୍ରଙ୍କୁ ସର୍ବନିମ୍ନ ସୁବିଧା ବି ମିଳୁନି। କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ହିଁ ଏହାର କାରଣ ବୋଲି କୁହାଯାଉଛି। ମାନବସମ୍ବଳର ବି ଅଭାବ ଯୋଗୁ ସେଭଳି ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରୁନାହିଁ। ଏମକେସିଜି ପରିସରରେ କୋଠା ପରେ କୋଠା ନିର୍ମାଣ ଚାଲିଥିବା ବେଳେ ପ୍ରସ୍ତାବିତ ୫ମହଲା ବିଶିଷ୍ଟ କୋଠା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏମକେସିଜି ପରିସରରେ ରହିଛି ନୀତିତାତ୍ତ୍ୱିକ ଭେଷଜ ଶାସ୍ତ୍ର ଓ ବିଷ ବିଜ୍ଞାନ(ଏଫଏମ୍‌ଟି) ବିଭାଗ। ଆନାଟୋମି ବିଭାଗ ପରି ଏହି ବିଭାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତରୀ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଏହି ବିଭାଗରୁ ଥିଓରି ସହ ପ୍ରାକ୍ଟିକାଲ ସମ୍ବନ୍ଧୀୟ ତଥ୍ୟ ଅତ୍ୟନ୍ତ ଆବଶ୍ୟକ। ଦୁର୍ଭାଗ୍ୟର ବିଷୟ ଆନାଟୋମି ବିଭାଗରେ ମରଶରୀର ଅଭାବ ରହିଛି। ଏଫଏମ୍‌ଟି ବିଭାଗରେ ଛାତ୍ରୀଛାତ୍ରଙ୍କ ପାଇଁ ଅଟୋପିସ୍ ଗ୍ୟାଲେରି ନାହିଁ। ୨୦୧୦ରେ ଉଦଘାଟିତ ଏହି ବିଭାଗ ଗବେଷଣା ଓ ଆରୋପ କେନ୍ଦ୍ର ଭାବେ ପରିଚାଳିତ ହେଉଛି। ଏଫଏମ୍‌ଟି ବିଭାଗରେ ରହିଛି ବହୁ ପୁରୁଣା ଶବ ବ୍ୟବଚ୍ଛେଦ ଗୃହ। ସେଠାରେ ସର୍ବାଧିକ ୨୦ ଛାତ୍ରୀଛାତ୍ରଙ୍କୁ ଏକତ୍ର ଶିକ୍ଷାଦାନ କରିବା କାଠିକର ପାଠ ହେଉଛି। ଶବ ବ୍ୟବଚ୍ଛେଦ ଗୃହରେ ବ୍ୟବସ୍ଥିତ ଢଙ୍ଗରେ ବସିବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ମଧ୍ୟ ନାହିଁ। ପୂର୍ବରୁ ପ୍ରସ୍ତାବିତ ୫ମହଲା ବିଶିଷ୍ଟ କୋଠା ନିର୍ମାଣ ସୁପ୍ତ ଅବସ୍ଥାରେ ପଡିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଏହି ସମସ୍ୟା ଯୋଗୁଁ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କୁ ମଧ୍ୟ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏକକାଳୀନ ନହେଲେ ମଧ୍ୟ ୧୦ରୁ ୨୦ଜଣ ଲେଖାଏଁ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରି ତାଲିମ ପ୍ରଦାନ କରାଯାଉଛି। ଭିତ୍ତିଭୂମିର ଅଭାବକୁ ଯେତେଶୀଘ୍ର ଦୂର କରାଯାଇପାରିବ ତାହା ଉଭୟ ଛାତ୍ରୀଛାତ୍ର ଓ ବିଭାଗ ପାଇଁ ଉତ୍ତମ ହେବ ବୋଲି ସେ କହିଛନ୍ତି।



ଏଫ୍‌ଏମ୍‌ଟିରେ ଥିବା ଶବ ବ୍ୟବଚ୍ଛେଦ ଗୃହ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ସରିଲା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସିଟି କଲେଜ ପରିସରରେ ୮ ଦିନ ଧରି ଚାଲିଥିବା ଯୁକ୍ତ ତିନି ପ୍ରଥମବର୍ଷର ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ସରିଛି। କଲେଜ ଅଧ୍ୟକ୍ଷା ଡ.ଅନୀତା କୁମାରୀ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନିଜ ସୁରକ୍ଷା ପାଇଁ ସଦା ଜାଗ୍ରତ ରହିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ରୂପେ କଲେଜର ପୂର୍ବତନ କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ଦାସ ଛାତ୍ରୀମାନଙ୍କ ପାଇଁ ସର୍ବଦା ପ୍ରତିଭା ସହ ଶାରିରୀକ ଦକ୍ଷତା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଯୋଗ ପ୍ରଶିକ୍ଷିକା ପୂଜାପାଣ୍ଡି ଯୋଗଶିକ୍ଷା ଅନୁଭୂତି କହିଥିଲେ। ମାଷ୍ଟର ଟ୍ରେନର ସନ୍ଧ୍ୟାରାଣୀ ମହାରଣା କେତେକ ସୁରକ୍ଷା କୌଶଳର ନମୁନା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡ.ମିନତୀ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ସହସଂଯୋଜିକା ଡ.ସସ୍ମିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଗ୍ୟାସ ଦରବୃଦ୍ଧି ବିରୋଧରେ ସିପିଆଇ(ଏମ)ର ବିକ୍ଷୋଭ

ବ୍ରହ୍ମପୁର,୯।୪(ନରସିଂହ ସାହୁ)

ରନ୍ଧନ ଗ୍ୟାସର ଦରବୃଦ୍ଧି ବିରୋଧରେ ବୁଧବାର ଗଞ୍ଜାମ ଜିଲା ସିପିଆଇ (ଏମ) ପକ୍ଷରୁ ବ୍ରହ୍ମପୁର କମାପଲ୍ଲୀ ଛକରେ ବିକ୍ଷୋଭ କରାଯାଇଥିଲା। ତୁରନ୍ତ ଏହି ଜନ ବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ନଚେତ ଜିଲା ବ୍ୟାପି ଆନ୍ଦୋଳନ ହେବ ବୋଲି ଏହି ବାମପନ୍ଥୀ ଦଳ ଚେତାବନୀ ଦେଇଛି।

ଆନ୍ଦୋଳନ ସ୍ଥଳରେ କୁହାଯାଇଛି ଅନ୍ତଃ ଜାତୀୟ ବଜାରରେ ଅଶୋଧିତ ତୈଳଦର ଯଥେଷ୍ଟ ହ୍ରାସ ପାଇଥିବା ବେଳେ ଭାଜପା ସରକାର ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ଏବଂ ଡିଜେଲ ଓ ପେଟ୍ରୋଲ ଲିଟର ପ୍ରତି ଦୁଇ ପ୍ରତିଶତ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରି ଲୋକଙ୍କ ଉପରେ ଚଢ଼କ ପକାଯାଇଛି। ଆଗାମୀ ଦିନରେ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ଘଟିବ ଏବଂ ସାଧାରଣ ଲୋକଙ୍କୁ ଅଧିକ କଲବଲ କରିବ ବୋଲି ସିପିଆଇ (ଏମ) ଆଶଙ୍କା କରିଛି। ତେଣୁ ସବୁବର୍ଗର ଲୋକେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ନେତୃତ୍ୱ ନେଇଥିଲେ। ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଗୋକୁଳ ତ୍ରିପାଠୀ, କେଶବ ଗୌଡ଼, ଚିଟିବାବୁ, ରାଜା ରାଓ, ଗୋପାଳ ପାଣିଗ୍ରାହି, ରଂଜନ ପାତ୍ର, ମଧୁ ବେହେରା, ନୀଳ ମାଧବ ରଥ, ଲୋକନାଥ ଖୁଣ୍ଟିଆ ଓ ପୁରୁଷୋତ୍ତମ ସାହୁଙ୍କ ସମେତ ଶତାଧିକ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

## ମହିଳା ପୋଲିସ ଏଏସଆଇଙ୍କୁ ଆକ୍ରମଣ, ଦମ୍ପତି ଗିରଫ

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ):

ଜଣେ ମହିଳା ପୋଲିସ ଏଏସଆଇଙ୍କୁ ଆକ୍ରମଣ ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ହିଞ୍ଜିଳିକାଟୁ ଥାନା ଅଙ୍କରଡାର ମୂଳ ନିବାସୀ ତଥା ବ୍ରହ୍ମପୁର ହାଉସିଂବୋର୍ଡରେ ରହୁଥିବା ତପନ ପରିଡା(୪୪) ଓ ମମତା ପରିଡା(୩୯)। ହାଉସିଂବୋର୍ଡର ଅନମଲ ଭୂୟାଁଙ୍କ ଏକ ଦୋକାନ ରହିଛି। କିଛିଦିନ ତଳେ ଅଭିଯୁକ୍ତ ଦମ୍ପତି ଅନମଲଙ୍କ ଦୋକାନକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦମ୍ପତି ଅନମଲଙ୍କୁ ଗାଳିଗୁଲଜ କରିବା ସହ ଦୋକାନ ଭିତରେ ଥିବା ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଏ ନେଇ ଅନମଲ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତ ଅଧିକାରୀ ତଥା ଥାନାର ଏଏସଆଇ ଝରଣା ଜେନା ଅଭିଯୁକ୍ତ ମାନଙ୍କୁ ପଚରାଉଚରା ପାଇଁ ଥାନାକୁ ଡାକିଥିଲେ ମଧ୍ୟ ସେମାନେ ଆସିନଥିଲେ। ଏଏସଆଇ ସେମାନଙ୍କ ଘରକୁ ଯାଇ ପଚରାଉଚରା କରୁଥିବାବେଳେ ଦମ୍ପତି ସେଠାରେ ଏଏସଆଇଙ୍କୁ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ପ୍ରକାରେ ନଂ.୧୨୨/୨୫ରେ ଏକ ମାମଲା ରୁଜୁ ହୋଇଛି।

# ମାଉସୀ ମା’ ଘରେ ଭୋଗ ଖାଇଲେ ଠାକୁରାଣୀ

ବ୍ରହ୍ମପୁର,୯।୪(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢୀ ଠାକୁରାଣୀ ଯାତ୍ରା ବୁଧବାର ୭ମ ଦିନରେ ପହଞ୍ଚିଛି। ବୁଧବାର ଯାତ୍ରା ସ୍ଥଳ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଛି। ମା’ଙ୍କ ଦର୍ଶନ ପାଇଁ ଜିଲା ସମେତ ରାଜ୍ୟର ବିଭିନ୍ନ ଅଂଚଳରୁ ଖରାର ପ୍ରକୋପକୁ ଖାତିର ନକରି ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଲମ୍ବା ଧାଡିରେ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି। ସପ୍ତମ ଦିନରେ ମା ଠାକୁରାଣୀ ସାହି ପରିକ୍ରମା ସମୟରେ ଜଉରା ସାହି ସ୍ଥିତ ମାଉସୀ ମା’ ଘରକୁ ଗମନ କରିଥିଲେ। ଜଉରା ସାହିରେ ମାଉସୀ ମା ଘର ତଥା ଶ୍ରୀନିବାସ ସେନାପତିଙ୍କ ଘରେ ମା’ଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ଅନୁଯାୟୀ ମାଉସୀ ମା’ ଘରେ ଶୁଖିଲା ଭୋଗ ଲାଗି କରାଯାଇଥିଲା। ଠାକୁରାଣୀଙ୍କୁ ହଳଦୀ ଲେପନ ସହ ହଳଦୀ ପାଣିରେ ପୂଜା କରାଯାଇଥିଲା। ଠାକୁରାଣୀଙ୍କୁ ନୂତନ ଶାଢି ଅର୍ପଣ କରାଯାଇଥିଲା। ମୁଖ୍ୟ ଘଟ ପ୍ରଥମେ ଅସ୍ଥାୟୀ ମଣ୍ଡପରୁ ବାହାରି ମହୁରୀ ରାଜବାଟିରେ ରାଜାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଖାସ୍ପା ସାହି ଦେଇ ଜଉରା ସାହିକୁ ଯାଇଥିଲେ। ପୁଣି ଖାସ୍ପା ସାହି ହୋଇ ଘଟ ନରସିଂହ ମନ୍ଦିର ସାହି, ଚନ୍ଦ୍ରଶେଖର ମନ୍ଦିର ସାହି, ଶଙ୍ଖାରି ସାହି, ଜେମାଦେଇ ପେଣ୍ଠ, ପୁରୁଣା ବ୍ରହ୍ମପୁର ସାହି ପରିକ୍ରମା କରିଥିଲେ। ଶେଷରେ ପୁଣି ଖାସ୍ପା ସାହି ହୋଇ ନଡିଆ ବଜାର ଦେଇ ଦେଶୀ ବେହେରା ସାହ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ସାହି ପରିକ୍ରମା ବେଳେ ମା ଠାକୁରାଣୀ ବିଭିନ୍ନ ସାହିର ରଥକୁ ନିମନ୍ତ୍ରଣ କରିଥିଲେ। ଖାସ୍ପା ସାହିର ହରି ଅର୍ଜୁନ ରଥ, ନରସିଂହ ମନ୍ଦିର ସାହିର ଶ୍ରୀରାମ ରଥ, ଚନ୍ଦ୍ରଶେଖର ମନ୍ଦିର ସାହିର ବୀର ହନୁମାନ ରଥ, ଶଙ୍ଖାରୀ ସାହିର ଲକ୍ଷ୍ମଣ ରଥ, ଜେମାଦେଇ ପେଣ୍ଠରେ ଜଗନ୍ନାଥ ରଥ ଓ ପୁରୁଣା ବ୍ରହ୍ମପୁରର ମହାବୀର କର୍ଣ୍ଣ ରଥକୁ ନିମନ୍ତ୍ରଣ କରିଥିଲେ।



ବାଘ ନାଚରେ ବେଶଧାରୀ।

### ମାନସିକ ବେଶ ଧାରଣ ଏକ ପରମ୍ପରା

ଠାକୁରାଣୀ ଯାତ୍ରାରେ ମାନସିକ ବେଶ ଧାରଣ ଏକ ପରମ୍ପରା। ରୋଗବ୍ୟାଧି ହେଉ କି ଯେ କୌଣସି ଅସୁବିଧାରୁ ହେଉ ମା’ଠାରୁ ଆରମ୍ଭ କରି ଘରର ବୟୋଜ୍ୟେଷ୍ଠମାନେ ସେମାନଙ୍କ ଶିଶୁକୁ ବିଭିନ୍ନ ବେଶ କରି ମା’ଙ୍କ ସମ୍ମୁଖକୁ ଆଣିବାକୁ ମାନସିକ କରିଥାନ୍ତି। ଅନେକ ଲୋକଙ୍କ ମାନସିକ ପୂରଣ ହେଉଥିବାରୁ ଚଳିତବର୍ଷ ମାନସିକ ବେଶଧାରୀଙ୍କ ଭିଡ ଲାଗିଛି। ପୁରୁଷ, ବାଳକ, ଯୁବକ ସମେତ ଛୋଟ ଶିଶୁମାନେ ପାରମ୍ପରିକ ଭାବେ ବାଘ, ଭାଲୁ, ମାଙ୍କଡ ଜୀବ ଜନ୍ତୁ ସମେତ ଶିବ, କୃଷ୍ଣ, ବଳରାମ, ରାମଚନ୍ଦ୍ର, ଲକ୍ଷ୍ମଣ, ସୀତା, ନାରଦ ଭଳି ବେଶ ହୋଇଥାନ୍ତି। ମା’ଙ୍କ ଦର୍ଶନ ପରେ କେତେକ ବେଶଧାରୀ ବାଦକ ମାଧ୍ୟମରେ ସାହି ବୁଲି ନିଜ ପରିଚିତ ପରିବାର ବର୍ଗଙ୍କୁ ଭେଟିବା ପରମ୍ପରା ରହିଛି। ବେଶ ହୋଇଥିବା ବ୍ୟକ୍ତିଙ୍କୁ ପରିବାର ଓ ବନ୍ଧୁ ବାନ୍ଧବ ଅର୍ଥ ଉପହାର ଦେଇଥାନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ୨ ମାସ ପରେ ୬ ଗିରଫ

ବ୍ରହ୍ମପୁର, ୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ବିଜିପୁରରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ୨ ମାସ ପରେ ବୁଧବାର ଟାଉନ ଥାନା ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଷାଣୀନୂଆଗାଁ ଡାମଣା ସାହିର ହିମାଂଶୁ ସାହୁ ଓରଫ ମୁନା (୨୭), ବୈଦ୍ୟନାଥପୁର ଥାନା ଆଙ୍କୁଲି ଶିଳ୍ପାଞ୍ଚଳର ଦେବାଶିଷ ମିଶ୍ର(୩୨), ଗୋଦାବରୀଶନଗରର ସାର୍ଥକ ମହାନ୍ତି ଓରଫ ହିରୋ(୨୬), ଟାଉନ ଥାନା ଗେଟବଜାର କେନାଲ ସାହିର ଲିଙ୍କନ କୁମାର ଲାୟକ (୨୩), ବଡ଼ବଜାର ଥାନା ପ୍ରେମନଗରର ସୁକେଶ କୁମାର ନାୟକ(୨୯) ଓ ପାଣିଗ୍ରାହୀପେଣ୍ଠର ଆକାଶ ପାଣିଗ୍ରାହୀ (୨୪)। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଡି. ସୁଜନ ପାତ୍ରଙ୍କୁ ଏମାନେ ସଂଘବଦ୍ଧ ଆକ୍ରମଣ କରିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ବୁଧବାର ସୂଚନା ଦେଇଛନ୍ତି। ମାମଲା ନଂ.୪୭/୨୫ ରେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ଜାନୁଆରୀ ୨୬ ବିଜିପୁର ଅଞ୍ଚଳରେ ଏକ ଭୋଜି ହୋଇଥିଲା। ଡି. ସୁଜନ ପାତ୍ର, ଅଭିନାଶ ମହାନ୍ତି, ଲୋକେଶ ସେଠୀ, କେ. ସୁନୀଲ ରାଓ ଓ ଜି. ସାଇପ୍ରସାଦ ଭୋଜି ଖାଇ ରାତି ପ୍ରାୟ ସାଢ଼େ ୧୨ଟାରେ ସାହିର ଏକ ମଣ୍ଡପରେ ବସିଥିଲେ। ପରୋକ୍ତ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ସୁଜନଙ୍କ ସହ ଝଗଡା କଲେ। ସୁଜନ ପ୍ରତିବାଦ କରିବାରୁ ହିମାଂଶୁ ଓ ତାଙ୍କ ସହଯୋଗୀ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେମାନେ ଦୌଡ଼ି ପଳାଉଥିବାବେଳେ ସୁଜନଙ୍କୁ ଖଣ୍ଡାରେ ଶରୀର ବିଭିନ୍ନ ସ୍ଥାନକୁ ହାଣି ଦେଇଥିଲେ। ସେ ମରିଯାଇଥିବା ଭାବି ସେମାନେ ଫେରାର ହୋଇଯାଇଥିଲେ। ତାଙ୍କ ସାଙ୍ଗମାନେ ଗୁରୁତର ସୁଜନଙ୍କୁ ସିଟି ହସ୍ପିଟାଲ ପରେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଅଭିନାଶ ମହାନ୍ତି ଥାନାରେ ଲିଖିତ ଏତଲା ଦେଇଥିଲେ।



ଗିରଫ ୬ ଅଭିଯୁକ୍ତ।

## ଲକ୍ଷ୍ମୀ ବସ ଚକା ତଳେ ଛାତ୍ରଙ୍କ ଜୀବନ ଗଲା

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଆଙ୍କୁଲି ବଡ ଶଙ୍ଖ ନିକଟରେ ବୁଧବାର ଲକ୍ଷ୍ମୀ ବସ ଧକ୍କାରେ ଜଣେ ବି-ଟେକ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଉଞ୍ଜି ନିକଟ ଆରୁଆପଲି ଗ୍ରାମର ଅଭିନାଶ ଆଚାର୍ଯ୍ୟ(୨୧)। ମୃତକଙ୍କ ବାପା ଅକ୍ଷୟ ଆଚାର୍ଯ୍ୟଙ୍କ ଅଭିଯୋଗ କ୍ରମେ ନଂ.୨୨୬/୨୫ରେ ଏକ ମାମଲା ରୁଜୁ ହୋଇଛି। ବସଟିକୁ ଜବତ ସହ ଗୋଳନ୍ଥରା ଥାନା ଛେଳିଆ ଗ୍ରାମର ଡ୍ରାଇଭର ବିଭୁ ମହାନ୍ତି (୩୧)ଙ୍କୁ ପୋଲିସ ଗିରଫ କରିଛି। ଅଭିନାଶ ନିଷ୍ଟ ୟୁନିଭେରସିଟିରେ ବି ଟେକ ତୃତୀୟ ବର୍ଷର ଛାତ୍ର ଥିଲେ। ସକାଳ ସାଢ଼େ ୬ରେ ନିଜ ବାଇକରେ ଘରୁ ବାହାରି ଆଙ୍କୁଲି ଜାତୀୟ ରାଜପଥ ପୂର୍ବରୁ ଚନ୍ଦନ ନଗର ବଡ ବନ୍ଧ ଦେଇ ଯାଉଥିବା ବେଳେ ଆଗରେ ଏକ ବୁଲାଣି ରାସ୍ତାରେ ସମ୍ମୁଖ ପଟୁ ଆସୁଥିବା ଉକ୍ତ ବସ (ନଂ ଓ ୦୭ଏଟି୯୫୫୧) ଧକ୍କା ଦେଇଥିଲା। ଅଭିନାଶ ବସ ଚକା ତଳେ ପଡି ଗୁରୁତର ହୋଇଥିଲେ। ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି।

## ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ।

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ଠାରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲା ଶାଖାର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକାରୀ କମିଟି ବୈଠକ ବି ହୋଇଛି। ଗତ ମାସରେ ଅନୁଷ୍ଠିତ ୪ର୍ଥ ବାର୍ଷିକ ଅଧିବେଶନରେ ନିର୍ବାଚିତ ନେତୃବୃନ୍ଦ ଓ ସଭ୍ୟାସଭ୍ୟା ଶପଥ ପାଠ କରିଥିଲେ। ସଭାପତି ଡି.ମୋହନ ରାଓ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଶଙ୍କର୍ଷଣ ପାତ୍ର ୪ର୍ଥ ସାଧାରଣ ଅଧିବେଶନର ବିବରଣୀ ପଠନ କରିଥିଲେ। ଆସନ୍ତା ୧୨ ତାରିଖରେ କଟକଠାରେ ଅନୁଷ୍ଠିତ ରାଜ୍ୟ ସମ୍ମିଳନୀକୁ ଗଂଜାମ ଜିଲାରୁ ଅଧିକ ପ୍ରତିନିଧି ଯୋଗଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୯ ଦଫା ଦାବି ପୂରଣ ପାଇଁ ରାଜ୍ୟସ୍ତରରେ ଉଦ୍ୟମ କରାଯିବ ବୋଲି ଉପସଭାପତି ଏ.ଏସ.ଏନ ଗୁପ୍ତା କହିଥିଲେ। ସହ ସମ୍ପାଦକ ଡି.ଗୁରୁମୂର୍ତ୍ତି ସଂଗଠନର ନିଜସ୍ୱ କାର୍ଯ୍ୟାଳୟର ଆବଶ୍ୟକତା ଓ ଏଥିପାଇଁ ସରକାରୀ ସାହାଯ୍ୟ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବା ଉପରେ ଆଲୋଚନା କରିଥିଲେ। ଯୁଗ୍ମସମ୍ପାଦକ ମହର୍ଷି ସିଂ ଧନ୍ୟବାଦ ଦେଇଥିଲେ।

## ନାବାଳକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୯।୪(ରାକେଶ କୁମାର ରାଉତ)

ଜଣେ ନାବାଳିକା ଗର୍ଭବତୀ ହୋଇ ମୃତ ସନ୍ତାନ ଜନ୍ମ କରିବା ଏବଂ ପରେ ନିଜେ ମୃତ୍ୟୁବରଣ କରିବା ମାମଲାର ରାୟ ବୁଧବାର ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ପ୍ରୀତିଶ ରାଉତରାୟ ଅଭିଯୁକ୍ତ ନାବାଳକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ନାବାଳକ ଜଣକ ହେଲେ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳର। ମାମଲାରୁ ପ୍ରକାଶ, ୨୦୨୨ରେ ନାବାଳିକା ଜଣକ ଏହି ଥାନା ଅଞ୍ଚଳର ଏକ ସେବାଶ୍ରମରେ ରହି ସପ୍ତମ ଶ୍ରେଣୀରେ ପଢୁଥିଲେ। ଗ୍ରୀଷ୍ମଛୁଟି ପରେ ନାବାଳିକା ଗାଁରୁ

### ନାବାଳିକା ସନ୍ତାନ ଜନ୍ମ ଦେଇ ମୃତ୍ୟୁ ଘଟଣା

ହଷ୍ଟେଲକୁ ଫେରିଥିଲେ। ମାସିକ ଚେକଅପ୍ ବେଳେ ସେ ଗର୍ଭବତୀ ଥିବା ଏଏନ୍ଏମ୍ ଜାଣି ଏ ବିଷୟରେ ପ୍ରଧାନଶିକ୍ଷକଙ୍କୁ କହିଥିଲେ। ପ୍ରଧାନଶିକ୍ଷକ ଛାତ୍ରୀଙ୍କ ମା’ବାପାଙ୍କୁ ଜଣାଇ ଏ ସମ୍ପର୍କରେ ପଚାରି ବୁଝିଥିଲେ। ଖରା ଛୁଟିରେ ନାବାଳିକା ଗାଁକୁ ଯାଇଥିବା ବେଳେ ଗୁମ୍ପା ସ୍କୁଲରେ ଅଷ୍ଟମ ଶ୍ରେଣୀରେ ସେତେବେଳେ ପଢୁଥିବା ୧୭ ବର୍ଷର ସମ୍ପୃକ୍ତ ନାବାଳକ (ଏବେ ସାବାଳକ ୧୯ ବର୍ଷ) ଜଣକ ତାଙ୍କ ଗାଁ ପାଖରେ ଥିବା ନାଳ ପାଖକୁ ତାଙ୍କୁ ନେଇ ତାଙ୍କ ସହ ଜୋର ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ଏପରି ବାରମ୍ବାର ସମ୍ପର୍କ ରଖିବାରୁ ସେ ଗର୍ଭବତୀ ହୋଇଥିବା ସେ କହିଥିଲେ। ପ୍ରଧାନଶିକ୍ଷକ ଏନେଇ ସେପ୍ଟେମ୍ବର ୨୪,୨୦୨୨ରେ ବେଲଘର ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ନାବାଳକଙ୍କୁ ଧରି କୋର୍ଟରେ ହାଜର କରିଥିଲେ। ନାବାଳିକାଙ୍କୁ ସେତେବେଳେ ଜି.ଉଦୟଗିରିସ୍ଥିତ ସୁଭଦ୍ରା ମହତାବ ସେବା ସଦନରେ ରଖାଯାଇଥିଲା। ଅକ୍ଟୋବର ୬,୨୦୨୨ରେ ନାବାଳିକା ଏକ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଦୁଇ ଦିନ ପରେ ନାବାଳିକାଙ୍କ ଅସୁସ୍ଥ ହେବାରୁ ଜି.ଉଦୟଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା। ମୃତ ଶିଶୁ ପୁତ୍ର, ମୃତ ନାବାଳିକା ଓ ଅଭିଯୁକ୍ତଙ୍କ ଡିଏନ୍ଏ ପରୀକ୍ଷା ରିପୋର୍ଟ, ୨୬ ଜଣଙ୍କ ସାକ୍ଷ୍ୟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

## ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି: ବ୍ରହ୍ମପୁର ଏକାଦଶ ବିଜୟୀ

ବ୍ରହ୍ମପୁର,୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ୧୫ ବର୍ଷରୁ କମ ବାଳକ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ତୃତୀୟ ଦିବସ। ଗ୍ରୁପ ‘ଏ’ର ଜଗନ୍ନାଥ ପ୍ରସାଦ ସହିତ ଗ୍ରୁପ ‘ବି’ର ବ୍ରହ୍ମପୁର ଏକାଦଶ ସହିତ ମ୍ୟାଚ ହୋଇଥିଲା। ଜଗନ୍ନାଥ ପ୍ରସାଦ କୌଣସି ଗୋଲ ଦେଇପାରିନଥିବାବେଳେ ବ୍ରହ୍ମପୁର ଏକାଦଶ ୫ଟି ଗୋଲ ଦେଇ ବିଜୟୀ ହୋଇଛି।

## ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ

ଗୋପାଳପୁର,୯।୪(ନବୀନ ରାଜ ଆଚାରୀ):

କନିସି ହାଟ ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟବକ୍ତା ଆଞ୍ଚଳିକ ନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପାଢ଼ୀ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉପ ପରୀକ୍ଷା ନିୟନ୍ତ୍ରକ ଡ଼. ରଘୁନାଥ ପାତ୍ର, ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିମଳ ଚରଣ ସ୍ୱାଇଁ, ସହକାରୀ ପ୍ରଫେସର ସୁରଞ୍ଜିତା ମୁନି, ଲୋପାମୁଦ୍ରା ଜେନା, ମିନା ଶବର, ଛାତ୍ର ସଂସଦ ସଭାପତି ସୁଶାନ୍ତ କୁମାର ରାଉଳ ଓ ସମ୍ପାଦକ ଗୋପବନ୍ଧୁ ଦାସ ମଞ୍ଚାସୀନ ଥିଲେ। ସଭାକୁ ଛାତ୍ର ସଂସଦ ଉପସଭାପତି ପ୍ରିଙ୍କଲରାଣୀ ଦାସ ଓ ଯୋଗେଶ କୁମାର ଦାସ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ପ୍ରଫେସର ରଶ୍ମିତା ପାତ୍ର, ରାମ ଚନ୍ଦ୍ର ମାଝୀ, ଭାଗିରଥି ମହାପାତ୍ର, ଦିଲ୍ଲୀପ କୁମାର ଦଳେଇ, ଶୁଭଶ୍ରୀ ମିଶ୍ର ଓ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ।



ଅହମଦାବାଦର ସାବରମତି ରିଭର ଫ୍ରଣ୍ଟ ଇଭେଣ୍ଟ ସେଣ୍ଟରରେ ବୁଧବାର ଏଆଇସିସି ପକ୍ଷରୁ ଅନୁଷ୍ଠିତ ଅଧିବେଶନରେ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଲୋକ ସଭା ବିରୋଧ ଦଳ ନେତା ରାହୁଲ ଗାନ୍ଧୀ ଓ ଦଳୀୟ ନେତୃବୃନ୍ଦ।

# ବିଜେଡି: ବୈଠକ ପରେ ବୈଠକ

ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)

ସଂସଦର ଉଭୟ ସଦନରେ ୱକ୍ଫ ବିଲ୍ ପାରିତ ହୋଇ ବିଜ୍ଞପ୍ତି ହୋଇସାରିଲାଣି। ହେଲେ ରାଜ୍ୟ ସଭାରେ ବିଜେଡିର ବିବେକାନୁମୋଦିତ ମତଦାନ ପ୍ରସଙ୍ଗକୁ ନେଇ ସୃଷ୍ଟି ହୋଇଥିବା ଝଡ଼ ଥମିବାର ନାଁ ଧରୁନାହିଁ। ଗତ ୪ ଦିନ ଧରି ବିଜେଡିର ରାଜ୍ୟ ସଭା ସଦସ୍ୟ, କେତେଜଣ ବରିଷ୍ଠ ଓ କନିଷ୍ଠ ନେତାଙ୍କ ମଧ୍ୟରେ ବାକ୍ୟୁଦ୍ଧ ଲାଗିରହିଛି। ଆଉ ଏହାକୁ ନେଇ କେତେବେଳେ ହୋଟେଲରେ ବରିଷ୍ଠ ନେତାଙ୍କ ବୈଠକ ବସୁଛି ତ ଆଉ କେତେବେଳେ ବିଧାୟକଙ୍କ ଘରେ ମେଳି ହେଉଛି। ବିଜେଡିରେ ଏଭଳି ସ୍ଥିତିକୁ ନେଇ ତୃଣମୂଳସ୍ତରରୁ ଆରମ୍ଭକରି ଶୀର୍ଷସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୁଧବାର ପଟିଆସ୍ଥିତ ଏକ ଘରୋଇ ହୋଟେଲରେ ବିଜେଡି ନେତାଙ୍କ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଶଶିଭୂଷଣ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ଚନ୍ଦ୍ରସାରଥି ବେହେରା, ନୃସିଂହ ସାହୁ, ଭୂପିନ୍ଦର ସିଂ, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଶଶିଭୂଷଣ କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ। ଆମର ନେତା ନବୀନ ପଟ୍ଟନାୟକ। ଯଦି ବାହ୍ୟଶକ୍ତି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟାକରନ୍ତି, ସୁପ୍ରିମୋ ଏହାକୁ ବରଦାସ୍ତ କରିବେ ନାହିଁ। ସେ ଆହୁରି କହିଛନ୍ତି, ବିଜେଡି ଏକ ବୃହତ୍ ଆଞ୍ଚଳିକ ଦଳ। ରାଜ୍ୟରେ ଦୀର୍ଘବର୍ଷ ଧରି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଜିଣିଆସିଛି। କୌଣସି ପରିସ୍ଥିତିରେ ବିଜେଡି ପ୍ରତି ଆଞ୍ଚ ଆଣିବାକୁ ଦିଆଯିବନାହିଁ। ନବୀନଙ୍କ ଉପରକୁ ଯିଏ ଆକ୍ଷେପ କରିବ ତାକୁ ଛଡ଼ାଯିବ ନାହିଁ। ଯେଉଁମାନେ ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବାହାର ରାସ୍ତା ଦେଖାଇ ଦିଆଯିବ ବୋଲି ଶଶୀ କହିଛନ୍ତି।

ସେହିପରି ବିଧାୟକ ପ୍ରତାପ ଦେବଙ୍କ ସରକାରୀ ବାସଭବନରେ ବୁଧବାର ମଧ୍ୟାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ବରିଷ୍ଠ ନେତା ଅରୁଣ ସାହୁ କହିଛନ୍ତି, ବିଜେଡି କିଭଳି ଅଧିକ ଶକ୍ତିଶାଳୀ ହେବ ସେନେଇ ଆଲୋଚନା ଚାଲିଛି। ଯେଉଁମାନେ ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସେମାନଙ୍କ ସମ୍ପର୍କରେ ଦଳର ସୁପ୍ରିମୋଙ୍କୁ ଅବଗତ କରାଯିବ। ଆଗକୁ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଅରୁଣ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା, ଦେବୀରଞ୍ଜନ ତ୍ରିପାଠୀ, ପ୍ରଣବ ବଳବନ୍ତରାୟ, ଅଂଶୁମାନ ମହାନ୍ତି, ସମ୍ବିତ୍ ରାଉତରାୟ, ରୁଦ୍ରପ୍ରତାପ ମହାରଥୀ ଓ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଦେଇଛନ୍ତି। ସେଥିରେ ଦଳର ନୀତି ଆଦର୍ଶକୁ କେଉଁମାନେ, କାହିଁକି ଏବଂ କେଉଁ କାରଣରୁ ବିଚ୍ୟୁତ୍ କଲେ ତାହାର ସମୀକ୍ଷାପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ବିଜେଡି ନେତାଙ୍କ ବୈଠକ ପରେ ବୈଠକକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଏହି ପ୍ରସଙ୍ଗରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ବିଜେଡିରେ ଯେଉଁ ବିଶୃଙ୍ଖଳା ଦେଖାଦେଇଛି ତାହା କେବଳ କ୍ଷମତା ପାଇଁ। କ୍ଷମତା ଥିବା ପର୍ଯ୍ୟନ୍ତ ଦଳ ଶୃଙ୍ଖଳିତ ଥିଲା, ଏବେ କ୍ଷମତା ନାହିଁ ତେଣୁ ବାଡ଼ାପିଟା ଚାଲିଛି।

ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ଏବେ ବିଜୁଙ୍କ ଚିନ୍ତାଧାରାରୁ ବିଚ୍ୟୁତ ହୋଇସାରିଲାଣି। ଦଳରେ ନୀତି ଆଦର୍ଶ ବୋଲି କିଛି ନାହିଁ। ତେଣୁ ବିଶୃଙ୍ଖଳା ବଢ଼ିଚାଲିଛି। ଯେଉଁମାନେ ଦଳକୁ ପାଣ୍ଡିଆନଙ୍କ କବଳରୁ ରକ୍ଷା କରିବାକୁ ଚାହୁଁଛନ୍ତି ସେମାନେ ସ୍ୱର ଉଠାଉଛନ୍ତି।

## ଓଡ଼ିଆ ଅସ୍ମିତା ଯୋଗୁ ବିଜେଡି ନିର୍ବାଚନ ହାରିଲା: ଦେବାଶିଷ

କଟକ,୯।୪(ଶିଲ୍ପା ପ୍ରିୟଦର୍ଶିନୀ)

ୱକଫ୍ ବିଲ୍‌ରେ ବିଜେଡିର ଭୋଟିଂ ପରେ ଶଙ୍ଖ ଦଳରେ ଏବେ ପୂରା ଗୋଳମାଳିଆ ସ୍ଥିତି ଦେଖାଦେଇଛି। ବୁଧବାର ବିଜେଡିର ଯୁବ ଓ ବରିଷ୍ଠ ନେତାମାନେ ଭିନ୍ନ ଭିନ୍ନ ସ୍ଥାନରେ ବୈଠକ କରିଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ଏହି ସମୟରେ ମୁହଁ ଖୋଲିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ସୋସିଆଲ ମିଡିଆ ଏକ୍ସ ପୋଷ୍ଟରେ ଦେବାଶିଷ ଉଲ୍ଲେଖ କରିଛନ୍ତି, ବିଜେଡିରେ ଯୋଗ ଦେଇଥିବା ନୂଆ ନେତାଙ୍କୁ ଦଳର ଇତିହାସ ବିଷୟରେ ଜଣାନାହିଁ। ଦଳ ପ୍ରତିଷ୍ଠା ହେବା ଦିନଠାରୁ ଲକ୍ଷାଧିକ କର୍ମୀ, ବରିଷ୍ଠ ନେତା ବହୁ ସଂଗ୍ରାମ କରି ଏକ ଆଞ୍ଚଳିକ ଦଳକୁ ଜାତୀୟ ସ୍ତରରେ ପହଞ୍ଚାଇପାରିଥିଲେ। ମାତ୍ର ଏବେର କେତେଜଣ ନେତା ନବୀନ ବାବୁଙ୍କ ଆଦର୍ଶ, ଧର୍ମନିରପେକ୍ଷତା ଏବଂ ଓଡ଼ିଶା ପ୍ରତି ପ୍ରତିବଦ୍ଧତା ସହ ଅପରିଚିତ। ସେମାନେ ଆଉ କାହା ଇସାରାରେ ପରିଚାଳିତ। ସ୍ୱାଭିମାନ ନ ଥିବା ସ୍ୱାର୍ଥବାଦୀଙ୍କ ସମ୍ପର୍କରେ ମାତ୍ର ଏତିକି କୁହାଯାଇପାରେ, ସେମାନେ ଦଳ, ଓଡ଼ିଶା କିମ୍ବା ନବୀନ ପଟ୍ଟନାୟକଙ୍କର ନୁହନ୍ତି। ଗତ ନିର୍ବାଚନରେ ବିଜେଡିର ପରାଜୟ ଓଡ଼ିଆ ଅସ୍ମିତା ପାଇଁ ହୋଇଥିଲା। ଆମେ ଜଗନ୍ନାଥ ଦେଶର ଲୋକ। ଆମ ଅସ୍ମିତା ରକ୍ଷା କରିବା ଆମର ମୂଳଲକ୍ଷ୍ୟ ବୋଲି ଦେବାଶିଷ ଉଲ୍ଲେଖ କରିଛନ୍ତି।

# ପଶ୍ଚିମବଙ୍ଗରେ ଲାଗୁ ହେବନାହିଁ ୱକ୍ଫ ଆଇନ: ମମତା

କୋଲକାତା,୯।୪



ମମତା ବାନାର୍ଜୀ

ୱକ୍ଫ ସଂଶୋଧିତ ଆଇନକୁ ନେଇ ମୁସଲମାନ ସମ୍ପ୍ରଦାୟ ଚିନ୍ତିତ ଥିବାରୁ ପଶ୍ଚିମବଙ୍ଗରେ ଏହାକୁ ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂଖ୍ୟାଲଘୁମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ରାଜ୍ୟରେ ସଂଖ୍ୟାଲଘୁ ଓ ସେମାନଙ୍କ ସମ୍ପତ୍ତିକୁ ସୁରକ୍ଷା ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋଲକାତାରେ ଜୈନ ସମୁଦାୟର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ପଶ୍ଚିମବଙ୍ଗରେ 'କୌଣସି ବିଭାଜନ ଓ ଶାସନ ନୀତି' ରହିବାକୁ ଦିଆଯିବ ନାହିଁ। ୱକ୍ଫ ଆଇନ ପ୍ରଣୟନ ନେଇ ମୁସଲମାନମାନେ ଅସନ୍ତୁଷ୍ଟ ଥିବା ବିଷୟ ସେ ଜାଣିଛନ୍ତି। ବିଶ୍ୱାସ ରଖନ୍ତୁ, ରାଜ୍ୟରେ ଏପରି କିଛି ହେବାକୁ ଦିଆଯିବ ନାହିଁ। ସମସ୍ତେ ଏକଜୁଟ ହୋଇ ରୁହନ୍ତୁ ବୋଲି ମମତା ଆହ୍ୱାନ ଦେଇଛନ୍ତି। ୱକ୍ଫ ସଂଶୋଧନ ବିଲ୍‌କୁ ନେଇ ମୁର୍ଶିଦାବାଦ ଜିଲାରେ ମଙ୍ଗଳବାର ଘଟିଥିବା ହିଂସାକାଣ୍ଡକୁ ନେଇ ମମତା ଆହୁରି କହିଛନ୍ତି, ବାଂଲାଦେଶ ସୀମାନ୍ତ ଅଞ୍ଚଳରେ ସ୍ଥିତିକୁ ଦେଖ। ଏହି ବିଲ୍ ବର୍ତ୍ତମାନ ପାରିତ ହେବାର ନ ଥିଲା। ପଶ୍ଚିମବଙ୍ଗରେ ୩୩% ସଂଖ୍ୟାଲଘୁ ରହିଛନ୍ତି। ସେମାନଙ୍କ ସହ ମୁଁ କ'ଣ କରିବି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୱକ୍ଫ ସଂଶୋଧନ ବିଧେୟକ ଲୋକ ସଭାରେ ଏପ୍ରିଲ ୩ ଓ ରାଜ୍ୟ ସଭାରେ ୪ ତାରିଖରେ ପାରିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା ଉପରେ ଏପ୍ରିଲ ୬ରେ ସ୍ୱାକ୍ଷର କରିଥିଲେ। ଉକ୍ତ ବିଧେୟକ ଆଇନରେ ପରିଣତ ହୋଇଥିବା ନେଇ ମଙ୍ଗଳବାର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

**STATE BANK OF INDIA**
BANKI BRANCH(00222), At/PO.: Banki, Dist.: Cuttack, Pin-754008

**MEMO REGISTERED A.D. POST**

To,
**Mr. Ranjan Rana,** S/o: Dusasan Rana, At: Nizigarh, PO: Tigiria, Dist: Cuttack-754030
**Ref No.: BR/STAFF/2024-25/16** **Date: 26.11.2024**

**Dear Sir,**

**UNAUTHORISED ABSENCE FROM DUTY**

Please refer to our **memo No.: BR/STAFF/2024-25/14, Dated 15.10.2024** calling upon you to report for duty. It is observed that you are continuing to be absent from duty since **24.06.2024**. The above position is highly irregular and in contravention of the rules governing your service in the Bank. You are therefore, hereby, advised to report for duty within 30 days of the date of this notice. If you fail to do so, you will be deemed to have voluntarily vacated your employment on the expiry of this notice, in which case you would also be liable to pay to the Bank one month's pay and allowances in lieu of the notice.

**Sd/- Chief Manager, Banki Branch**

**TAHASIL OFFICE, DARINGBADI**
**DIST-KANDHAMAL**
**LAND ACQUISITION OFFICER AND COMPETENTAUTHORITY**
**DARINGBADI, DIST-KANDHAMAL**

**PUBLIC NOTICE**

रजिस्ट्री सं. डी.एल.- 33004/99 REGD. No. D. L.-33004/99

भारत का राजपत्र
The Gazette of India
ଅସାଧାରଣ (EXTRAORDINARY)
ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ (PUBLISHED BY AUTHORITY)

ନୂଆଦିଲ୍ଲୀ, ଗୁରୁବାର, ମାର୍ଚ୍ଚ ୧୩, ୨୦୨୫ / ଫାଲଗୁନ 22, 1946
NEW DELHI, THURSDAY, 13TH MARCH, 2025 / FALGUNA 22, 1946

**MINISTRY OF ROAD TRANSPORT AND HIGHWAYS**
**NOTIFICATION**
**New Delhi, the 13th March, 2025**

**S.O. 1193(E)**.— Whereas by the notification of the Government of India in the Ministry of Road Transport and Highways, **4609(E) Dated:22/10/2024** , published in the Gazette of India, Extraordinary, Part II, Section 3, Sub- section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), Central Government, after being satisfied that for the public purpose, the land, the brief description of which is given in the Schedule below, is required for "Widening and strenthening of Daringibadi Ghat portion from km 229.500 to km 256.468 of NH-59" in the district of KANDHAMAL in the state of ODISHA, hereby declares its intention to acquire such land

And where as the substance of the said notification has been published in **"The Prameya"** and **"Dharitri"** both dated **09/11/2024**; under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered andsettled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

| Name of village/ Town | Name of the Landowner/ interested person | Field Survey No. | Area of land in his share | Any structures/trees/ tube-well attached to the land | Name of the Bank & Branch in which he / she holds the Account | Particulars of the Bank Account No.______, IFSC Code of the Bank Branch |
|---|---|---|---|---|---|---|
| | | | | | | |

**Sd/- Tahasildar-cum-Land Acquisition Officer & Competent Authority, Daringbadi, Dist-Kandhamal**

**SCHEDULE**

**Brief description of the land to be acquired, with or without structure, falling with in the NH59 in the stretch of land from Km. 229.500 to Km. 256.468 (Daringbadi) in the district of KANDHAMAL in the state of ODISHA**

**State: ODISHA** **District: KANDHAMAL**

| Sl. No. | Survey/Plot Number | Type of Land | Nature of Land | Area (in Hectares) | Name of Land Owner/Interested Person |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **Taluk:Daringbadi** | | | | | |
| **Village:Subaranga** | | | | | |
| 103 | 75620113 | RAJALAXMI JENA | 152800 | |
| 104 | 75038852 | RAKESH KUMAR PATI | 85700 | |
| 105 | 74860867 | RAJENDRA JENA | 68800 | |
| 106 | 75375160 | BADAL KUMAR ROUT | 158000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 107 | 75464625 | SUBASH CHANDRA BEHERA | 77700 | |
| 108 | 75431651 | SANDEEP MOHAPATRA | 60500 | |
| 109 | 75283021 | RANJAN NAYAK | 975000 | |
| 110 | 75363336 | SANGRAM KESHARI BARIK | 367000 | |
| 111 | 75663661 | SASMITA SAHOO | 204000 | |
| 112 | 75660213 | SASMITA SAHOO | 193000 | |
| 113 | 73798245 | MANOJ KUMAR DAS | 151900 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 114 | 75440934 | DILU RAY | 65000 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 115 | 75485235 | SUSHRIJEET PRADHAN | 874700 | HDFC BANK LTD, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 116 | 75702896 | PRALINA MUDULI | 112500 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 117 | 73471866 | ITISHREE SARANGI | 88700 | |
| 118 | 75595251 | SUBHRANSU BHUSAN NATH | 55900 | |
| 119 | 75636778 | DEEPAK KUMAR SWAIN | 48200 | |
| 120 | 75445560 | KAILASH CHANDRA SAHOO | 977500 | HDFC BANK LTD, PLOT NO 6, MAHANADI VIHAR, CUTTACK-753004 |
| 121 | 74108222 | RANJIT DAS | 49100 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 122 | 75255653 | KARISMA BEHERA | 47600 | |
| 123 | 75448322 | HARU KUMAR BIJULI | 37000 | |
| 124 | 75462633 | SRIKANTA BEHERA | 28800 | |
| 125 | 75298479 | MAHENDRA KUMAR NAYAK | 181000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 126 | 75532623 | SUSHREE MOHANTY | 130000 | |
| 127 | 75392013 | RITA PATRA | 40500 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 128 | 73467828 | PRAVATI MOHANTY | 144000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 129 | 74796440 | CHINMAYA KUMAR BARIK | 129900 | |
| 130 | 75415659 | SANJAYA MALLICK | 93800 | |
| 131 | 74827385 | ASHOK GADATYA | 141800 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 132 | 75448063 | NIRUPAMA DORA | 69026 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 133 | 75463700 | BHISMA CHHATRIA | 48700 | |
| 134 | 74518632 | KOUTUKA SAHU | 40000 | |
| 135 | 73585617 | TUSHAR RANJAN DASH | 57000 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 136 | 75453816 | KARUNAKAR DALAI | 30300 | |
| 137 | 75332570 | SATYA PRAKASH MOHAPATRA | 28300 | |
| 138 | 74858535 | DASHARATHA MALICK | 27900 | |
| 139 | 75630640 | P LUCKY PATRO | 1582000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 140 | 75288033 | SUNITA KUMARI BEHERA | 774700 | |
| 141 | 75356345 | KAILASH CHANDRA SAHU | 294400 | |
| 142 | 75453840 | RATNAMALA MAHARANA | 16000 | |
| 143 | 75227633 | DEBASISH DAS | 350500 | HDFC BANK LTD, VIP PLAZA, VIP ROAD, PURI-752001 |
| 144 | 74864958 | BISHNU PRADHAN | 36200 | |
| 145 | 74867182 | KHIRESWAR SUNANI | 89700 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 146 | 465332758 | NIBA BISHOYI | 846000 | HDFC BANK LTD, GROUND FLOOR, OLD CINEMA HALL, NEAR UNION BANK 2 CHOWK, HINJILICUT-761102 |
| 147 | 75262882 | BABITA BISHOYI | 745000 | HDFC BANK LTD, HOLDING NO 123/106, WARD NO 11, KALINGA ROAD, ASIKA, GANJAM-761110 |
| 148 | 75436201 | K RAMESH CHOUDHARY | 187800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 149 | 75710547 | RAMA CHANDRA JENA | 385800 | HDFC BANK LTD, PLOT NO-E/11, KOEL NAGAR, ROURKELA, SUNDARGARH-769014 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 10/04/2025
Place : ODISHA

Sd/- Authorized Officer,
HDFC BANK LTD.

# Classified Everyday

**0674-2580101, 9692975378**



## REAL ESTATE

## SALE

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439



Positively health benefited spa by expert female therapist, Bapujinagar. 8018429809 D-76906

Positively health benefited SPA by expert female therapist. 9114559860. D-76907

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033



For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

## AFFIDAVIT

By virtue of an affidavit No.-41 dated 15.02.2025 sworn in before the Court of Magistrate, Bhubaneswar, I, Chinmayee Nayak, W/o- Subrata Kumar Singh, At/ P.O.- Mahakalpada, P.O.- Indupur, Dist.- Jajpur, Odisha, declare that I have changed my name (surname) as Chinmayee Singh in my in-law title after married to Subrata Kumar Singh in the year 2013. I do hereby declare that Chinmayee Nayak and Chinmayee Singh is one and same person. D-102

I, Priti Priyadarshni D/o of Prasanta Kumar Behera, At- MIG 11, H.B. Colony, P.O./P.S./ Dist.- Khordha-752055, I declare by this affidavit No.842 dated on 28.3.2025 that now onwards I shall be known as Priti Priyadarshni for all purpose. D-73585

By virtue of an affidavit sworn before The Executive Magistrate, Dharmasala, dated- 08.04.2025, I, Mahammad Jakir Hussain, At/P.O.- Neulpur P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Mojasil Hosen to Mojammil Hussain. Henceforth, He shall be known as Mojammil Hussain for all future purposes. Jakir Hussain D-104

By virtue of an affidavit sworn before Executive Magistrate, Banarpal, Dist.- Angul, dated 5.04.2025, I, Sisira Mohanty, Address: At/ P.O.- Budhapank, P.S.- Banarpal, Dist.- Angul, PIN- 759128, declare that I have changed my son name in Aadhaar card No.- xxxx xxxx 7679 Biswojit Mohanti to Biswajit Mohanty. Henceforth, he shall be known as Biswajit Mohanty for all purposes. Sisira Mohanty D-100

By virtue of an affidavit sworn before Executive Magistrate, Angul, Dist.- Angul, dated 08.01.2025, I, Gagan Bhoi, Address: At- Baidyanathpur, P.O.- Budhapank, P.S.- Banarpal, Dist.- Angul, PIN- 759128, declare that I have changed my daughter name in Aadhaar card No.- xxxx xxxx 2618, Chadini Bhoi to Chandini Bhoi & in DOB has been wrongly mention as 31.08.2012 to change 31.08.2013 for all purposes. Gagan Bhoi D-99

By virtue of an affidavit sworn before Executive Magistrate, Banarpal, Dist.- Angul, Dated 05.04.2025, I, Sisira Mohanty, Address: At/P.O.- Budhapank, P.S.- Banarpal, Dist.- Angul, PIN- 759128. declare that I have changed My son name in Aadhaar card No.- xxxx xxxx 9477 Somyajit Mohanty to Soumyajit Mohanty. Henceforth, he shall be known as Soumyajit Mohanty for all purposes. Sisira Mohanty D-101

By virtue of an affidavit before Notary AthaMallik, Vide No.- 3444, dt- 08.04.2025, I, Ramesh Chandra Tibruwalla resident of Nunukapasi, Kishoreganj Angul- 759127 have changed my name to Ramesh Chandra Tibrewal. Henceforth, I shall be known as Ramesh Chandra Tibrewal in all purposes. D-93

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Balasore, dated 03.04.2025, I Trayambika Behera, At- Balia, P.O.- Kuruda, P.S.- Sahadevkhunta, Dist.- Balasore, PIN- 756556 declare that I have changed my name from Nilam Swati Behera to Trayambika Behera. Henceforth I shall be known as Trayambika Behera for all purposes. Trayambika Behera. D-98

Smt. Sunali Lima, W/o- Sukant Lima, declare by this affidavit No.-348,dt- 09.04.2025, sworn before The Executive Magistrate, Gudari, that now onwards I want to correction my son's name from Arin Lima to Ariyen Lima, bearing Aadhaar No.- xxxx xxxx 2387 of village karlaghati, P.O.- Karlaghati, P.S./Tahasil- Gudari, Dist- Rayagada, for all future purpose. D-97

By virtue of an Affidavit sworn in the Court of Executive Magistrate, Bhubaneswar vide CF No. 106, dtd. 03.04.2025. I, MITHI ROY, D/o- Ramesh Chandra Behera, permanent resident of At- Haridaspur, P.O.- Naharakanta, P.S.- Pahal, Bhubaneswar, Dist.- Khordha, Odisha, PIN- 752101, currently residing At- LP-202, OSHB Colony, Prasanti Vihar, Patia, Near KIIT, Bhubaneswar, Dist- Khordha, Odisha, Pin- 751024, declare that I have changed my name from ANURADHA BEHERA to MITHI ROY. Henceforth, I shall be known as MITHI ROY for all purposes. D-76441

By virtue of an affidavit sowrn before Executive Magistrate, BBSR, Dt- 09.04.2025, I Shrilochan Acharya resident of At- Old Town, P.S.- Lingaraj, BBSR-751002, Dist.- Khorda, Odisha, declare that I have changed my name from Shreelochan Kumar Acharya to Shrilochan Acharya. Henceforth, I shall be known as Shrilochan Acharya for all purpose. D-88

By virtue of an affidavit sworn before the Executive Magistrate, Muniguda on dated 08.04.2025 (Sl No.- 492/25), I Kala Gamidanga, Father of Tabitha Gomidanga of Village- Chichipanga, P.O./ P.S.- Chandrapur, Dist.- Rayagada, declare that I have changed my daughter's name who is minor (15 years) name to and Tabita Gamidanga. Henceforth, she shall be known as Tabitha Gomidanga for all purposes. D-91

By virtue of an affidavit sworn before The Executive Magistrate, Dharmasala, dated- 08.04.2025, I, Mahammad Jakir Hussain, At/P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Mojakir Hosen to Mojakkir Hussain. Henceforth, he shall be known as Mojakkir Hussain for all future purposes. Jakir Hussain D-105

By virtue of an affidavit sworn before Bhubaneswar dated 08.04.2025, I, Indramani Malik, At- Pratapur, P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Paritis Mallik to Pratyush Malik. Henceforth, he shall be known as Pratyush Malik for all future purposes. Indramani Malik D-103

By virtue of an affidavit before Executive Magistrate, Banki, I have changed my former name Pranata Padhi(Aadhar card No. XXXX XXXX 5782), D/o- Pravat Kumar Padhi of Sahadapada, Banki to Pranita Padhi. Henceforth, I will be known as Pranita Padhi in all purposes. D-92

By virtue of an affidavit before Notary AthaMallik Vide No.- 3445, dt- 08.04.2025, I, Gayatri Tibruwalla resident of Nunukapasi, Kishoreganj, Angul- 759127 have changed my name to Gayatri Tibrewal. Henceforth, I shall be Known as Gayatri Tibrewal in all purposes. D-94

**ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ରିଭିଜନ କୋର୍ଟ ନଂ.-୩, ଭୁବନେଶ୍ୱର, ଜି.- ଖୋର୍ଦ୍ଧା**
**ଓ.ଏସ୍.ଏସ୍. କେସ୍ ନଂ.୫୧୬/୨୦୨୪**

ବୀଣାପାଣି ରାୟ ... ... ବାଦୀ

ବନାମ

ଦୁର୍ଯ୍ୟୋଧନ ରଥ ଓ ଅନ୍ୟମାନେ ... ... ପ୍ରତିବାଦୀମାନେ

**ନୋଟିସ -୫ ରୁଲ୍ -୨୦ ସି.ପି.ସି. ମୁତାବକ**

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.- (୧) ଦୁର୍ଯ୍ୟୋଧନ ରଥ, (୨) ନରୋତ୍ତମ ରଥ, ଉଭୟଙ୍କ ପିତା- ଧୋବେଇ ରଥ, ସା.- ଗୋଲକ ବନେଧ, ଥାନା- ବାଙ୍କୀ, ଜି.- କଟକ, (୩) ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା- ମଦନ ଛୋଟରାୟ, (୪) ନମିତା କୁମାରୀ ମହାପାତ୍ର, ସ୍ୱାମୀ- ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଉଭୟଙ୍କ ବାସସ୍ଥାନ ସା.- ଦାରୁଠେଙ୍ଗ, ପୋ./ଥାନା- ଚନ୍ଦକା, ଜି.- ଖୋର୍ଦ୍ଧା, (୫) ବିକ୍ରମ କୁମାର ଜେନା, ପିତା- ବରେନ୍ଦ୍ର ନାଥ ଜେନା, ସା.- ତାଭୁଜ, ଜି.- ବାଲେଶ୍ୱର, ଓଡ଼ିଶା

**ନୋଟିସ ଅର୍ଡର ୫ ରୁଲ୍ ୨୦ ମୁତାବକ**

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ଓଏସ୍ଏସ୍ କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୨୬।୫।୨୫ରିଖ ଦିବା ଘ.୦୩.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

**ଜମିର ବିବରଣୀ**

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ, ସାବକ ଖାତା ନଂ. - ୨୬୯, ସାବକ ପ୍ଲଟ୍ ନଂ.- ୭୧୬, ମୋଟ ଏରିଆ ଏ୫.୯୯୦ଡି. ସ୍ୱଧ ଏ୨.୯୯୫ ଡି. ସ୍ୱଧ ଖରିଦା ବୃତ୍ତି ଏ୦.୧୦୦ଡି., କିସମ-ଶାରଦ ତିନି, ହାଲ ଖାତା ନଂ.- ୯୪୧, ହାଲ ପ୍ଲଟ୍ ନଂ. ୩୬୭୨, ଏରିଆ ଏ୦.୦୮୫ଡି. କିସମ - ଶାରଦ ଅଣ ଜଳସେଚିତ ତିନି, ସ୍ଥିତିବାନ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

**ଅତିରିକ୍ତ ଆୟୁକ୍ତ ରିଭିଜନ୍ କୋର୍ଟ ନଂ.-୩, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, (ନ ତାଲା), କେଶରୀ ନଗର, ୟୁନିଟ୍-୫, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**
ତା୦୮।୪।୨୦୨୫
ଭୁବନେଶ୍ୱର ଧ-୧୦୮

## LEGAL NOTICE

**Notice Under Order V Rule 20 of C.P.C.**
**IN THE COURT OF THE CIVIL JUDGE (SR. DIV.), DHENKANAL**
**CIVIL SUIT NO.290/2024**

Kalabati Nayak ... ... ... Plaintiff

- Versus -

Prafulla Sahoo and others ... ... ... Defendants

To
1. Mala Sahoo, aged about 60 years, 2. Uma Sahoo, aged about 58 years, 3. Suni Sahoo, aged about 56 years, 4. Niru Sahoo, aged about 54 years
Sl. No. 1 to 4 are daughters of Late Manmanth Kumar Sahoo, All are at/ Ganesh Bazar, Dhenkanal Town, P.S.- Dhenkanal Town, Dist.- Dhenkanal
5. Sujata Sahoo, aged about 59 years, 6. Sabita Sahoo, aged about 57 years, 7. Suburi Sahoo, aged about 55 years, 8. Tikili Sahoo, aged about 51 years
Sl. No. 5 to 8 are daughters of Late- Surendra Kumar Sahoo, Sl. No. are resident of Ganesh Bazar, Dhenkanal Town, P.S.- Dhenkanal Town, Dist.- Dhenkanal

Take summon that the plaintiff has instituted the above suit for partition, permanent injunction and for others reliefs, against the defendants. Hence you are hereby summoned to appear in this court in person or by your pleader duly instructed and able to answer all material questions relating to the suit of 1st the day of May 2025 at 7.00 O' Clock in the forenoon to answer the claim and directed to produce on that day all the documents upon which you intend to rely in support of your defence.

That notice in default of your appearance on the day fixed the suit will be heard and determined in your absence. Given under my hand the seal of court this 25th day of May 2025.

**Sd./- Civil Judge (Sr. Division), Dhenkanal**
**25.03.25**

**SCHEDULE OF PROPERTY**

Mouza- Badasathibatia, Tahasil- Dhenkanal, P.S.- Dhenkanal Sadar, Tahasil No.-3, P/S- 3, Dist.- Dhenkanal, Khata No. 738/6003, Plot No. 1579, Area Ac. 3.230 decimal, Kisama: Bagayata Two, Plot No. 1566, Area- Ac.0.110 decimal, Kisama : Gharabari 3, Plot No.-1570, Area Ac.0.40 decimal, Kisama- Gharabari Three, Plot No.1571, Area 0.100 decimal, Kisama: Gharabari Three, Total Area of Four Plots are Ac.3.480 decimal.
D-109

IR No.-294
Date 10.03.2025

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା**
**ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ**
**ଓ.ଏସ୍.ଏସ୍. କେସ୍ ନଂ.୧୩୨/୨୦୨୩**

ଶ୍ରୀମତୀ ମିନତୀ ଛୋଟରାୟ ... ... ବାଦୀ

ବନାମ

ଜୟଦେବ ବେହେରା ଏବଂ ଅନ୍ୟମାନେ ... ... ପ୍ରତିବାଦୀ

**ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ**

୨. ଆକୁଳି ସାମଲ ପିତା ରାଘବ ସାମଲ
ସା.- ଅଢଙ୍ଗମାଳିକେଶ୍ୱର
ଥାନା- କେନ୍ଦ୍ରାପଡ଼ା, ଜିଲ୍ଲା- କଟକ

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୯।୦୪।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଭାଲୁଙ୍କା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସତ୍ୱ |
|---|---|---|---|---|
| ୬୨ | ୨୯୫ | ବାଜେ-ଫସଲ-୧ | ଏ.୯.୦୦୦ଡି. ସ୍ୱଧରୁ ଏ.୦.୦୯୯ଡି. | ଦଖଲ ସତ୍ୱ ଶୂନ୍ୟ |

ହାଲ

| ଖାତା ନଂ. | ପ୍ଲଟ୍ ନଂ. | କିସମ | ରକବା | ସତ୍ୱ |
|---|---|---|---|---|
| ୫୮ | ୨୨ | ପତିତ | ଏ.୪.୫୮୩ଡି. ସ୍ୱଧରୁ ଏ.୦.୦୯୯ଡି. | ସ୍ଥିତିବାନ |

ଏଣୁ, ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କରି ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୧୦।୦୩।୨୦୨୫ **ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ**
ଭୁବନେଶ୍ୱର **ସ୍ୱା./- କୋର୍ଟ ଅଫିସର**
D-110

**IN THE COURT OF THE JUDGE, FAMILY COURT, JAGATSINGHUR**
**Civil Proceeding No.- 287/2024**
**A petition U/o-5, Rule-20(IA) CPC)**

Subrat Nayak ... ... Petitioner

Vrs.

Tikili Das ... ... Respondent

To,
Tikili Das, aged about 32 years, W/o- Subrat Kumar Nayak of Village Siundi (Ganeswarpur), P.O.- Rahama, P.S.- Tirtol, Dist.- Jagatsinghpur at present working as junior Engineer, R.D. Brahmapur, Division-2, At- Ambapua, P.O.- Bahadur Petta, P.S.- Baidyanathpur, Dist.- Ganjam.

Whereas the petitioner has instituted Civil Proceeding against you before the Court of the Judge, family Court, Jagatsinghpur whereby you are hereby summoned to appar in person or by a pleader duly instructed and able to answer all the material questions relating to Civil proceeding who shall be accompanied by some persons able to answer all such questions on the 16th day of April 2025 at 10 O'Clock to answer the claim and further you are hereby directed to produce on the said day all documents in your possession upon which you based your defense.

Take notice that in default of your appearance on that day before mentioned, Civil proceeding wil be hard and determined in your absence.

Give under my hand seal the Court this 4th day of April, 2025.

Sd/.- Judge, Family Court, Jagatsinghpur
D-107



# ମନେ ପଡନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀକାନ୍ତ ଚରଣ ଦାସ**

Plot ନଂ M.B3 ବଡ଼ଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୫୪
ତିରୋଧାନ: ୩୧।୦୩।୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ, ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଭ୍ରାତା, ଭ୍ରାତୃବଧୂ, ଦୁହିତା, ଜାମାତା, ପୌତ୍ର, ପୌତ୍ରୀ, ବନ୍ଧୁ ଓ ପରିଜନବର୍ଗ।
ଧ-୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଜଗନ୍ନାଥ ଖୁଣ୍ଟିଆ**

ଆବିର୍ଭାବ: ୦୭.୦୭.୧୯୩୩
ତିରୋଧାନ: ୩୧.୦୩.୨୦୨୫
ଅଟଳା ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ନାୟକ ତଥା ଅଟଳା ରଥଯାତ୍ରାର ରାଜକାର୍ଯ୍ୟ ତୁଲାଉ ଥିବା ଶ୍ରୀଯୁକ୍ତ ଖୁଣ୍ଟିଆ ଏକାଧାରରେ ପରୋପକାରୀ ଓ ସମାଜସେବୀ ରୂପେ ପରିଚିତ ଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଜାନକୀ, ଲତା, ବିପିନ- ପୁଷ୍ପା, କାହ୍ନା- ଜ୍ୟୋତି, ଭାଇ- ଭାଇବୋହୂ, ଝିଅ-ଜ୍ୱାଇଁ, ଝିଆରୀ- ପୁତୁରା, ଭଣଜା- ଭାଣେଜୀ, ନାତି- ନାତୁଣୀ, ଅଣନାତି-ଅଣନାତୁଣୀ, ଅଟଳା ଗ୍ରାମବାସୀ ବୃନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ-୭୬୮୦୯

# ମନୋଜ କୁମାରରୁ ଭାରତ କୁମାର



'ଉପକାର' ଫିଲ୍ମରେ ମନୋଜ କୁମାର

ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାରଙ୍କ ନିକଟରେ ପରଲୋକ ଘଟିଛି। ହେଲେ ତାଙ୍କର ଏକ ନିକ୍ ନେମ୍ ଥିଲା। ତାହା ହେଲା ଭାରତ କୁମାର। ଏଭଳି ନାମକରଣ ପଛରେ ଏକ କାରଣ ମଧ୍ୟ ରହିଛି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମାର ଟାଇଟଲ ଥିଲା 'ଉପକାର'। ସେ ମଧ୍ୟ ଏହାର ମୁଖ୍ୟ ଭୂମିକା (ଭାରତ)ରେ ଅଭିନୟ କରିଥିଲେ। ବିଶେଷଭାବରେ ଏହି ଫିଲ୍ମରେ ଥିବା ପାରିବାରିକ ଛିଟା ଏବଂ ଦେଶଭକ୍ତିର ଝଲକ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏଥିରେ କଲ୍ୟାଣଜୀ-ଆନନ୍ଦଜୀଙ୍କ ସ୍ୱର ସଂଯୋଜିତ 'ମେରେ ଦେଶ କି ଧରତୀ...' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ଏହାପରେ ତାଙ୍କୁ 'ଭାରତ କୁମାର' ନାମରେ ଲୋକମାନେ ସମ୍ବୋଧନ କରିଥିଲେ। ୧୯୬୭ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ୭କୋଟି ବିଜନେସ୍ କରିଥିଲା। ଏଥିରେ ମନୋଜ କୁମାରଙ୍କ ସାନ ଭାଇ ପୁରନ୍ କୁମାର ଭୂମିକାରେ ପ୍ରେମ ଚୋପ୍ରା ଅଭିନୟ କରିଥିଲେ।

# ଡଷ୍ଟବିନ୍

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିବାକୁ ଯାଉଛି। ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡିର ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ 'ଡଷ୍ଟବିନ୍' ଚଳିତ ମାସ ୧୧ରେ ପରଦା ଉପରକୁ ଆସୁଛି। ପପୁ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହାର କାହାଣୀରେ ଲଭ, ରୋମାନ୍ସ, ଆକ୍ସନ, ଇମୋସନର ଝଲକ ମଧ୍ୟ ଦେଖିବାକୁ ମିଳିବ। କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ସଂଳାପ ରଚନା କରିଛନ୍ତି ଯୁବ ନାଟ୍ୟକାର ଡ. ଦୀପକ ଜେନା। କ୍ୟାମେରା ଦାୟିତ୍ୱ ତୁଲାଇଛନ୍ତି ଶୁଭମ । ଡ. ନିର୍ମଳ ନାୟକ, ଡ.ଦୀପକ ଜେନା ଏବଂ ରଞ୍ଜନ ନାୟକଙ୍କ ଗୀତଗୁଡିକର ପାଇଁ କଣ୍ଠଦାନ କରଛନ୍ତି କୁଲଦୀପ, ଅନ୍ତରା, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶ ପତି। ଏଥିରେ ପପୁଙ୍କ ନାୟିକା ସାଜିଛନ୍ତି ପ୍ରାଚୀ। ଅନ୍ୟାନ୍ୟ ଚରିତ୍ରରେ ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସ୍ୱାଇଁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।




'ଡଷ୍ଟବିନ୍' ଫିଲ୍ମରେ ପପୁ

# ମଡେଲିଂରୁ ଅଭିନେତ୍ରୀ



ରକୁଲ

ରକୁଲ୍ ପ୍ରୀତ୍ ସିଂ ଗତ ବର୍ଷ ହାତକୁ ଦି' ହାତ ହୋଇଛନ୍ତି। ବିଶିଷ୍ଟ ପ୍ରଯୋଜକ ବାସୁ ଭଗନନାନୀଙ୍କ ପୁତ୍ର ଜ୍ୟାକିଙ୍କ ସହ ସେ ଘର ସଂସାର କରିଛନ୍ତି। ତେବେ ଯେତେବେଳେ ରକୁଲ୍ ପାଠ ପଢୁଥିଲେ ତାଙ୍କ ମନରେ ଏକ ଆଶା ଥିଲା। ଯାହା ହେଉ ତାହା ପୂରଣ ହୋଇଛି। ତେବେ ସେତେବେଳେ ସେ କ'ଣ ହେବାକୁ ଚାହୁଁଥିଲେ ଜାଣିବେନି ? ସେହି ସମୟରେ ରକୁଲ ଭବିଷ୍ୟତରେ ଅଭିନୟକୁ କ୍ୟାରିୟର କରିବାକୁ ଚାହୁଁଥିଲେ। ପ୍ରଥମେ ସେ କଲେଜରେ ପଢ଼ିବା ବେଳେ ମଡେଲିଂ ଦୁନିଆରେ ପାଦ ଦେଲେ। ସେତେବେଳେ ତାଙ୍କର ବୟସ ହୋଇଥିଲା ମାତ୍ର ୧୮ ବର୍ଷ। ବାସ୍, ସେଇଠି ସତେଯେମିତି ତାଙ୍କ ପାଇଁ ସୁଯୋଗ ଅପେକ୍ଷା କରି ବସିଥିଲା। ୨୦୦୯ରେ ଏକ କନ୍ନଡ ଫିଲ୍ମରେ ତାଙ୍କୁ ବ୍ରେକ୍ ମିଳିଥିଲା। ଫିଲ୍ମଟିର ଟାଇଟଲ ଥିଲା 'ଗିଲ୍ଲି'। ୨୦୧୧ରେ ସେ ଫେମିନା ମିସ୍ ଇଣ୍ଡିଆରେ ଅଂଶଗ୍ରହଣ କରିଥିଲେ ମଧ୍ୟ ନିଜକୁ ଟାଇଟଲ ଦୌଡ଼ରେ ସାମିଲ କରିପାରି ନ ଥିଲେ। ୨୦୧୪ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମାର ଟାଇଟଲ ଥିଲା 'ୟାରିୟାଁ'।

ଏମିତି ବି ହୋଇଥିଲା..

# ଯଦି 'ଆସୀକ' ହିଟ୍ ନ ହୁଏ...



ମହେଶ ଭଟ୍ଟ

ଥରେ ମନେ ପକାନ୍ତୁ ନା ସେହି ମ୍ୟୁଜିକାଲ ହିଟ୍ ହିନ୍ଦୀ ସିନେମା 'ଆସୀକ'। ଏହାର ପ୍ରତିଟି ଗୀତ ଏ ପର୍ଯ୍ୟନ୍ତ ଅନେକେ ଗୁଣୁଗୁଣେଇ ଥାଆନ୍ତି। କିନ୍ତୁ ଫିଲ୍ମଟିର ପ୍ରମୋଶନ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଫିଲ୍ମଟିର ମ୍ୟୁଜିକ ରାଇଟ ନେଇଥିବା ଟି' ସିରିଜର ମାଲିକ ଗୁଲସନ କୁମାରଙ୍କୁ ଏହାର ଗୀତଗୁଡ଼ିକ ସେତେ ପ୍ରଭାବିତ କରି ନ ଥିଲା। ତେଣୁ ଏକଦା ସେ ଏହାର ସମସ୍ତ ଗୀତର ଗୀତିକାର ସୀମରଙ୍କୁ କହିଲେ- ଏହି ଫିଲ୍ମର ଗୀତଗୁଡ଼ିକ ମୋତେ ଆଲବମ୍ ଗୀତ ପରି ଲାଗୁଛି। ସିନେମାଟି ହିଟ୍ ହେବ ତାହା ମୋର ଟିକିଏ ହେଲେ ବିଶ୍ୱାସ ହେଉନାହିଁ। ତା'ପରେ ସମୀର ଏକଥା ଏହାର ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କୁ ଜଣାଇବା ପରେ ଘଟଣା ନୂଆ ମୋଡ଼ ନେଇଥିଲା। ଗୁଲସନଙ୍କୁ ମହେଶ କହିଲେ, 'ଯଦି ଏ ଫିଲ୍ମ ହିଟ୍ ନ ହୁଏ, ତେବେ ମୁଁ ଜୀବନରେ ଆଉ କେବେ ନିର୍ଦ୍ଦେଶନା ଦେବି ନାହିଁ। ମୁଁ ଚ୍ୟାଲେଞ୍ଜ ଦେଇ କହୁଛି, ଫିଲ୍ମଟି ବକ୍ସ ଅଫିସରେ ନିଶ୍ଚୟ ରେକର୍ଡ ସୃଷ୍ଟି କରିବ।' ଗୁଲସନ ମଧ୍ୟ ଏହାର ପ୍ରମୋଶନ ଏକ ନିଆରା ଢଙ୍ଗରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଉ ଶେଷରେ କ'ଣ ହେଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ।

# ଅ | ତୀ | ତ | ରୁ

- ଓଡ଼ିଆ ସିନେମା 'ନୂଆ ବୋଉ'ର ପ୍ରଯୋଜନା କରିଥିଲେ ଧୀରେନ୍ଦ୍ର ନାଥ ବିଶ୍ୱାଳ। ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ଗୀତଗୁଡିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଶରତ ପୂଜାରୀ, ଧୀର ବିଶ୍ୱାଳ, ଟିମା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।
- ରୂପରାଗ ପ୍ରା.ଲି. କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ପୌରାଣିକ ଓଡ଼ିଆ ଚିତ୍ର 'ଶ୍ରୀ ଲୋକନାଥ'। ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଫୁଲ୍ଲ ସେନଗୁପ୍ତ। ସାମୁଏଲ ସାହୁ (ବାବି), ମଣିମାଳା ଦେବୀ, ଅକ୍ଷୟ ମହାନ୍ତି (କାଶ୍ୟପ)ଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।
- 'ଅମଡାବାଟ' ସିନେମାରେ ଉମାକାନ୍ତ, ଅକ୍ଷୟ ମହାନ୍ତି (କାଶ୍ୟପ), ଝରଣା ଦାସ, ଗୀତା ପ୍ରମୁଖ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅମର ଗାଙ୍ଗୁଲି।
- ସ୍ୱର୍ଣ୍ଣ ପଟ୍ଟନାୟକଙ୍କ ପ୍ରଯୋଜନା ଏବଂ ନିତାଇ ପାଲିତଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧନ'। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ଶ୍ରୀକୁମାର। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ଏବଂ ଧୀର ବିଶ୍ୱାଳ ଏଥିରେ ଅଭିନୟ କରିଥିଲେ।
- ପି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ମମତା'ର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରଫୁଲ୍ଲ କରଙ୍କ ସ୍ୱର ସଂଯୋଜିତ ଆରେ ମିତ ଆ ସଙ୍ଗାତ, ଦେଖି ସେ ବଣ ମଲ୍ଲୀ, ହେ ଫଗୁଣ କାନ୍ଦନାରେ ଏବଂ ରେ ଆମ୍ଭନ ନିଦ୍ରା ପରିହରି ଗୀତଗୁଡିକୁ ଆଜି ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ଏହାର ନିର୍ଦ୍ଦେଶନା ଦେଇଥିଲେ ବ୍ୟୋମେକେଶ ତ୍ରିପାଠୀ। ସୁରେଶ ମହାପାତ୍ର, ପ୍ରଶାନ୍ତ ନନ୍ଦ ଏବଂ ସୁଜାତା ଆନନ୍ଦ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ଚାହିଁ ବସିଛନ୍ତି ବାଣୀ



ବାଣୀ

ବାଣୀ କପୁର ଏବେ ବେଶ୍ ଉତ୍ସୁକତାର ସହ ଚାହିଁ ବସିଛନ୍ତି। ତେବେ ତାଙ୍କର ଏଭଳି ସ୍ୱେଶାଲ ଉତ୍ସୁକତା ପଛରେ ନିଶ୍ଚୟ କିଛି କାରଣ ଥିବ ? ହଁ, ଅସଲ କଥା ହେଲା ତାଙ୍କର ଏହି ଚାହିଁ ବସିବାର ଶେଷ ମଧ୍ୟ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ଆସନ୍ତା ମାସ ଏକ ତାରିଖଟି ହେଉଛି ତାଙ୍କ ପାଇଁ ସେହି ଶୁଭ ଦିନ, ଯାହା ପାଇଁ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ହେଲେ ଏହି ଦିନ ଏମିତି କ'ଣ ହେବ କି ? ଉକ୍ତ ଦିନ ସେ ଅଭିନୟ କରିଥିବା ବହୁ ପ୍ରତୀକ୍ଷିତ ସିନେମା 'ରେଡ୍ ୨' ରିଲିଜ ହେବାକୁ ଯାଉଛି। ଆଉ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ଅଭିନେତ୍ରୀ। ଭୂଷଣ କୁମାରଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ରାଜ କୁମାର ଗୁପ୍ତା। ଏହାର ମୁଖ୍ୟ ଭୂମିକାରେ ଅଜୟ ଦେବଗନ ଏବଂ ରିତେଶ ଦେଶମୁଖ ଅଭିନୟ କରୁଛନ୍ତି। ଫିଲ୍ମ ବିଷୟରେ ବାଣୀ କହନ୍ତି, ''ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ଚେଷ୍ଟା କରାଯାଇଛି। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛକି ତାହା ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।'' ତେବେ ଫିଲ୍ମଟି ବାଣୀଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଆଜିର ରେବତୀ

ଓଡ଼ିଆ ପରମ୍ପରା ଓ ସମାଜଚେତନାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ-ବଙ୍ଗଳା ସିନେମା 'ଆଜିର ରେବତୀ'। ଉକ୍ତ ଚିତ୍ରଟି ଚଳିତ ମାସ ୧୧ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ପୁରୀର ଗାଳ୍ପିକ ଓ ଗୀତିକାର ଡ. ବଦ୍ରି ମିଶ୍ରଙ୍କର କ୍ଷୁଦ୍ର ଗଳ୍ପ ରେବତୀ ଉପରେ ଏହି ସିନେମା ପର୍ଯ୍ୟବଶିତ। ଏହାର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ। ନିର୍ଦ୍ଦେଶନା ଦେଇଛନ୍ତି 'ପୁଷ୍କରା' ଫେମ୍ ଶୁଭ୍ରାଂଶୁ ଦାସ। ଏହି ଫିଲ୍ମରେ ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ବଙ୍ଗଳା କଳାକାର ବୋନି ସେନଗୁପ୍ତା, ଉଷଶୀ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଏହାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ପ୍ରଣୟ ଜେଠୀ।



'ଆଜିର ରେବତୀ' ଫିଲ୍ମର ପୋଷ୍ଟର

ଛୋଟ ପରଦା

# ଭାଗ୍ୟ ରେଖା

ଆମ ରାଜ୍ୟର ଅନ୍ୟତମ ଦର୍ଶକାଦୃତ ଚାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି। ମନଛୁଆଁ ଧାରାବାହିକ, ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ବା ବାସ୍ତବବାଦୀ ଚଳଚ୍ଚିତ୍ର ଭେଟିଦେଇ ସାଜିଛି ଦର୍ଶକଙ୍କର ପ୍ରଥମ ପସନ୍ଦ। ଠିକ୍ ସେମିତି ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଭାଗ୍ୟରେଖା'କୁ ଦର୍ଶକଙ୍କ ପାଖରୁ ମିଳିଛି ଅଶେଷ ଭଲପାଇବା। ଖାସ୍ କଥା ହେଲା ଉକ୍ତ ଦର୍ଶକାଦୃତ ଧାରାବାହିକଟି ସଫଳତାର ସହ ୩୦୦ ଅଧ୍ୟାୟ ପୂରଣ କରିଛି। ଏହି ଧାରାବାହିକରେ ଆଗକୁ ଘଟିବାକୁ ଯାଉଛି ଏକ ନୂଆ ଟ୍ୱିଷ୍ଟ। ଶିଖା ଓ ମୋହିନୀର ଚକ୍ରାନ୍ତର ଶିକାର ହୋଇ ରେଖାକୁ ଘରୁ ବାହାର କରିଦିଏ ଭାଗ୍ୟ। ଏପଟେ ସୀତା ସତର ପର୍ଦ୍ଦାଫାଶ କରିବା ପାଇଁ ଶପଥ ନେଇଛନ୍ତି। ମୋହିନୀ, ଭାଗ୍ୟର ଦ୍ୱିତୀୟ ବିବାହ କରାଇବା ପାଇଁ ଯୋଜନା କରିଛନ୍ତି। ରେଖା, ଅନେକ ସଂଘର୍ଷ କରି କେମିତି ସେ ନିଜକୁ ନିର୍ଦ୍ଦୋଶ ବୋଲି ସାବ୍ୟସ୍ତ କରିବାକୁ ଲାଗିପଡ଼ିଛନ୍ତି। ତେବେ କ'ଣ ଭାଗ୍ୟ ରେଖା ସବୁଦିନ ପାଇଁ ଅଲଗା ହୋଇଯିବେ ? କେମିତି ରେଖା ଏହି ସବୁ ପରିସ୍ଥିତିର ଏକୁଟିଆ ସାମନା କରିବ ? କାହାଣୀରେ କ'ଣ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ ? ସବୁ ଜାଣିବାକୁ ହେଲେ ଭାଗ୍ୟରେଖା ଧାରାବାହିକ ସହିତ ନିଜକୁ ଯୋଡ଼ି ହେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚାନେଲ ଅଫିସର୍ ପ୍ରତୀକ ସିଲ।



ସୁମନ-ଜୟଜିତ

**ସର୍ବଭାରତୀୟ ପୋଲିସ ହକି**

## ଉତ୍ତରାଖଣ୍ଡ, ଆଇଟିବିପି, ମଣିପୁର, ପଶ୍ଚିମବଙ୍ଗ ବିଜୟୀ

**ଭୁବନେଶ୍ୱର, ୯ା୪ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ବୁଧବାର ଉତ୍ତରାଖଣ୍ଡ, ଆଇଟିବିପି, ମଣିପୁର ଓ ପଶ୍ଚିମବଙ୍ଗ ଦଳ ବିଜୟ ହାସଲ କରିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ୪ଟି ମ୍ୟାଚରେ ଉତ୍ତରାଖଣ୍ଡ ୯-୦ରେ ଚଣ୍ଡିଗଡ଼, ଆଇଟିବିପି ୮-୩ରେ ରାଜସ୍ଥାନ, ମଣିପୁର ୩-୧ରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ୬-୩ରେ ଛତିଶଗଡ଼କୁ ପରାସ୍ତ କରିଛି। ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଭିଜିଲାନ୍ସ ନିର୍ଦ୍ଦେଶକ ୟଶୱନ୍ତ ଜେଠୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି।

# ମେ ୧୮ରୁ କଳିଙ୍ଗ ବ୍ଲାକ୍ ଟାଇଗର୍ସର ଅଭ୍ୟାସ


ଆଶିଷ ଶବର


ମାଇକ ଫ୍ରାଇଡେ


ପେରି ବାକର

**ଭୁବନେଶ୍ୱର, ୯ା୪ (ତପନ ସ୍ୱାଇଁ)**

**ରଗ୍‌ବୀ ପ୍ରିମିୟର ଲିଗ୍**

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆସନ୍ତା ଜୁନ ୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍ ପାଇଁ ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲକ୍ ଟାଇଗର୍ସର ପ୍ରସ୍ତୁତ ହେଉଛି। ନିକଟରେ ମୁମ୍ବାଇରେ ଅନୁଷ୍ଠିତ ଆରପିଏଲ ନିଲାମରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିବା ଏହି ଦଳ ଓଡିଶା କ୍ରୀଡା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଜ୍ୟ ସହ ଉତ୍ତମ ସଂପର୍କ ରଖିଥିବା ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସଂସ୍ଥା 'ହଞ୍ଚ୍ ଭେଞ୍ଚର୍ସ'ର ପ୍ରତିଷ୍ଠାତା କରନ ପାଲ ସିଂଙ୍କ ସହଯୋଗରେ ଏହି ଫ୍ରାଞ୍ଚାଇଜ୍ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଆଶିଷ ଶବର ଏହି ଦଳରେ ଓଡିଶାର ପ୍ରତିନିଧିତ୍ୱ କରିବେ। ସେହିପରି ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଅଭ୍ୟାସ ମେ' ୧୮ରୁ ଜୁନ୍ ୧ ପର୍ଯ୍ୟନ୍ତ ଚାଲିବ। ରଗବୀପ୍ରେମୀମାନେ ଜିଓସିନେମା ଏବଂ ଡିଜନି+ହଟଷ୍ଟାରରେ ସମସ୍ତ ଆକ୍ସନକୁ ସିଧାସଳଖ ଦେଖିପାରିବେ।

ବିରଳ କଳା ବାଘଙ୍କଠାରୁ ପ୍ରେରଣା ନେଇ କଳିଙ୍ଗ ବ୍ଲାକ ଟାଇଗର୍ସ ଓଡିଶାର ଶକ୍ତି, ଚପଳତା ଏବଂ ଲଢୁଆ ଭାବନାର ପ୍ରତୀକକୁ ସୂଚିତ କରୁଛି। ଦଳ ଗଠନ ପରେ ରାଜ୍ୟରେ ଉତ୍ସାହ ପ୍ରକାଶ ପାଇଥିବାବେଳେ ଓଡିଶାର କ୍ରୀଡା ଇକୋସିଷ୍ଟମରେ ନୂଆ ଫର୍ଦ୍ଦ ଯୋଡି ହୋଇଛି। ନିଲାମରେ କଳିଙ୍ଗ ବ୍ଲାକ ଟାଇଗର୍ସ ଅନ୍ତର୍ଜାତୀୟ ଓ ଶୀର୍ଷ ଭାରତୀୟ ପ୍ରତିଭାଙ୍କ ମିଶ୍ରଣରେ ଏକ ପ୍ରଭାବଶାଳୀ ଦଳ ଗଠନ କରିଛି। ଏଥିରେ ପେରି ବେକର, ରୋସ୍କୋ ସ୍ପେସମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗବି ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଳିଙ୍ଗ ବ୍ଲାକ ଟାଇଗର୍ସର ମୁଖ୍ୟ କୋଚ୍ ହେଉଛନ୍ତି ମାଇକ ଫ୍ରାଇଡେ, ଯିଏକି ନିଜର ରଣନୀତି ଏବଂ ପରିବର୍ତ୍ତନକାରୀ ଲିଡରଶିପ୍ ପାଇଁ ବେଶ୍ ଜଣାଶୁଣା। ୟୁଏସଏ ରଗବି ଦ୍ୱାରା ନିଯୁକ୍ତ ଆମେରିକୀୟ ଜାତୀୟ ସେଭେନ୍ସ ଟିମର ମୁଖ୍ୟ ପ୍ରଶିକ୍ଷକ ଭାବେ ଦୀର୍ଘ ୧୦ ବର୍ଷ କାର୍ଯ୍ୟ କରିବା ପରେ ଫ୍ରାଇଡେ ଏବେ ନିଜର ବିଜୟ ମାନସିକତାକୁ ଟାଇଗର୍ସ ଦଳରେ ପ୍ରତିଫଳିତ କରିବାକୁ ପ୍ରସ୍ତୁତ। ଓଡିଶା ପୁରୁଷ ରଗବି ଦଳର ପୂର୍ବତନ ଅଧିନାୟକ ରାଜୀବ ନାଥ ସହକାରୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି।

ଓଡ଼ିଶାରେ ରଗ୍‌ବୀ ସମ୍ପ୍ରତି ବିଶେଷ କରି ଆଦିବାସୀ ସଂପ୍ରଦାୟର ଖେଳାଳିଙ୍କୁ ନେଇ ବେଶ୍ ସମୃଦ୍ଧ। ଏବେ ଜାତୀୟ ସ୍ତରରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ ନିଜର ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ। ରଗବିର ଆନ୍ତର୍ଜାତୀୟ ସ୍ତରରେ ବ୍ୟାପକ ଅନୁଗାମୀ ଅଛନ୍ତି ଏବଂ ଜାତୀୟ ସ୍ତରରେ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଓଡିଶା ଏବେ ବିଭିନ୍ନ କ୍ରୀଡାର ବିକାଶ ପାଇଁ କାର୍ଯ୍ୟ କରୁଥିବାରୁ ରଗବୀ ଏଥିରୁ ବେଶ ଉପକୃତ ହେବ ବୋଲି କଳିଙ୍ଗ ବ୍ଲାକ ଟାଇଗର୍ସର ସହ ମାଲିକ ତଥା ହଞ୍ଚ୍ ଭେଞ୍ଚର୍ସର ପ୍ରତିଷ୍ଠାତା କରନ ପାଲ ସିଂ କହିଛନ୍ତି। ''ଆମେ ବିଶ୍ୱର କୋଣ ଅନୁକୋଣରୁ ଆନ୍ତର୍ଜାତୀୟ ସ୍ତରରେ ଅସାଧାରଣ ଖେଳାଳି ଏବଂ ପ୍ରକୃତ ସାମର୍ଥ୍ୟ ଥିବା ସ୍ଥାନୀୟ ପ୍ରତିଭାମାନଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିଛୁ। କଳିଙ୍ଗ ବ୍ଲାକ ଟାଇଗର୍ସ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ଆମେ ସମସ୍ତେ ଖୁବ୍ ଉତ୍ସାହିତ। ପ୍ରତିଯୋଗୀତାରେ ପ୍ରଭାବୀ ପ୍ରଦର୍ଶନ ପାଇଁ କଠିନ ପରିଶ୍ରମ କରିବୁ ଏବଂ ଆରପିଏଲର ଉଦଘାଟନୀ ସଂସ୍କରଣକୁ ଜିତିବା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଦେବୁ'' ବୋଲି ମୁଖ୍ୟ କୋଚ୍ ମାଇକ ଫ୍ରାଇଡେ ପ୍ରକାଶ କରିଛନ୍ତି।


ନିକଟରେ ପଞ୍ଜାବରେ ଅନୁଷ୍ଠିତ ଜାତୀୟ ସିନିୟର ଶକ୍ତିଉତ୍ତୋଳନରେ ମହିଳା ଦଳଗତ ଚାମ୍ପିୟନ ହୋଇ ଓଡ଼ିଶା ଷ୍ଟ୍ରଙ୍ଗ ଓମେନ ଟ୍ରଫି ହାସଲ କରିଥିଲା। ଏହି ଟ୍ରଫି ବୁଧବାର ଭୁବନେଶ୍ୱରରେ ପହଞ୍ଚିବାପରେ ମହିଳା ଶକ୍ତିଉତ୍ତୋଳକମାନେ ଏହାକୁ ସ୍ୱାଗତ କରୁଛନ୍ତି।

## ଅପରାଜିତା ଭାରତର ପ୍ରଥମ ମହିଳା ଫେୟାର ପ୍ଲେ ଏକ୍ସପର୍ଟ

**ଭୁବନେଶ୍ୱର, ୯ା୪ (ତପନ ସ୍ୱାଇଁ)**


ଅପରାଜିତ ଗୋଛିକାର

ଓଡ଼ିଶା ଚେସ୍ ପାଇଁ ବୁଧବାର ଆସିଛି ଆଉ ଏକ ବଡ଼ ଖବର। ଅନ୍ତର୍ଜାତୀୟ ଚେସ୍ ମହାସଙ୍ଘ (ଫିଡେ) ପକ୍ଷରୁ ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଛିକାରଙ୍କୁ ସମ୍ମାନଜନକ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଉପାଧିରେ ସମ୍ମାନିତ କରାଯାଇଛି। ୨୦୨୫ରେ ଫିଡେର ପ୍ରଥମ ପରିଷଦ ବୈଠକ ସମୟରେ ଏହି ଘୋଷଣା କରାଯାଇଛି। ଚେସରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଅପରାଜିତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭାରତର ପ୍ରଥମ ମହିଳା ଭାବେ ଏହି ସମ୍ମାନ ପାଇ ଅପରାଜିତ ଇତିହାସ ରଚିବା ସହ ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି। ଅନ୍ତର୍ଜାତୀୟ ଚେସ୍ ମହାସଙ୍ଘ (ଫିଡେ) ଭାରତ, ଆର୍ମେନିଆ, ଇଂଲଣ୍ଡ, ଚେକ୍ ରିପବ୍ଲିକ୍, ଇସ୍ତୋନିଆ, ଗ୍ରୀସ୍, ଇରାନ୍, ଇଟାଲି, ନରୱେ, ଉରୁଗୁଏ ଓ ଜାମ୍ବିଆ୍‌ର ମୋଟ ୧୨ ଜଣଙ୍କୁ ଏଫପିଇ ଉପାଧି ପ୍ରଦାନ କରିଛି। ଯେଉଁଥିରେ ମହାରାଷ୍ଟ୍ରର ଅଥର୍ବ ଗଡବୋଲେ ଏବଂ ଓଡିଶାର ଆପାରାଜିତା ଗୋଛିକାର ସାମିଲ ଅଛନ୍ତି। ଜଣେ ଗର୍ବିତ ଭାରତୀୟ ଭାବେ ଅପରାଜିତା ଚେନ୍ନାଇରେ ଫିଡେ ଚେସ୍ ଅଲିମ୍ପିଆଡ୍ ୨୦୨୨, ଗାନ୍ଧିନଗରରେ ଏଫପିଇ ସେମିନାର, ଇଟାଲିରେ ବିଶ୍ୱ ଯୁବ ଚାମ୍ପିୟନଶିପ୍ ଭଳି ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଇଟାଲିର ୟୁରି ଗ୍ୟାରେଟ୍ ଓ ସ୍କଟଲାଣ୍ଡର ହୋବି ଆଣ୍ଡ୍ରୁଙ୍କ ତତ୍ତ୍ୱାବଧାନରେ ୪ଟି ନର୍ମ ହାସଲ କରିଥିଲେ।

## ୧୯ ବର୍ଷରୁ କମ୍ ବାଳିକା ଏଲିଟ୍ କ୍ୟାମ୍ପରେ ବିଜୟଲକ୍ଷ୍ମୀ



**ଭୁବନେଶ୍ୱର, ୯ା୪ (ଅନାଦି କର):** ୨୦୨୪-୨୫ ଘରୋଇ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶାର ବିଜୟ ଲକ୍ଷ୍ମୀ ବେହେରାଙ୍କୁ ସମ୍ମାନଜନକ ଏନ୍‌ସିଏ ୧୯ ବର୍ଷରୁ କମ୍ ବାଳିକା ଏଲିଟ୍ କ୍ୟାମ୍ପରେ ଅଂଶଗ୍ରହଣ କରିବା ଲାଗି ଚୟନ କରାଯାଇଛି। ଏହି କ୍ୟାମ୍ପ ଚଳିତ ମାସ ୨୫ ତାରିଖରୁ ମେ' ୨୧ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ଚାଲିବ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ପଦାଧିକାରୀ ବିଜୟ ଲକ୍ଷ୍ମୀଙ୍କୁ ଏଲିଟ୍ କ୍ୟାମ୍ପରେ ଚୟନ ହେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ଆଲ୍‌ଫା, ରାମେଶ୍ୱର ବିଜୟୀ

**ଭୁବନେଶ୍ୱର, ୯ା୪ (ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୨ଟି ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଆଲ୍‌ଫା ସ୍ପୋର୍ଟିଂ ଓ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତା କମଳା ପରିଡ଼ା ଓ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଭାବେ ବିବେଚିତ ହେଉଛି। ୧୮ ବର୍ଷରୁ କମ୍ ବର୍ଗରେ ଆଲ୍‌ଫା ୧୦୯ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଆଲ୍‌ଫା ୩୦ ଓଭରରେ ୯ ଉଇକେଟ ହରାଇ ୨୨୦ ରନ କରିଥିଲା। ବିଜୟୀ ଦଳର ଉଦିତ ଜଟ ୫ ଉଇକେଟ ସଫଳତା ପାଇଥିଲେ। ବ୍ୟବସାୟୀ ତଥା ଯୁବ ନେତା ଅମରେଶ ପରିଡ଼ା ଅତିଥିଭାବେ ଯୋଗଦେଇ ଉଦିତ ଜଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ୨ ଉଇକେଟରେ ସହିଦ ସ୍ପୋର୍ଟିଂକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ପ୍ରଭାବୀ ବୋଲିଂ କରିଥିବା ଆହ୍ୱାନ ମିଶ୍ର ଓ ୩୬ ରନ କରିଥିବା ଆକାଶ ସାହୁ ଯୁଗ୍ମଭାବେ ପୁରସ୍କୃତ ହୋଇଥିଲେ। ବିଏସ୍‌ଏନ୍‌ଏଲ୍‌ର ସହକାରୀ ମ୍ୟାନେଜର ଅମରେନ୍ଦ୍ର ପ୍ରସାଦ ବଳ ଅତିଥିଭାବେ ଯୋଗ ଦେଇଥିଲେ।



ଆହ୍ୱାନ ମିଶ୍ର ଓ ଆକାଶ ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଆଇପିଏଲ୍ ବେଟିଂ ରାକେଟ ଠାବ : ୩୪ ଗିରଫ

**ପଣଜୀ,୯ା୪**

ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ବେଆଇନ ଗ୍ୟାମ୍ବଲିଂ ଓ ବେଟିଂ ସହ ସମ୍ପୃକ୍ତ ୩୪ ଜଣଙ୍କୁ ଗୋଆ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତମାନେ ରେଡ୍ଡୀ, ଲୋଟସ ଓ ଲାୟନକିଙ୍ଗ୍୨୪୭ ଡଟ୍ ବେଟ୍ ଭଳି ମୋବାଇଲ ଆପ୍ଲିକେଶନ ବ୍ୟବହାର କରୁଥିଲେ। ପୋଲିସ ଚଢ଼ାଉକରି ଘଟଣାସ୍ଥଳରୁ ୧୮ଟି ମୋବାଇଲ ଫୋନ୍, ୫ଟି ଲାପ୍‌ଟପ୍, ୩ ଭାରତୀୟ ପାସ୍‌ପୋର୍ଟ, ୧୧ଟି ବ୍ୟାଙ୍କ ପାସ୍‌ବୁକ୍, ୮ଟି ଚେକ୍‌ବୁକ୍, ୫୪ ସିମ୍‌କାର୍ଡ ଓ ବିଭିନ୍ନ ବ୍ୟାଙ୍କର ୩୬୩ ଏଟିଏମ୍ କାର୍ଡ ଜବତ କରିଛି।

## ଭାରତୀୟ ଦଳର ଚୟନ ଟ୍ରାଏଲ୍ସ ଆରମ୍ଭ

**ଭୁବନେଶ୍ୱର, ୯ା୪ (ତପନ ସ୍ୱାଇଁ)**

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ମହିଳା ଭଲିବଲ ଏବଂ ମହିଳା ଓ ପୁରୁଷ ଟେନିସ ପାଇଁ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ଚୟନ ଟ୍ରାଏଲ୍ସ ବୁଧବାର କିଟ୍ ପରିସରରେ ଆରମ୍ଭ ହୋଇଛି। ଜର୍ମାନୀର ରିନେ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚୟନ ଟ୍ରାଏଲ୍ସରେ ୭୦ ଜଣ ପ୍ରତିଭା ସମ୍ପନ୍ନ ଭଲିବଲ ଏବଂ ୫୬ ଟେନିସ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସାମିଲ। ଭଲିବଲ ଓ ଟେନିସ ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆଥଲେଟିକ୍ସ ଓ ବ୍ୟାଡ୍‌ମିଣ୍ଟନ ଚୟନ ଟ୍ରାଏଲ୍ସ ମଧ୍ୟ ଅନୁଷ୍ଠିତ ହେବ। ପୂର୍ବରୁ ଗତ ମାର୍ଚ୍ଚରେ ଏଠାରେ ଆର୍ଚେରୀ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଯାଇଛି। ଭଲିବଲ ଟ୍ରାଏଲ୍ସ ପାଇଁ ଭାରତୀୟ ଭଲିବଲ ଦଳର କୋଚ୍ ଜି.ଇ. ଶ୍ରୀଧରନ, ଏଫ୍‌ଆଇଭିବି ଲେଭଲ-୨ କୋଚ୍ ସୁଧାଂଶୁ ଭୂଷଣ ମିଶ୍ର, ଏମ୍‌ଜିୟୁ କୋଟାୟାମର ସ୍କୁଲ ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ସାଇନ୍ସେସର ନିର୍ଦ୍ଦେଶକ ବିନୁ ଜର୍ଜ ଭର୍ଗେସେ, ଓଡ଼ିଶାରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଇନ୍‌ଚାର୍ଜ ତ୍ରୈଲୋକ୍ୟନାଥ ସାହୁ ଏବଂ କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଚୟନ କମିଟି ସଦସ୍ୟ ରହିଛନ୍ତି। ସେହିପରି ଅନ୍ତର୍ଜାତୀୟ ଟେନିସ ଖେଳାଳି ଚିନ୍ମୟ ପ୍ରଧାନ, ଅଷ୍ଟ୍ରେଲିଆ ଟେନିସ କୋଚ୍ ଯଡ୍ କ୍ଲାର୍କ, ବିନୁ ଜର୍ଜ, ତ୍ରୈଲୋକ୍ୟନାଥ ଓ ଗଗନେନ୍ଦୁ ଚୟନ କମିଟିରେ ରହିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।


ଚୟନ ଟ୍ରାଏଲ୍ସରେ ଭାଗ ନେଉଥିବା ଟେନିସ ଖେଳାଳି।

# ଗୁଜରାଟର ପ୍ରଭାବୀ ବ୍ୟାଟିଂ

**ଅହମ୍ମଦାବାଦ,୯ା୪**

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ଗୁଜରାଟ ଟାଇଟନ୍ସ (ଜିଟି) ଓ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ପରସ୍ପରକୁ ଭେଟିଛନ୍ତି। ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ବଳରେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଗୁଜରାଟ ପ୍ରତିପକ୍ଷ ରାଜସ୍ଥାନ ଆଗରେ ୨୧୮ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ନାଲି ମାଟିର ହାଇ ସ୍କୋରିଂ ପିଚରେ କାକର ପଡ଼ିବାର ସମ୍ଭାବନା ଥିବା ସତ୍ତ୍ୱେ ଏହି ଟାର୍ଗେଟକୁ ହାସଲ କରିବା ରାଜସ୍ଥାନ ପକ୍ଷେ ସହଜ ହେବ ନାହିଁ। ଦଳର ଟପ ୩ ବ୍ୟାଟରଙ୍କ ପ୍ରଦର୍ଶନ ଉପରେ ସବୁ କିଛି ନିର୍ଭର କରେ।

ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ଅଧିନାୟକ ଶୁବମନ ଗିଲ(୨)ଙ୍କ ଉଇକେଟ ହରାଇଥିଲା। ତାଙ୍କୁ ଜୋଫ୍ରା ଆର୍ଚର ତୃତୀୟ ଓଭରରେ କ୍ଲିନ୍ ବୋଲ୍ଡ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ପରେ ସୁଦର୍ଶନ ଓ ଜୋସ ବଟଲରଙ୍କ ମଧ୍ୟରେ ଦ୍ୱିତୀୟ ଉଇକେଟରେ ୮୦ ରନର ଭାଗୀଦାରି ହୋଇଥିଲା। ୨୫ ବଲରେ ୫ ଚୌକା ସହ ୩୬ ରନ କରି ସେଟ୍ ହୋଇସାରିଥିବା ବଟଲରଙ୍କୁ ମହିଶ ଥିକ୍ଷଣା ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ଏହାପରେ ସୁଦର୍ଶନ ଓ ଶାହରୁଖ ଖାନ ତୃତୀୟ ଉଇକେଟରେ ୩୪ ବଲରେ ଦଳୀୟ ସ୍କୋରରେ ୬୨ ରନ ଯୋଡ଼ିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ଶାହରୁଖ ୨୦ ବଲରେ ୪ ଚୌକା ଓ ୨ ଛକା ସହିତ ୩୬ ରନ କରିଥିଲେ। ଶାହରୁଖଙ୍କୁ ତିକ୍ଷଣା ଉଇକେଟ କିପର ସଞ୍ଜୁ ସାମସନଙ୍କ ହାତରେ ଷ୍ଟମ୍ପ୍ ଆଉଟ୍ କରାଇଥିଲେ। ଶେରଫାନେ ରଦରଫୋର୍ଡ (୭) ବିଫଳ ହୋଇଥିଲେ। ସୁଦର୍ଶନ ୫୩ ବଲରେ ୮୨ ରନ କରି ପ୍ୟାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୮ ଚୌକା ଓ ୩ ଛକା ସାମିଲ ଥିଲା। ଚଳିତ ଆଇପିଏଲ୍‌ରେ ଏହା ତାଙ୍କର ତୃତୀୟ ଅର୍ଦ୍ଧଶତକ ଥିଲା। ଶେଷ ଆଡ଼କୁ ରଶିଦ ଖାନ୍ ୧୨ (ଗୋଟିଏ ଲେଖାଏ ଚୌକା ଓ ଛକା) ଓ ରାହୁଲ ତେୱାଟିଆ ୨୪ (ଦୁଇଟି ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଫଳରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୭ ରନ କରିଥିଲା। ରାଜସ୍ଥାନ ପକ୍ଷରୁ ଥିକ୍ଷଣା ଓ ତୁଷାର ଦେଶପାଣ୍ଡେ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର ଓ ସନ୍ଦୀପ ଶର୍ମା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।


ଶଟ୍ ଖେଳିବା ଅବସରରେ ସାଇ ସୁଦର୍ଶନ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୧୭/୬ (ସାଇ ସୁଦର୍ଶନ-୮୨, ଜୋସ ବଟଲର-୩୬, ଶାହରୁଖ ଖାନ-୩୬, ରାହୁଲ ତେୱାଟିଆ-୨୪*, ମହିଶ ତିକ୍ଷଣା-୨/୫୩, ତୁଷାର ଦେଶପାଣ୍ଡେ-୨/୫୩ , ଜୋଫ୍ରା ଆର୍ଚ୍ଚର-୧/୩୦, ସନ୍ଦୀପ ଶର୍ମା- ୧/୪୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ବେଙ୍ଗାଲୁରୁ ବନାମ ଦିଲ୍ଲୀ

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୧.୦୩୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ